CMYK

- Vol.- 45, Issue No. 98
- Tuesday, 8 July 2025
- ମଙ୍ଗଳବାର, ୮ ଜୁଲାଇ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### ବନମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

# ୨୦୩୬ ସୁଦ୍ଧା ସବୁଜ ଓଡ଼ିଶା ଗଠନ ଲକ୍ଷ୍ୟ





- ୧୦ ଲକ୍ଷ 'ସବୁଜ ଜୀବିକା' ସୃଷ୍ଟି କରାଯିବ
- ପରିବେଶ-ପର୍ଯ୍ୟଟନ: ରାଜ୍ୟକୁ ମଡେଲ ଭାବେ ବିକଶିତ କରାଯିବ
- ଔଷଧୀୟ ଉଦ୍ଭିଦ ପାଇଁ ୧୦୦ରୁ ଅଧିକ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ହେବ
- ଚଳିତ ବର୍ଷ ୧୮ ଲକ୍ଷ ତାଳଗଛ ରୋପଣ କରାଯିବ

ଭୁବନେଶ୍ୱର,୭ ।୭(ନିପ୍ର): ରାଜ୍ୟରେ ଜଙ୍ଗଲ ସମ୍ପଦର ବିକାଶ, ବନ୍ୟପ୍ରାଣୀ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଆଦି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି କାର୍ଯ୍ୟରେ କ୍ଷେତ୍ର କର୍ମଚାରୀ ଓ ଜନସାଧାରଣଙ୍କୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଏହି ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ କରାଯାଇଛି । ସୋମବାର ପୁରୁଣା ଭୁବନେଶ୍ୱର ସ୍ଥିତ ବିଏମ୍ ହାଇସ୍କୁଲରେ ଆୟୋଜିତ ବନମହୋତ୍ସବ ସପ୍ତାହ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ଏହି ନୂତନ ପୁରସ୍କାର ଆଜିଠାରୁ ହିଁ ଲାଗୁ ହୋଇଛି। ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ବନ ସୁରକ୍ଷା ଓ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟ ସ୍ତରୀୟ ପୁରସ୍କାର ଯୁଗ୍ମ ଭାବେ ପାଇଛନ୍ତି କଳାହାଣ୍ଡିର 'ତୁଲଙ୍ଗପଦର ବନ ସୁରକ୍ଷା ସମିତି' ଏବଂ କରଞ୍ଜିଆ ଫରେଷ୍ଟ ଡିଭିଜନର 'ପାହାଡପୁର ବନ ସୁରକ୍ଷା ସମିତି'। ଉଭୟଙ୍କୁ ମିଳିତ ଭାବେ ୪ ଲକ୍ଷ ଟଙ୍କା ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। କଳାହାଣ୍ଡି ନର୍ଥ ଫରେଷ୍ଟ ଡିଭିଜନର ତୁଲଙ୍ଗପଦର ବନ ସୁରକ୍ଷା ସମିତି ବଜାରଗଡ ଜଙ୍ଗଲର ୫୦ ହେକ୍ଟର ଅଞ୍ଚଳରେ ବୃକ୍ଷ ରୋପଣ କରି ଏହି ଅବକ୍ଷୟ ପ୍ରାପ୍ତ ଜଙ୍ଗଲର ପୁନରୁଦ୍ଧାର କରିପାରିଛନ୍ତି। ଏହି ସମିତିର ଉଦ୍ୟମ ଯୋଗୁଁ ଗତ ତିନି ବର୍ଷରେ ଏହି ଜଙ୍ଗଲରେ ଗୋଟିଏ ବି ବନାଗ୍ନି ଘଟଣା ଘଟି ନାହିଁ। ସେହିପରି କରଞ୍ଜିଆ ଫରେଷ୍ଟ ଡିଭିଜନର ପାହଡପୁର ବନ ସୁରକ୍ଷା ସମିତି ବୁଢ଼ିପାଟ ଜଙ୍ଗଲର ୧୫୯ ହେକ୍ଟର ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରି ଜଙ୍ଗଲର ସୁରକ୍ଷା କରିଛନ୍ତି। ଗତ ୫ବର୍ଷ ମଧ୍ୟରେ ଏହି ଜଙ୍ଗଲରେ ଗୋଟିଏ ବି ବନାଗ୍ନି ଘଟଣା ଘଟି ନାହିଁ। ଏହା ସହିତ ମନୁଷ୍ୟ-ହାତୀ ସଂଘର୍ଷ ଘଟଣା ମଧ୍ୟ ନିୟନ୍ତ୍ରଣକୁ ଆସିପାରିଛି।ଏହି କାର୍ଯ୍ୟକ୍ରମରେ ନିଜର ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଏକ ସୁନ୍ଦର ଓ ସବୁଜ ଓଡିଶା ଗଠନ କରିବା ପାଇଁ କହିଲେ ଯେ, ୨୦୩୬ ସୁଦ୍ଧା ଭିଜନ ଓଡିଶା କାର୍ଯ୍ୟକ୍ରମରେ 'ସବୁଜ ଓଡିଶା' ଗଠନ ଏକ ପ୍ରମୁଖ ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ ପାଇଁ ସମ୍ପ୍ରଦାୟ ନେତୃତ୍ୱାଧୀନ ଜଙ୍ଗଲ ଉଦ୍ୟୋଗ ମାଧ୍ୟମରେ ୧୦ ଲକ୍ଷ ସବୁଜ ଜୀବିକା ସୃଷ୍ଟି କରାଯିବ ଏବଂ ଓଡ଼ିଶାକୁ ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ବିକଶିତ କରାଯିବ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ସବୁଜ ଓଡିଶା ଯୋଜନାରେ ଆଦିବାସୀମାନଙ୍କ ରୋଜଗାର ବୃଦ୍ଧି ପାଇଁ ଶାଳ, ତେନ୍ତୁଳି, ବାଁଉଶ ଓ ଔଷଧୀୟ ଉଦ୍ଭିଦ ପାଇଁ ୧୦୦ ରୁ ଅଧିକ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ ଏହାଦ୍ୱାରା ୫ ହଜାର କୋଟି ଟଙ୍କାରୁ ଅଧିକ ଆୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ 'ଏକ୍ ପେଡ୍ ମା' କେ ନାମ-୨.୦' ଅଭିଯାନରେ ୭.୫ କୋଟି ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ସେହିପରି ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତ ବର୍ଷ ସରକାର ୧୯ ଲକ୍ଷ ତାଳଗଛ ରୋପଣ କରିଥିଲେ ଏବଂ ଚଳିତ ବର୍ଷ ୧୮ ଲକ୍ଷ ତାଳ ଗଛ ରୋପଣ କରାଯିବ । ବନ୍ୟପ୍ରାଣୀ ସଂଘର୍ଷରେ ଲୋକଙ୍କ ମୃତ୍ୟୁ ହେଲେ ସହାୟତା ରାଶି ୬ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଲେ ଯେ,ପରିବେଶ, ଅର୍ଥନୀତି ଏବଂ ମାନବ କଲ୍ୟାଣ ପାଇଁ ଜଙ୍ଗଲ ବହୁମୁଖୀ ହିତ ସାଧନ କରେ।

## ସରିଲା ଅଧରପଣା ନୀତି

### ରଥ ଉପରେ ଭଙ୍ଗାଗଲା ହାଣ୍ଡି



ପୁରୀ,୭ ।୭: ସୋମବାର ତିନିରଥ ଉପରେ ତିନିଠାକୁର ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଅଧରପଣା ନୀତି ରାତି ୯ ଟା ସୁଦ୍ଧା ସମ୍ପନ୍ନ ହୋଇଛି। ପାର୍ଶ୍ୱ ଦେବାଦେବୀ, ଚଣ୍ଡୀଚାମୁଣ୍ଡା ଓ ଅଶରୀରୀଙ୍କ ଶାନ୍ତିବିଧାନ କରିବା ପାଇଁ ଅଧରପଣା ନୀତି କରାଯାଇଥାଏ । ଲାଗି ହେବା ପରେ ଅଧର ହାଣ୍ଡିକୁ ରଥ ଉପରେ ଭଙ୍ଗାଯାଇଛି। ସ୍ୱତନ୍ତ୍ର ଭାବେ ଏହି ପଣାକୁ ଶ୍ରୀବିଗ୍ରହଙ୍କର ଅଧର ପର୍ଯ୍ୟନ୍ତ ନିର୍ମିତ ୩ଟି ତୁମ୍ୱକାର ହାଣ୍ଡିରେ ପ୍ରସ୍ତୁତ କରାଯାଇଥାଏ । ବଡ଼ଓଡ଼ିଆ ମଠ, ରାଘବଦାସ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଦତ୍ତ ଛେନା, ଛାଚି, କ୍ଷୀର, ସର, ଗୋଲମରିଚ, କର୍ପୂର, ଜାଇଫଳ, କଦଳୀ ଆଦିକୁ ମିଶ୍ରଣ କରାଯାଇ ପଣା ପ୍ରସ୍ତୁତ କରାଯାଏ । ବିଶ୍ୱାସ ରହିଛି ଯଜ୍ଞ ପୂଜା ଦ୍ୱାରା ରଥଯାତ୍ରା ସମୟରେ ଶ୍ରୀଜିଉମାନଙ୍କ ସହିତ ବହୁ ଦେବାଦେବୀ, ଚଣ୍ଡୀ ଚାମୁଣ୍ଡା ଯାତ୍ରା କରିଥାନ୍ତି । ସେମାନଙ୍କ ସନ୍ତୁଷ୍ଟି ପାଇଁ ଅଧରପଣା କରାଯାଇ ରଥ ଉପରେ ହାଣ୍ଡି ଭଙ୍ଗାଯାଏ । ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତି ରହିଛି। ନବଦିନାତ୍ମକ ଯାତ୍ରା ସାରି ରତ୍ନ ସିଂହାସନକୁ ବାହୁଡ଼ିବେ। ବୁଧବାରଠୁ ଶ୍ରୀମନ୍ଦିରରେ ପୁଣି ଶ୍ରଦ୍ଧାଳୁଙ୍କୁ ନୀଳାଚଳ ଅବଢା ମିଳିବ।

## ଭିଜିଲାନ୍ସ ଜାଲରେ ବିଡିଓ ଓ ପିଏ

ରେଢ଼ାଖୋଲ,୭ ।୭(ନିପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ରେଢାଖୋଲ ଉପଖଣ୍ଡର ବିଡିଓ ଓ ପିଏ । ବ୍ଲକ ଭେଟେରେନାରୀ ଅଫିସର ଶୁଭ ପ୍ରକାଶ ସୋରେନ ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟ(ପିଏ) ମହେଶ୍ୱର ସାହୁ ଧରାପଡିଛନ୍ତି । ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ସମ୍ବଲପୁର ଭିଜିଲାନ୍ସ ଉଭୟଙ୍କୁ ଧରିଥିଲା। ବ୍ରଏଲର ଫାର୍ମ ସବସିଡି ବାବଦ ୫୪ ହଜାର ରିଲିଜ ପାଇଁ ସେମାନେ ଲାଞ୍ଚ ନେଉଥିଲେ । ଧରାପଡିବା ପରେ ଦୁଇ ଅଧିକାରୀଙ୍କ ଘରେ ମଧ୍ୟ ଚଢ଼ଉ କରାଯାଇଛି ।

## ସରିଲା ରତ୍ନ ଭଣ୍ଡାର ମରାମତି

### ସ୍ୱତନ୍ତ୍ର ଏସଓପିରେ ହେବ ଗଣତି ମଣତି

ପୁରୀ,୭ ।୭: ସୋମବାର ରତ୍ନ ଭଣ୍ଡାର ମରାମତି କାର୍ଯ ଶେଷ ହୋଇଛି । ୯୫ଦିନରେ ୩୩୨ଘଣ୍ଟା ୪୭ ମିନିଟ ବା ପ୍ରାୟ ୩୩୩ ଘଣ୍ଟା ଧରି କାର୍ଯ୍ୟ କରାଯାଇଅଛି। ଗ୍ରାନାଇଟ ଚଟାଣ ନିର୍ମାଣ ସହ ଛାତରେ ୧୫ ଗୋଟି ଷ୍ଟେନଲେସ ଷ୍ଟିଲ ବିମ୍ ଲଗାଯାଇଅଛି । ୫୨୦ ଟି ପଥର ବଦଳ ଯାଇଛି । ବର୍ମା ଟିକ୍ କାଠରେ ଦ୍ୱାର ହୋଇଥିବା ବେଳେ ବାହାର ଭଣ୍ଡାର ଘର ଦୁଆର ରୁପା ଛାଉଣି କରାଯିବ । ଗଜପତି ମହାରାଜାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟ କରାଯାଇଅଛି । ପ୍ରାଥମିକ ଭାବେ ଅସ୍ଥାୟୀ ଭଣ୍ଡାର ଘରୁ ରତ୍ନଗୁଡିକୁ ସ୍ଥାନାନ୍ତର କରାଯିବ। ଏହା ପରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସ୍ୱତନ୍ତ୍ର ଏସଓପି ମାଧ୍ୟମରେ ରତ୍ନ ଭଣ୍ଡାରର ରତ୍ନଗୁଡିକର ଗଣତି ମଣତି କାର୍ଯ୍ୟ କରାଯିବ । ୧୪ ଜୁଲାଇ ୨୦୨୪ ରତ୍ନ ଭଣ୍ଡାର ଖୋଲାଯାଇଥିଲା । ପ୍ରାଥମିକ ଭାବେ ପ୍ରଥମେ ବାହାର ରତ୍ନ ଭଣ୍ଡାରର ସମସ୍ତ ଅଳଙ୍କାର ସ୍ଥାନାନ୍ତର କରାଯାଇଥିଲା । ଅଗଷ୍ଟ ୨୩ ତାରିଖରେ ଆଇରନ ସିନ୍ଦୂକ ସ୍ଥାନାନ୍ତର ହୋଇଥିଲା । ପରେ ସେପ୍ଟେମ୍ବର ୨୪ ତାରିଖରେ ଏଏସଆଇ ଅଧିକାରୀମାନଙ୍କ ସ୍ୱତନ୍ତ୍ର ଟିମ ଯାଞ୍ଚ କରିଥିଲା । ପରେ ରିପୋର୍ଟ ଆଧାରରେ ୧୭ ଡିସେମ୍ବରର କାର୍ଯ୍ୟ ଆରମ୍ଭ ହୋଇଥିଲା । ଯାହାକି ୨୮ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ଜାରି ରହିଥିଲା । ତେବେ ଭଣ୍ଡାର ମରାମତି କାର୍ଯ୍ୟ କରିବାକୁ ପ୍ରାୟ ୬ ମାସରୁ ଅଧିକ ସମୟ ଲାଗିଥିଲା। ଏ ନେଇ ବିସ୍ତୃତ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ।



## ମୁଣ୍ଡଳିରେ ଆଜି ପହଞ୍ଚିବ ବନ୍ୟାଜଳ

### ତଳମୁଣ୍ଡରେ ବନ୍ୟା ସ୍ଥିତି ଉପୁଜିପାରେ

ଭୁବନେଶ୍ୱର,୭ ।୭: ଉପରମୁଣ୍ଡରେ ପ୍ରବଳ ବର୍ଷା ପରେ ଏବେ ରାଜ୍ୟର ବିଭିନ୍ନ ନଦୀଜଳ ଉଚ୍ଛୁଳୁଛି । ଉତ୍ତରରୁ ଉପକୂଳ, ଦୁର୍ଦ୍ଦଶା ବଢାଇଲାଣି ବନ୍ୟାଜଳ । ଏସବୁ ଭିତରେ ହୀରାକୁଦ ଜଳଭଣ୍ଡାରରୁ ୨୦ ଗେଟ୍ ଦେଇ ନିଷ୍କାସିତ ହେଉଛି ଜଳ। ପ୍ରତି ସେକେଣ୍ଡରେ ୩ ଲକ୍ଷ ୩୪ ହଜାର ୭୩୫ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ହୀରାକୁଦର ବନ୍ୟାଜଳ ମଙ୍ଗଳବାର ମୁଣ୍ଡଳିରେ ପହଞ୍ଚିବ । ସାଢେ ୪ ଲକ୍ଷ କ୍ୟୁସେକ୍ ପାଣି ମୁଣ୍ଡଳିରେ ପହଞ୍ଚିବ । ଏବେ ତଳମୁଣ୍ଡରେ ବନ୍ୟା ସ୍ଥିତି ନାହିଁ । କିନ୍ତୁ ଉପରମୁଣ୍ଡରେ ପୁଣି ବର୍ଷା ହେଲେ ହୀରାକୁଦ ଗେଟ୍ ଖୋଲିବ । ଯାହା ତଳମୁଣ୍ଡରେ ବନ୍ୟାସ୍ଥିତି ସୃଷ୍ଟି କରିପାରେ । ଲଗାଣ ବର୍ଷା ପରେ ଏବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟା ସ୍ଥିତି । ଶିମିଳିପାଳ ଉପର ମୁଣ୍ଡରେ ପ୍ରବଳ ବର୍ଷା ପାଇଁ ଦେଓ ନଦୀର ଜଳସ୍ତର ବଢ଼ିଛି । କଇଁସାରିରେ ଥିବା ଜାମୁଘାଟ ପୋଲ ଉପରେ ୩ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେବାରୁ ଉଦଳା-ବାଲେଶ୍ୱର ସମେତ ୮ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବୈତରଣୀ ଫୁଲିବା ହେତୁ ଆଖୁଆପଦା ନିକଟରେ ଜଳସ୍ତର ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି । ଉପରମୁଣ୍ଡରେ ବର୍ଷା ହେଉଥିବାରୁ ନଦୀକୂଳିଆ ଲୋକଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି।

## ରାଜ୍ୟ ବିଜେପି: ମନମୋହନ ପୁଣି ମଙ୍ଗୁଆଳ



ଭୁବନେଶ୍ୱର,୭ ।୭: ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟ ବିଜେପି ସଭାପତି ପଦ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ସୋମବାର ନାମାଙ୍କନ ଦାଖଲ କରିଛନ୍ତି। ଫଳରେ ଚତୁର୍ଥ ଥର ପାଇଁ ରାଜ୍ୟ ବିଜେପିର ସେ ମଙ୍ଗୁଆଳ ହେବାକୁ ଯାଉଛନ୍ତି ।କେବଳ ଔପଚାରିକ ଘୋଷଣା ବାକି ରହିଛି । ରାଜ୍ୟରେ ବିଜେପିକୁ କ୍ଷମତାକୁ ଆଣିବାରେ ୬୬ ବର୍ଷୀୟ ମନମୋହନ ସାମଲଙ୍କ ପ୍ରମୁଖ ଭୂମିକା ରହିଥିଲା । ତାଙ୍କ ନେତୃତ୍ୱରେ ଦଳ ଲଢୁଥିଲା । ଏହା ପୂର୍ବରୁ ଶ୍ରୀ ସାମଲ ରାଜ୍ୟ ବିଜେପିର ସଭାପତି ଭାବେ ତିନି ଥର କାର୍ଯ୍ୟ କରିସାରିଛନ୍ତି। ୨୦୦୪ରେ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୧୩ଶ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ବିଜେପି-ବିଜେଡି ମେଣ୍ଟ ସରକାରରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ ଶ୍ରୀ ସାମଲ। ତାଙ୍କର ସଂଗଠନରେ ବରିଷ୍ଠତା ଓ ସରକାରରେ ଅଭିଜ୍ଞତା ଯୋଗୁଁ କେନ୍ଦ୍ରୀୟ ନେତୃତ୍ୱ ମନମୋହନଙ୍କ ଉପରେ ପୁଣି ଭରସା କରିଛନ୍ତି। ଚତୁର୍ଥ ଥର ଦାୟିତ୍ୱ ଗ୍ରହଣ କରିବା ସହ ତାଙ୍କ ଆଗରେ ସମ୍ଭାବ୍ୟ ଆହ୍ୱାନଗୁଡ଼ିକ ମଧ୍ୟରେ ସଂଗଠନକୁ ଅଧିକ ସଜାଡ଼ିବା ତଥା ମଜଭୁତ କରିବା, ସରକାର ଓ ଦଳ ମଧ୍ୟରେ ସମନ୍ୱୟ ରଖିବା, ନିଗମ ଓ ବୋର୍ଡ ନେତାଙ୍କୁ ଥଇଥାନ କରିବା ସର୍ବୋପରି ୨୦୩୬ ବିକଶିତ ଓଡିଶା ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ବୋଲି କୁହାଯାଇଛି।

## ଖୁବଶୀଘ୍ର ବଡ଼ ଧରଣର ନିଯୁକ୍ତି ପ୍ରକ୍ରିୟା !

ଭୁବନେଶ୍ୱର,୭ ।୭: ରାଜ୍ୟରେ ଖୁବଶୀଘ୍ର ବଡ଼ ଧରଣର ନିଯୁକ୍ତି ପାଇଁ ପ୍ରକ୍ରିୟା ରାଜ୍ୟ ସରକାର ଆରମ୍ଭ କରିବାକୁ ଯାଉଛନ୍ତି । ଖୁବଶୀଘ୍ର ବସିବ ସଚିବସ୍ତରୀୟ ବୈଠକ । ତା ପୂର୍ବରୁ ବିଭିନ୍ନ ବିଭାଗରେ ଖାଲିପଡ଼ିଥିବା ପଦବୀର ତାଲିକା ଦେବାକୁ ସବୁ ବିଭାଗକୁ ସାଧାରଣ ପ୍ରଶାସନ ବିଭାଗ କହିଛି । କେଉଁ ବିଭାଗରେ କେତେ ପଦବୀ ଖାଲି ପଡିଛି, କେତେ ପୂରଣ ହୋଇଛି, ତାହାକୁ ନିଯୁକ୍ତି ପୋର୍ଟାଲରେ ଦର୍ଶାଇବାକୁ ନିର୍ଦ୍ଦେଶ ଦିଆଯାଇଛି । କାରଣ ଭିଜନ-୨୦୩୬ କଥା କହୁଥିବା ସରକାର ନିଯକ୍ତିକୁ ଗୁରୁତ୍ୱ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ୪୧ଟି ବିଭାଗରେ ମଞ୍ଜୁରୀପ୍ରାପ୍ତ ପଦ ହେଉଛି ୩ ଲକ୍ଷ ୮୭ହଜାର ୭୦୬ । ଖାଲିପଡ଼ିଛି ୯୬ ହଜାର ୮୫୪ ପଦ । ୨୬ହଜାର ୫୮୨ ପଦ ପୂରଣ ପାଇଁ ମଞ୍ଜୁରି ମିଳିଛି । ବିଶେଷକରି ସ୍ୱାସ୍ଥ୍ୟ, ଗୃହ, ସ୍କୁଲ ଓ ଗଣଶିକ୍ଷା, କୃଷି ଓ ପଶୁସମ୍ପଦ ବିଭାଗ ଭଳି ପ୍ରମୁଖ ବିଭାଗରେ ଅନେକ ପଦ ଖାଲି ପଡ଼ିଥିବା ଏକ ସୂତ୍ରରୁ ପ୍ରକାଶ।

## ବଜ୍ରାଘାତରେ ଗଲା ୨ ଚାଷୀଙ୍କ ଜୀବନ



ଭଦ୍ରକ,୭ ।୭: ଆକାଶରୁ ଖସିଲା ମୃତ୍ୟୁ,ଫଳରେ ଏଠାରେ ୨ ଚାଷୀଙ୍କ ଜୀବନ ଯାଇଛି । ଭଦ୍ରକ ଜିଲାର ତିହିଡି ବ୍ଲକ ଅନ୍ତର୍ଗତ ହରସିଂହପୁର ପଞ୍ଚାୟତର ଚଣ୍ଡିସାହି ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ଚାଷ କରୁଥିବା ବେଳେ ବଜ୍ରାଘାତରେ ଦୁଇ ଭାଇଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଚଣ୍ଡିସାହି ଗ୍ରାମର ୩ ଜଣ ଚାଷୀ ଚାଷ କାମରେ ବ୍ୟସ୍ତ ଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ୩ ଜଣଯାକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେହେଁ ସେଠାରେ ଡାକ୍ତର ଦୁଇ ଭାଇଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣଙ୍କର ଅବସ୍ଥା ଗୁରୁତର ରହିଛି ଓ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ମୃତ ଦୁଇ ଜଣ ହେଲେ ହରସିଂହପୁର ଚଣ୍ଡିସାହିର ନାଲୁ ମହାରଣା ଓ ରୁଗୁଣା ମହାରଣା।

# ଲୋକଙ୍କ ସୁଖଦୁଃଖରେ ଅଛନ୍ତି 'ଲୋକଙ୍କ ସରକାର'




- ଏକାଦଶ ପାଳି ସୁଦ୍ଧା ୯୩ ପ୍ରତିଶତ ଅଭିଯୋଗ ସମାଧାନ
- ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ୪୮ ଜଣଙ୍କୁ ୫୩ ଲକ୍ଷ ୫୦ ହଜାର ଟଙ୍କା
- ମୁଖ୍ୟମନ୍ତ୍ରୀଙ୍କ ସହିତ ୭ ମନ୍ତ୍ରୀ ଶୁଣିଲେ ଲୋକଙ୍କ ଅଭିଯୋଗ

ଭୁବନେଶ୍ୱର,୭ ।୭(ନିପ୍ର): ସମାଜର ଶେଷ ଧାଡିରେ ଥିବା ଲୋକମାନେ ଯେପରି ନିଜକୁ କେବେ ଅସହାୟ ନ ଭାବନ୍ତି ଏବଂ ସାଧାରଣ ଲୋକଟିଏ ଯେପରି ଅନୁଭବ କରିବ ଯେ ସରକାର ସୁଖଦୁଃଖରେ ତା ସହିତ ସବୁବେଳେ ଅଛନ୍ତି, ଏହି ମହତ ଉଦ୍ଦେଶ୍ୟ ରଖି ଲୋକଙ୍କ ସରକାର କ୍ରମାଗତ ଭାବେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରଖିଛନ୍ତି। 'ଲୋକଙ୍କ ମୁଖ୍ୟମନ୍ତ୍ରୀ'ଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ଦ୍ୱାଦଶ ପାଳି। ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍କାଳ ପଦକ୍ଷେପ ନେଇଛନ୍ତି। ପଞ୍ଜୀକୃତ କରିଥିବା ୧ ହଜାର ଅଭିଯୋଗକାରୀ ସେମାନଙ୍କ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ୭ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପ୍ରଥମେ ଅଭିଯୋଗ ପ୍ରକୋଷ୍ଠରେ ପହଁଚି ଭିନ୍ନକ୍ଷମ ଲୋକମାନଙ୍କ ପାଖକୁ ଯାଇଥିଲେ ଏବଂ ସେଠାରେ ଜଣ ଜଣ କରି ସମସ୍ତଙ୍କ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ପରେ ପ୍ରକୋଷ୍ଠ ଭିତରକୁ ଆସି ପଞ୍ଜୀକୃତ କରିଥିବା ଅନ୍ୟ ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଗ୍ରହଣ କରିଥିଲେ । ସମସ୍ତ ଅଭିଯୋଗର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭେଟି, ଆପତ୍ତି ଅଭିଯୋଗ ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରୁଥାନ୍ତି। ଅଭିଯୋଗ ପ୍ରକୋଷ୍ଠରୁ ଫେରୁଥିବା ପ୍ରତ୍ୟେକଙ୍କ ମୁହଁରେ ପ୍ରକାଶ ପାଉଥିଲା ଭରସା ଓ ଆତ୍ମସନ୍ତୋଷର ଚିହ୍ନ। ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି। ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ବାବଦକୁ ୧୦ ଜଣଙ୍କ ପାଇଁ ୯ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିଲେ। ଚଳିତ ବର୍ଷ ଆରମ୍ଭରୁ ଆଜି ସୁଦ୍ଧା ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୪୮ ଜଣଙ୍କୁ ୫୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଏକାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୦,୮୯୪ଟି ଅଭିଯୋଗ ମଧ୍ୟରୁ ୧୦,୧୩୨ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୯୩ ପ୍ରତିଶତ ଅଟେ । ବକେୟା ଅଭିଯୋଗଗୁଡ଼ିକ ପ୍ରୋସେସରେ ରହିଛି ।

CMYK

# ନୀଳାଦ୍ରିବିଜେ



ମହାପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଭବ୍ୟ ରଥଯାତ୍ରା ସାରା ବିଶ୍ୱର ଏକ ଅନନ୍ୟ ଓ ପରମ ପବିତ୍ର ଉତ୍ସବ, ଯାହା ଆମ ରାଜ୍ୟର ପୁରୀ ସହରରେ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ। ଏହି ରଥଯାତ୍ରା ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ଉତ୍ସର୍ଗୀକୃତ ଏକ ମହାନ ଉତ୍ସବ। ଏହାର ଶେଷ ପର୍ଯ୍ୟାୟରେ ଶ୍ରୀଜିଉମାନଙ୍କର "ନୀଳାଦ୍ରିବିଜେ" ଅନୁଷ୍ଠିତ ହୋଇଥାଏ, ଯାହା ଏହି ମହାନ ଉତ୍ସବର ସମାପନକୁ ଚିହ୍ନିତ କରେ। ନୀଳାଦ୍ରିବିଜେ ହେଉଛି ଶ୍ରୀଜିଉମାନଙ୍କର ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ, ଯାହା ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।



## ରସଗୋଲା ଦେଇ ମାଆ ଲକ୍ଷ୍ମୀଙ୍କ ମାନଭଞ୍ଜନ

### ● ନୀଳାଦ୍ରି ବିଜେର ଅର୍ଥ ଓ ମହତ୍ତ୍ୱ

"ନୀଳାଦ୍ରି ବିଜେ" ଶବ୍ଦଟିର ଅର୍ଥ ଅତି ସରଳ। "ନୀଳାଦ୍ରି" ବା ଶ୍ରୀମନ୍ଦିରର ନୀଳକନ୍ଦରକୁ ଶ୍ରୀଜିଉମାନଙ୍କ "ବିଜେ" ବା ପ୍ରତ୍ୟାବର୍ତ୍ତନ। ଏହା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନର ପବିତ୍ର ଆଚାର ଅଟେ। ରଥଯାତ୍ରାରେ ଶ୍ରୀଜିଉମାନେ ନଅ ଦିନ ଧରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜନ୍ମସ୍ଥଳି ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଥାନ୍ତି। ୯ ଦିନ ପରେ ସେମାନେ ପୁଣି ନୀଳାଦ୍ରିବିଜେ ମାଧ୍ୟମରେ ଶ୍ରୀମନ୍ଦିରକୁ ଫେରନ୍ତି, ଯାହା ଏକ ବିଜୟୀ ଓ ଆନନ୍ଦପୂର୍ଣ୍ଣ ଘଟଣା ଭାବେ ପାଳନ କରାଯାଏ। ମହାପ୍ରଭୁ ରଥରୁ ଓହ୍ଲାଇ ରତ୍ନ ସିଂହାସନକୁ ଯିବା ନୀତି ପରମ୍ପରାକୁ ନୀଳାଦ୍ରି ବିଜେ କୁହାଯାଏ। ଠାକୁରଙ୍କ ନଅ ଦିନ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟ ହେଉଛି ନୀଳାଦ୍ରି ବିଜେ। ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନରେ ଅଧିଷ୍ଠିତ ହୋଇଥାନ୍ତି। ଏହି ନୀଳାଦ୍ରିବିଜେ ନୀତିରେ ସରେ ମହାପ୍ରଭୁଙ୍କ ଜନ୍ମବେଦି ଲୀଳା। ଏକାଦଶୀ ଦିନ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୟୋଦଶୀ ତିଥିରେ ନୀଳାଦ୍ରିବିଜେ ହୋଇଥାଏ। ଏହି ପରମ୍ପରା ଅନେକ ବର୍ଷ ଧରି ହୋଇଆସୁଛି। ନୀଳାଦ୍ରି ବିଜେ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଦଇତାପତି ନିଯୋଗ ସହ ଏ ସମ୍ବନ୍ଧରେ ଆଲୋଚନା କରାଯାଇ ପହଣ୍ଡି ହୋଇଥାଏ।

### ● ନୀଳାଦ୍ରିବିଜେ ଦିନ ରଥ ଉପରେ ନୀତି

ନୀଳାଦ୍ରିବିଜେ ଦିନ ରଥ ଉପରେ ଠାକୁରମାନଙ୍କର ସନ୍ଧ୍ୟା ଧୂପ ନୀତି ସରିବା ପରେ ପ୍ରତି ରଥରେ ଚାରମାଳ ବନ୍ଧାଯାଏ। ଏହାପରେ ଦର୍ଶନ ପାଇଁ କିଛି ସମୟ ଭକ୍ତମାନଙ୍କୁ ରଥ ଉପରକୁ ଛଡା ଯାଇଥାଏ। ଏହା ପରେ ବିଜେ କାହାଳି ବାଜେ ଓ ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ପୁଷ୍ପାଳକ ମହାଜନମାନେ ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଧରି ଦକ୍ଷିଣୀ ଘରକୁ ବିଜେ କରାନ୍ତି। ଏହା ପରେ ଗୋଟି ପହଣ୍ଡିରେ ପ୍ରଥମେ ସୁଦର୍ଶନ, ପରେ ବଳଭଦ୍ର ଓ ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରାଯାଏ। ପହଣ୍ଡି ବିଜେ ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧାଯାଏ ଓ ଅଖଣ୍ଡ ବଇଠା ବସେ। ଠାକୁରମାନେ ପହଣ୍ଡିରେ ଆସିବାବେଳେ ମନ୍ଦିର ପରିସରସ୍ଥ ଶୁଆଶାରୀ ଦେଉଳଠାରେ ପ୍ରସାଦ ଲାଗି, ଘସା, ବିଡିଆ ମଣୋହି ଓ ବନ୍ଦାପନା ନୀତି ହୋଇଥାଏ।

### ● ଲକ୍ଷ୍ମୀ-ନାରାୟଣ କଳି

ଠାକୁରଙ୍କ ମାନବୀୟ ଲୀଳାର ବିଶେଷ ପର୍ବ ଲକ୍ଷ୍ମୀ-ନାରାୟଣ କଳି। ଶେଷରେ ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରି ଚାର ଉପରକୁ ଆସିଲେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଉଭୟ ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପରକୁ ଭେଟ ହୋଇଥାନ୍ତି। ଏହାପରେ ଲକ୍ଷ୍ମୀଙ୍କ ତରଫରୁ ଭିତରଚ୍ଛ ବନ୍ଦାପନା ନୀତି ହୁଏ। ଏହି ସମୟରେ ପରମ୍ପର ଅନୁଯାୟୀ ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ରୁହେ ଏବଂ କିଛି କ୍ଷଣ ପରେ ଖୋଲାଯାଏ। ପୁନଶ୍ଚ ଜଗନ୍ନାଥ ମହାପ୍ରଭୁ ଜୟବିଜୟ ଦ୍ୱାର ନିକଟରେ ବିଜେକରିବା ସମୟରେ ସେହି ଦ୍ୱାର ଭିତର ପଟୁ ବନ୍ଦ କରାଯାଇଥାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟ ବିଜୟ ଦ୍ୱାରର ଭିତର ପଟେ ଦେବଦାସୀ ଏବଂ ମହାପ୍ରଭୁଙ୍କ ତରଫରୁ ଜଣେ ଦଇତାପତି ଦ୍ୱାରର ଅପରପାର୍ଶ୍ୱରେ ରହିବା ସଙ୍ଗେ ସଙ୍ଗେ ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ହୋଇଥାଏ ଓ ଏହା ପରେ ଜୟ ବିଜୟ ଦ୍ୱାର ଫିଟିଥାଏ।



### ● ମାଆ ଲକ୍ଷ୍ମୀଙ୍କ ମାନଭଞ୍ଜନ

ମହାପ୍ରଭୁ ପହଣ୍ଡି ବିଜେରେ ଭିତର କାଠ ସମ୍ମୁଖସ୍ଥ ଭଣ୍ଡାର ଘରଠାରେ ପହଞ୍ଚିବା ପରେ ଗଇଁଠାଳ ଫିଟେ। ଏହା ପରେ ବନ୍ଦାପନା, ରସଗୋଲା ଭୋଗ ଇତ୍ୟାଦି ଭିତରଚ୍ଛ ମହାପାତ୍ରଙ୍କ ଦ୍ୱାରା ହୋଇଥାଏ। ଏବଂ ଶେଷରେ ଘସା, ବିଡିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରନ୍ତି। ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ରସଗୋଲା ଭୋଗ ହୋଇଥାଏ। ଭିତରଚ୍ଛ ମହାପାତ୍ରଙ୍କ ନିଜସ୍ୱ ଗୃହରେ ଅତ୍ୟନ୍ତ ଶୁଦ୍ଧପୂତ ଭାବରେ ଏହି ରସଗୋଲା ତିଆରି ହୋଇଥାଏ। କୁହାଯାଏ ଯେ ମହାପ୍ରଭୁ ଲକ୍ଷ୍ମୀଦେବୀଙ୍କୁ ରସଗୋଲା ଖୁଆଇ ତାଙ୍କର ମାନଭଞ୍ଜନ କରିଥାନ୍ତି। ଏହା ପରେ ଅନ୍ୟ ମୂର୍ତ୍ତି ବିଜେ ହୁଅନ୍ତି। ଏହାକୁ ଗୋଟି ପହଣ୍ଡି କୁହାଯାଏ। ଠାକୁରମାନେ ଜଣକ ପରେ ଜଣେ ବିଜେ ହେଲେ ଧାଡିପହଣ୍ଡି କୁହାଯାଏ। ସେହିପରି ହାତକୁ ହାତ ଧରି ଯୋଡିହୋଇ ଚାଲିବାକୁ ହାତପୈଠ ବୋଲି କୁହାଯାଏ।

### ● ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୁରୁତ୍ୱ

ନୀଳାଦ୍ରିବିଜେ କେବଳ ଏକ ଧାର୍ମିକ ଆଚାର ନୁହେଁ, ବରଂ ଏହା ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଏକ ଅଂଶ। ଏହା ଭକ୍ତି, ସମର୍ପଣ ଓ ଐକ୍ୟର ପ୍ରତୀକ। ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟାବର୍ତନ ଭକ୍ତମାନଙ୍କୁ ଏକ ଆଧ୍ୟାତ୍ମିକ ଶକ୍ତି ଓ ଶାନ୍ତି ପ୍ରଦାନ କରେ। ଏହି ଅବସରରେ ପାଳନ କରାଯାଉଥିବା ଆଚାର ଓ ପରମ୍ପରା ଓଡ଼ିଆ ସଂସ୍କୃତିର ଗଭୀରତାକୁ ପ୍ରତିଫଳିତ କରେ।ଏହା ମଧ୍ୟ ଶ୍ରୀଜଗନ୍ନାଥଙ୍କ ସାର୍ବଜନୀନତାର ପ୍ରମାଣ। ଶ୍ରୀଜଗନ୍ନାଥ କେବଳ ହିନ୍ଦୁମାନଙ୍କର ଦେବତା ନୁହନ୍ତି, ବରଂ ସମସ୍ତ ଜାତି, ଧର୍ମ ଓ ସମ୍ପ୍ରଦାୟର ଲୋକଙ୍କୁ ଏକତ୍ରିତ କରନ୍ତି। ନୀଳାଦ୍ରିବିଜେରେ ଏହି ସର୍ବଜନୀନତା ଓ ଭାଇଚାରାର ଭାବନା ପ୍ରକାଶ ପାଇଥାଏ। ନୀଳାଦ୍ରିବିଜେ ପୁରୀ ରଥଯାତ୍ରାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଲୀଳାର ସମାପନକୁ ଚିହ୍ନିତ କରେ। ଏହା ଭକ୍ତମାନଙ୍କ ପାଇଁ ଏକ ଆନନ୍ଦପୂର୍ଣ୍ଣ ଓ ଆଧ୍ୟାତ୍ମିକ ଅନୁଭବ, ଯେଉଁଥିରେ ସେମାନେ ଶ୍ରୀଜିଉମାନଙ୍କର ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନର ସାକ୍ଷୀ ହୋଇଥାନ୍ତି। ଏହି ପରମ୍ପରା ଓଡ଼ିଶାର ସାଂସ୍କୃତିକ ଓ ଧାର୍ମିକ ଐତିହ୍ୟକୁ ସମୃଦ୍ଧ କରେ ଏବଂ ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତିର ଗଭୀରତାକୁ ପ୍ରତିଫଳିତ କରେ। ନୀଳାଦ୍ରିବିଜେ କେବଳ ଏକ ଧାର୍ମିକ ଘଟଣା ନୁହେଁ, ବରଂ ଏକ ସାମାଜିକ ଓ ଆଧ୍ୟାତ୍ମିକ ମିଳନର ପ୍ରତୀକ, ଯାହା ଲୋକଙ୍କୁ ଏକତା ଓ ଶାନ୍ତିର ସନ୍ଦେଶ ଦେଇଥାଏ।

## ଦିବ୍ୟଜ୍ଞାନ

ଭଗବାନଙ୍କ ଏହି ସୁନ୍ଦର ସଂସାରରେ ଦିବ୍ୟଜ୍ଞାନ ହେଉଛି ଅମୃତ ପରି । ଆଉ ତାହାକୁ ପ୍ରାପ୍ତ କରିପାରିଲେ ଏ ସଂସାରରେ ସବୁ କିଛି ମିଳିଯିବା ସହ ଭଗବାନଙ୍କୁ ଅନୁଭବ କରିବା ପରି ଲାଗେ । ତେବେ ଏହି ଦିବ୍ୟଜ୍ଞାନରେ ଶୁଦ୍ଧ କରିବା, ଉନ୍ନତ କରିବା, ମୁକ୍ତ କରିବା ଏବଂ ଭଗବାନଙ୍କ ସହିତ ମିଳିତ କରାଇବାର ଶକ୍ତି ରହିଛି, ତେଣୁ ଏହା ଅତ୍ୟନ୍ତ ଗରିମାମୟ ଏବଂ ଶୁଦ୍ଧ ଅଟେ । ଏହି ଜ୍ଞାନ ଦୁଇ ପ୍ରକାରର। ଏକରେ ଶାବ୍ଦିକ ଜ୍ଞାନ ଏବଂ ଦ୍ୱିତୀୟରେ ଅନୁଭବାତ୍ମକ ଜ୍ଞାନ । ଗୋଟିଏ ପ୍ରକାର ଜ୍ଞାନ ଅଛି ଯାହା ଶାସ୍ତ୍ର ପଠନ ଏବଂ ଗୁରୁଙ୍କ ଠାରୁ ଶ୍ରବଣ ଦ୍ୱାରା ହୋଇଥାଏ । କିନ୍ତୁ କେବଳ ଶାବ୍ଦିକ ଜ୍ଞାନ ଅପର୍ଯ୍ୟାପ୍ତ ଅଟେ ସବୁକିଛି ପ୍ରାପ୍ତି ପାଇଁ ଅର୍ଥାତ୍ ଭଗବାନଙ୍କୁ ଉପଲବ୍ଧି କରିବା ପାଇଁ । ଉଦାହରଣ, ଯେପରି ଜଣେ ବ୍ୟକ୍ତି ପାକଶାସ୍ତ୍ର ପଠନ କରିଥାଏ କିନ୍ତୁ କେବେ ସେ ରୋଷେଇଶାଳକୁ ଯାଇ ନ ଥାଏ । ଅର୍ଥାତ୍ ସେ ରୋଷେଇ ବିଷୟରେ ଅଧ୍ୟୟନ କରିଛି କିନ୍ତୁ ରୋଷେଇ କରି ଶିଖି ନାହିଁ। ରୋଷେଇର ଏହି ଶାବ୍ଦିକ ଜ୍ଞାନ କାହାର କ୍ଷୁଧା ମେଣ୍ଟାଇ ପାରିବ ନାହିଁ । ସେହିପରି ଜଣେ ବ୍ୟକ୍ତି ଗୁରୁଙ୍କଠାରୁ ଆତ୍ମା, ଭଗବାନ୍, ମାୟା, କର୍ମ, ଜ୍ଞାନ ଏବଂ ଭକ୍ତି ବିଷୟରେ ଶାବ୍ଦିକ ଜ୍ଞାନ ପ୍ରାପ୍ତ କରିପାରେ, କିନ୍ତୁ ତାହା ଭଗବତ୍ ପ୍ରାପ୍ତି କରାଇ ନ ଥାଏ । ବ୍ୟକ୍ତି ଯେତେବେଳେ ଏହି ଶାବ୍ଦିକ ଜ୍ଞାନ ଅନୁସାରେ ସାଧନା କରି ତା'ର ଅନ୍ତଃକରଣ ଶୁଦ୍ଧ କରିଥାଏ, ସେତେବେଳେ ତାଙ୍କ ଅନ୍ତରରେ ଆତ୍ମା ବିଷୟରେ ଏବଂ ଭଗବାନଙ୍କ ସହିତ ତାଙ୍କର ସମ୍ବନ୍ଧ ବିଷୟରେ ଜ୍ଞାନ ଉଦ୍‌ଭାସିତ ହୁଏ । ଏହାକୁ ପ୍ରାପ୍ତି ପାଇଁ ଯୋଗ ସାଧନା ଆବଶ୍ୟକ। ଯୋଗ ସାଧନା ମାଧ୍ୟମରେ ଅନ୍ତରର ଅନୁଭୂତି ଦ୍ୱାରା ଯେଉଁ ଜ୍ଞାନ ପ୍ରାପ୍ତ ହୋଇଥାଏ, ତାହା ଶାବ୍ଦିକ ଜ୍ଞାନ ଅପେକ୍ଷା ଶ୍ରେଷ୍ଠତର ଅଟେ ।



*ଗୋଟିଏ ପ୍ରକାର ଜ୍ଞାନ ଅଛି ଯାହା ଶାସ୍ତ୍ର ପଠନ ଏବଂ ଗୁରୁଙ୍କ ଠାରୁ ଶ୍ରବଣ ଦ୍ୱାରା ହୋଇଥାଏ । କିନ୍ତୁ କେବଳ ଶାବ୍ଦିକ ଜ୍ଞାନ ଅପର୍ଯ୍ୟାପ୍ତ ଅଟେ ସବୁକିଛି ପ୍ରାପ୍ତି ପାଇଁ ଅର୍ଥାତ୍ ଭଗବାନଙ୍କୁ ଉପଲବ୍ଧି କରିବା ପାଇଁ ।*

## --ମୋର ନିଜର କିଛି ନୁହେଁ--

ପାର୍ସୀ ଧର୍ମଗୁରୁ ରବି ମେହେରଙ୍କର ତିନି ଜଣ ପୁତ୍ର ଥିଲେ। ସେମାନେ ତିନି ଜଣ ମହାମାରୀରେ ଆକ୍ରାନ୍ତ ହେଲେ । ଅନେକ ଚିକିତ୍ସା ପରେ ମଧ୍ୟ ସେମାନେ ମୃତ୍ୟୁବରଣ କଲେ। ମେହର ସେତେବେଳେ ବାହାରେ ଥିଲେ। ଘରକୁ ଫେରି ପିଲାମାନଙ୍କୁ ବିଛଣାରେ ପଡ଼ିଥିବା ଦେଖିଲେ। ସେ ଭାବିଲେ ପିଲାମାନେ ବୋଧହୁଏ ଶୋଇଯାଇଛନ୍ତି। ଭୋଜନ କରିବା ସମୟରେ ସେ ପତ୍ନୀଙ୍କୁ ପଚାରିଲେ, ପିଲାମାନେ କୁଆଡ଼େ ଗଲେ? ପତ୍ନୀ ଏହାର ଉତ୍ତର ନଦେଇ କହିଲେ, କାଲି ଆମେ ପଡ଼ୋଶୀଙ୍କ ଠାରୁ ଯେଉଁ ବାସନକୁସନ ଆଣିଥିଲୁ, ତାକୁ ମାଗିବା ଲାଗି ପଡ଼ୋଶୀ ଆସିଥିଲେ। ମେହର କହିଲେ, ବାସନ ସେମାନଙ୍କର ଥିଲା, ସେଥିପାଇଁ ସେମାନେ ନେବାକୁ ଆସିଥିଲେ। ପର ଜିନିଷ ଉପରେ ଆମେ କାହିଁକି ଲୋଭ କରିବା! ପତ୍ନୀ କହିଲେ, ଆପଣ ଠିକ୍ କହିଛନ୍ତି, ମୁଁ ତାଙ୍କୁ ବାସନ ଫେରାଇ ଦେଇଛି । ଭୋଜନ ପରେ ସନ୍ଥ ପୁଣିଥରେ ପିଲାଙ୍କ କଥା ମନେ ପଡ଼ିଲା। ସେ ପୁଣିଥରେ ପତ୍ନୀଙ୍କୁ ଏ ସମ୍ପର୍କରେ ପଚାରିଲେ । ଏହାପରେ ପତ୍ନୀ ତାଙ୍କୁ ଶୟନକକ୍ଷକୁ ନେଇଗଲେ। ଖଟିଆ ତଳେ ପଡ଼ିଥିବା ତିନି ଜଣ ପୁତ୍ରଙ୍କ ଶବ ଦେଖାଇଲେ । ଏହାଦେଖି ସନ୍ଥ ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲେ। ଏହାଦେଖି ପତ୍ନୀ କହିଲେ, ସ୍ୱାମୀ! ଏଇ ଟିକିଏ ଆଗରୁ ତ' ଆପଣ କହିଥିଲେ ନିଜ ବସ୍ତୁ ଯିଏ ନେବାକୁ ଚାହେଁ, ଆମକୁ ତାଙ୍କୁ ସେହି ବସ୍ତୁ ଦେଇଦେବା ଉଚିତ୍ ହେବ । ସେଥିପାଇଁ ଦୁଃଖ କରିବା ଉଚିତ ନୁହେଁ । ପରବସ୍ତୁ ପ୍ରତି ମୋହ କରିବା ଅନୁଚିତ। ହେଲେ ଆପଣ ନିଜ କଥା ଭୁଲି ଯାଉଛନ୍ତି କେମିତି? ଭଗବାନ ଆମକୁ ଏହି ସନ୍ତାନ ଦେଇଥିଲେ । ସେ ତାଙ୍କୁ ନେଇଗଲେ ।

# ମହାଭାରତ: ପ୍ରତିଶୋଧ ଭାବନା କ୍ଷତିକାରକ

ଜଉ ଘରରୁ ଜୀବନ ରକ୍ଷା କରି ଜଙ୍ଗଲରେ ବୁଲୁଥିବା ପାଣ୍ଡବମାନଙ୍କୁ ଅଙ୍ଗାରପର୍ଣ୍ଣ ନାମରେ ଗନ୍ଧର୍ବ ପ୍ରସିଦ୍ଧ ଋଷି ବଶିଷ୍ଠଙ୍କ ପୁତ୍ର 'ଶକ୍ତି'ଙ୍କ କଥା ଶୁଣାଇଥିଲା। ଋଷି ବଶିଷ୍ଠ ରାମାୟଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଥରେ ତାଙ୍କ ପୁତ୍ର ଶକ୍ତି ଜଙ୍ଗଲରେ ଯାଉଥିବା ସମୟରେ ବାଟରେ ଏକ ଝରଣା ପଡ଼ିଲା। ସେହି ଝରଣାରେ ଖୁବ୍ ଅଣଓସାରିଆ ପୋଲଟିଏ ଥିଲା। ସେ ପୋଲ ଉପରକୁ ଚଢ଼ିବା ସମୟରେ ସମ୍ମୁଖରୁ ରାଜା କଲ୍ମାଷପାଦ ପୋଲର ବିପରୀତ ଦିଗରକୁ ଆସୁଥିବା ଦେଖିପାରିଲେ। ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କୁ ହେଲେ ପଛକୁ ହଟିବାର ଥିଲା। ରାଜା ଶକ୍ତିଙ୍କୁ କହିଲେ, ମୁଁ ପ୍ରଥମେ ଆସିଛି, ତେଣୁ ତୁମେ ମୋତେ ରାସ୍ତା ଦିଅ। କିନ୍ତୁ ଶକ୍ତି ନିଜ ପିତାଙ୍କ ପ୍ରତିଷ୍ଠାର ଅହଂକାରରେ ମଦମତ୍ତ ହୋଇ ଶକ୍ତିଙ୍କୁ କହିଲା, ପ୍ରଥମେ ତୁମେ ରାସ୍ତା ଦିଅ। କାରଣ ମୁଁ ଜଣେ ବ୍ରାହ୍ମଣ ଏବଂ ମୁଁ ତୁମ ଠାରୁ ଉଚ୍ଚରେ । ହେଲେ ରାଜା ତାଙ୍କ କଥା ଶୁଣିଲେ ନାହିଁ। କ୍ରୋଧିତ ହୋଇ ରାଜାଙ୍କୁ ରାକ୍ଷସ ହୋଇଯିବା ଲାଗି ଅଭିଶାପ ଦେଲେ ଶକ୍ତି। ରାଜା ତୁରନ୍ତ ଏକ ନରଭକ୍ଷୀ ରାକ୍ଷସ ହୋଇଗଲେ। ଏହାପରେ ସେ ଶକ୍ତିଙ୍କୁ ଖାଇଦେଲେ ।



ନିଜ ପୁତ୍ରକୁ ହରାଇ ମହର୍ଷି ବଶିଷ୍ଠ ନିରାଶ ଥିଲେ। ତାଙ୍କର ଦୁଃଖ ଥିଲା ଯେ ସେ ହିଁ ନିଜ ପୁତ୍ରକୁ ବରଦାନ ଏବଂ ଅଭିଶାପ ଦେବାର ଶକ୍ତି ଦେଇଥିଲେ। ଯେଉଁ ଶକ୍ତିର ସେ ଦୁରୁପଯୋଗ କରି ନିଜେ ହିଁ ତାହାର ଶିକାର ହେଲେ। ଶକ୍ତିଙ୍କ ପୁତ୍ର ପରାଶର ନିଜ ଜେଜେବାପା ବଶିଷ୍ଠଙ୍କ ସଂରକ୍ଷଣରେ ବଡ଼ ହେଲେ। ବଡ଼ ହେବା ପରେ ନିଜ ପିତାଙ୍କ ସହ ଘଟିଥିବା ଘଟଣା ସମ୍ପର୍କରେ ସେ ଅବଗତ ହେଲେ। ଏହାପରେ ସେ ପ୍ରତିଶୋଧ ନେବାକୁ ବାହାରିଲେ । ସେ ଏକ ଯଜ୍ଞ ଆୟୋଜନ କରିବାର ଯୋଜନା କଲେ । ଏହି ଯଜ୍ଞ ଦ୍ୱାରା ସମସ୍ତ ନରଭକ୍ଷୀ ଆଦିମ ମନୁଷ୍ୟ ଅଗ୍ନିରେ ପଡ଼ି ପ୍ରାଣ ହରାଇବେ। ହେଲେ ବଶିଷ୍ଠ ତାଙ୍କୁ ତାହା କରିବା ଲାଗି ବାରଣ କଲେ। ବଶିଷ୍ଠ କହିଲେ ଯେ ତୁମର ପିତା ଜଣଙ୍କୁ ଅଭିଶାପ ଦେଲେ ଏବଂ ସେହି ଅଭିଶାପ ହିଁ ତାଙ୍କୁ ମାରିଲା। ଯଦି ତୁମେ ପ୍ରତିଶୋଧ ନେବା ଲାଗି ଚାହୁଁଛ, ତା'ହେଲେ ଏହି ପ୍ରତିଶୋଧର ଚକ୍ର କେବେ ହେଲେ ଶେଷ ହେବ ନାହିଁ। ତୁମେ ସେହି ରାକ୍ଷସ ବିଷୟରେ ନୁହେଁ, ବରଂ ସେମାନଙ୍କ ପାଇଁ ଚିନ୍ତାକରଣ ଯେଉଁମାନେ ତୁମ ପାଇଁ ବହୁମୂଲ୍ୟବାନ ଅଟନ୍ତି। ପରାଶର ନିଜ ପିତାମହଙ୍କ ଆଜ୍ଞା ମାନିଲେ। ଏହାପରେ ସେ ମହାନ ଋଷି ବେଦବ୍ୟାସଙ୍କ ପିତା ହୋଇପାରିଥିଲେ। ବେଦବ୍ୟାସ ହିଁ ମହାଭାରତର କାହାଣୀରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଙ୍ଗାରପର୍ଣ୍ଣ ପାଣ୍ଡବମାନଙ୍କୁ ଶକ୍ତି ଋଷିଙ୍କ କଥା ଏଥିପାଇଁ ଶୁଣାଇଥିଲା, କାରଣ ସେମାନଙ୍କ ହୃଦୟରେ ମଧ୍ୟ ପ୍ରତିଶୋଧ ଏବଂ ଘୃଣାର ଭାବନାକୁ ସେ ଦେଖିପାରିଥିଲା । ପାଣ୍ଡବମାନଙ୍କ ସହିତ ଅନେକ ଥର ଭୁଲ ବାଟରେ ବିଶ୍ୱାସଘାତକତା କରାଯାଇଥିଲା। ଏହାଠାରୁ ବଳି ସେମାନଙ୍କ ପ୍ରାଣ ନେବା ଲାଗି ମଧ୍ୟ ଚେଷ୍ଟା ହୋଇଥିଲା। ଥରେ ତ' ମା' ସମେତ ପାଞ୍ଚ ଭାଇଙ୍କୁ ମାରିବା ଲାଗି ଯୋଜନା ମଧ୍ୟ ହୋଇଥିଲା। ସେମାନେ ପ୍ରତିଶୋଧ ନେବା ଲାଗି ସୁଯୋଗ ଖୋଜୁଥିଲେ। ସେମାନଙ୍କୁ କାହାଣୀ ଶୁଣାଇବା ପରେ ଅଙ୍ଗାରପର୍ଣ୍ଣ ସେମାନଙ୍କୁ ପରାମର୍ଶ ଦେଇ କହିଲା ଯେ ଆପଣମାନେ ପ୍ରତିଶୋଧ ଭାବନା ତ୍ୟାଗ କରନ୍ତୁ । ଏଥିରେ ନିଜର ସମୟ ନଷ୍ଟ କରନ୍ତୁ ନାହିଁ । ଆପଣମାନେ ରାଜା ହୋଇପାରିବେ। ସେଥିପାଇଁ ପ୍ରଥମେ ଜଣେ ପୁରୋହିତଙ୍କୁ ଖୋଜନ୍ତୁ, ବିବାହ କରନ୍ତୁ, ଭୂମି ହାସଲ କରନ୍ତୁ, ନିଜେ ନିଜର ରାଜ୍ୟ ପ୍ରତିଷ୍ଠା କରନ୍ତୁ ଏବଂ ରାଜା ହୁଅନ୍ତୁ। ପ୍ରତିଶୋଧ ନେବା ଲାଗି ପ୍ରୟାସ କରନ୍ତୁ ନାହିଁ। ଏହି କାହାଣୀ ଶୁଣିବା ପରେ ପାଣ୍ଡବମାନଙ୍କ ହୃଦୟରେ ପ୍ରତିଶୋଧର ନିଆଁ ଯଦିଓ ପ୍ରଶମିତ ହୋଇଯାଇଥିଲା, ତାହା ସମ୍ପୂର୍ଣ୍ଣ ଭାବେ ଲିଭିନଥିଲା। ସେମାନେ ପ୍ରଥମେ ଜଣେ ପୂଜାରୀଙ୍କୁ ଖୋଜିଲେ। ଏହି ସନ୍ଧାନରେ ସେମାନେ ଦେବଲା ମୁନିଙ୍କ କନିଷ୍ଠ ଭ୍ରାତା ଧୌମ୍ୟଙ୍କ ସନ୍ଧାନ ପାଇବେ । ସେ ନିକଟରେ ଥିବା ଏକ ଆଶ୍ରମରେ ରହୁଥିଲେ। ତାଙ୍କୁ ସେମାନେ ନିଜ ପୁରୋହିତ ହେବା ଲାଗି ଅନୁରୋଧ କଲେ। ଦ୍ୱାପର ଯୁଗରେ ପାରିବାରିକ ପୁରୋହିତ ରଖିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା। କାରଣ ପ୍ରତ୍ୟେକ ମୁହୂର୍ତ୍ତରେ ଏକ ଶକ୍ତିଶାଳୀ ଯଜ୍ଞର ଆବଶ୍ୟକତା ରହିଥିଲା। ସେମାନେ ଧୌମ୍ୟଙ୍କ ରୂପରେ ଜଣେ ସମର୍ଥ ପୁରୋହିତ ପାଇଗଲେ ଯିଏକି ସର୍ବଦା ସେମାନଙ୍କ ପକ୍ଷରେ ଛିଡ଼ା ହୋଇ ରହୁଥିଲେ।

## ଅସ୍ୱାସ୍ଥ୍ୟକର ଭୋଜନ

ଭୁଲ୍ ସମୟରେ ଖାଦ୍ୟ ସେବନ ଦ୍ୱାରା ଓଜନ ବୃଦ୍ଧିର ସାମ୍ନା କରିବାକୁ ପଡିଥାଏ । ବିଶେଷ କରି ରାତିରେ ତେଲ ମସଲା ଯୁକ୍ତ ଖାଦ୍ୟ, ଛଣାଛଣି ପାଚନ ତନ୍ତ୍ର ଉପରେ ଅନେକ ପ୍ରଭାବ ପକାଇଥାଏ । ଏହାଦ୍ୱାରା ମୋଟାପଣ ସହ ଅନ୍ୟ ଶାରୀରିକ ସମସ୍ୟା ଦେଖା ଦେଇଥାଏ ।

**ଅଧିକ ଚିନ୍ତାଗ୍ରସ୍ତ ରହିବା..**

ଅଫିସ ହେଉ ଅଥବା ଘରେ, ମହିଳାଙ୍କ ଉପରେ ବିଭିନ୍ନ ପ୍ରକାର ଚାପ ଥାଏ । ଅନେକ ଦାୟିତ୍ୱ ଥାଏ । ଫଳରେ ଚିନ୍ତା ଲାଗି ରହିଥାଏ । ମାନସିକ ଦୁଃଶ୍ଚିନ୍ତାରେ ରହିଲେ ଓଜନ ବୃଦ୍ଧି ହୋଇଥାଏ । ଶାରିରୀକ ପରିଶ୍ରମ କରି ହୋଇନଥାଏ । ଦିନଯାକ ବସିବା କିମ୍ବା ଶୋଇ ରହିବା ଦ୍ୱାରା ଓଜନ ଅଧିକ ବୃଦ୍ଧି ହୋଇଥାଏ । ସମୟ ଅଭାବରୁ ନିୟମିତ ବ୍ୟାୟାମ ମଧ୍ୟ କରି ନଥାଆନ୍ତି । ତେଣୁ ସମୟ ବାହାର କରି ନିୟମିତ କିଛି ସମୟ ବ୍ୟାୟାମ କରିବା ଉଚିତ। ଯୋଗ କିମ୍ବା କିଛି ସମୟ ଚାଲନ୍ତୁ । ଓଜନ ବୃଦ୍ଧିର ଅନ୍ୟ ଏକ ମୁଖ୍ୟ କାରଣ କମ୍ ପରିମାଣରେ ଶୋଇବା । ସଠିକ୍ ସମୟ ପର୍ଯ୍ୟନ୍ତ ନ ଶୋଇବା ଦ୍ୱାରା ଓଜନ ବୃଦ୍ଧି ହୋଇଥାଏ । ନିଦ ପୂରଣ ନହେଲେ ଶରୀରରେ ଏକ ପ୍ରକାର ହରମୋନ ଅସନ୍ତୁଳନ ହୋଇଥାଏ । ଫଳରେ ଅଧିକ ଭୋକ ଲାଗିବା ସହ ଅଧିକ ପରିମାଣରେ ଖାଦ୍ୟ ଖାଇବା ଦ୍ୱାରା ଓଜନ ବୃଦ୍ଧି ହୋଇଥାଏ । ହଠାତ୍ ଓଜନ ବୃଦ୍ଧିର ଅନ୍ୟ ଏକ କାରଣ ଶାରୀରିକ ସମସ୍ୟା । ଥାଇରଏଡ, ହରମୋନ ଅସନ୍ତୁଳିତ ହେବା । ହଠାତ୍ ଅଧିକ ଓଜନ ବୃଦ୍ଧି ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।



## କେସିଙ୍ଗା : ବିଭିନ୍ନ ପଞ୍ଚାୟତରେ ସାମୂହିକ ସ୍ୱଚ୍ଛ ଭାରତ ଅଭିଯାନ

କେସିଙ୍ଗା,(ନିପ୍ର): ସ୍ୱଚ୍ଛ ରୁହ ସୁସ୍ଥ ରୁହ, ସ୍ୱଚ୍ଛତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି ସେଥିପାଇଁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ସମଗ୍ର ୨୬ ଟି ପଞ୍ଚାୟତରେ ତା ୬/୭/୨୫ ରିଖ କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏକ ମିଳିତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି



। କେସିଙ୍ଗା ବ୍ଲକ ରେ ପ୍ରତ୍ୟକ ମାସର ୬ ତାରିଖ ସମସ୍ତ ପଞ୍ଚାୟତରେ ଏଭଳି ମିଳିତ ସ୍ୱଚ୍ଛତା ଅଭିଯାନ ଚାଲିବା ନେଇ ବିଡ଼ିଓ ସୂଚନା ଦେଇଛନ୍ତି । ଏହି ମିଳିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସମସ୍ତ ପଂଚାୟତର ଏମ ବିକେ, ସି ଆର ପି ଏବଂ ପଞ୍ଚାୟତରେ ଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକା ଏବଂ ସଦସ୍ୟାମାନେ ସହଯୋଗ କରିଥିବା ବେଳେ କେସିଙ୍ଗା ବ୍ଲକର ସ୍ୱଚ୍ଛ ଭାରତ ମିଶନ ଅଧିକାରୀ ନମିତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଏଭଳି ଯଦି ପ୍ରତ୍ୟେକ ମାସର ୬ ତାରିଖ ଏହି ସ୍ୱଚ୍ଛତା ଅଭିଯାନ ଚାଲୁ ରହେ ତାହେଲେ ଏହା ଏକ ପ୍ରଭାବୀ କାର୍ଯ୍ୟ ହେବାସହ ସ୍ୱଚ୍ଛତା ପ୍ରତି ମଧ୍ୟ ଲୋକେ ଯତ୍ନବାନ ହୋଇପାରିବେ ।

## ବିଶ୍ୱବିଦ୍ୟାଳୟରେ ପରିସରରେ ଚାରାରୋପଣ

ଗୁଣୁପୁର,(ନିପ୍ର): ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବନମହୋତ୍ସବ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାମିଲ ଓ କାନାଡା ଭାଷାର ଅଭିନେତ୍ରୀ ସଞ୍ଜିତା ସେଟି ଓ କନିଷ୍ଠ ବୈଜ୍ଞାନିକ ପୁରସ୍କାରପ୍ରାପ୍ତ ୨୦୨୩ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଶଶାଙ୍କ ଭୂଷଣ ନାୟକକୁଳପତି ଡ଼ ଏ ଭି ଏନ ଏଲ ଶର୍ମା, ରେଜିଷ୍ଟ୍ରାର ଡ଼ ଏନ ଭି ଜଗନ୍ନାଧା ରାଓ, ପରୀକ୍ଷା ନିୟନ୍ତ୍ରକ ଡ଼ ପି ବିଜୟ କୁମାର ପ୍ରମୁଖ ଯୋଗ ଦେଇ ପ୍ରଥମେ ଚାରାରୋପଣ କରି ଉଦଘାଟନ କରିଥିଲେ । ଏହି ଅବସରରେ ଗୁଣୁପୁର ବନ ବିଭାଗର ବନାଞ୍ଚଳ ଅଧିକାରୀ ଗଙ୍ଗାଧର ମିଶ୍ର , ବନପାଳ ପୂର୍ଣ୍ଣଚନ୍ଦ୍ର ପାତ୍ର, ବନରକ୍ଷୀ ରାମ କୁମାର ନାୟକ, ରତ୍ନମାଳା ହିଆଲା ସୂର୍ଯ୍ୟ ନାରାୟଣ ମହାଙ୍କୁଡ ,କେଦାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ଜାତୀୟ ସେବା ଯୋଜନାର କାଯ୍ୟକ୍ରମ ଅଧିକାରୀ ବାଣୀ ପ୍ରସାଦ ନାୟକ, ୟୁନିଟ-୧ , ସେବା ଯୋଜନାର ସଦସ୍ୟ ପ୍ରମୋଦ ରଞ୍ଜନ ପଣ୍ଡା, ଗୋପାଳ କୃଷ୍ଣ ମହାନ୍ତି, ଅଧ୍ୟାପିକା ଡ ନିର୍ମଳା ପଟେଲ, ଡ. ରଜେଶ୍ୱରୀ ଦାସ, ଡ. ସୁମନ ଜି ସାହୁ, ସୁଚାରିତା ପଣ୍ଡା,ସିଭିଲ ଇଂଜିନିୟରିଂ ବିଭାଗ ମୁଖ୍ୟ ଡ ଆଶିଷ କୁମାର ସାମଲ, କମ୍ପ୍ୟୁଟର ସାଇନ୍ସ ଇଂଜିନିୟରିଂ ବିଭାଗର ଡେପୁଟି ଡିନ କେ ମୁରଲୀ ଗୋପାଳ ସମେତ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ,ଅଧ୍ୟାପକ ,ଅଧ୍ୟାପିକା ,ଛାତ୍ରଛାତ୍ରୀ ଯୋଗଦେଇ ବିଶ୍ୱ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।

## ଉତ୍କଳ ବେଲମା ସମାଜ ଚାରି ତାଲୁକା ବୈଠକ

ବୁଗୁଡା,(ନିପ୍ର): ବୁଗୁଡା ବ୍ଲକ ଅନ୍ତର୍ଗତ ବାଲିପଦର, ଆସ୍କା ରୋଡ଼ରେ ଅବସ୍ଥିତ ଲକ୍ଷ୍ମୀ ଜ୍ୟୋତି ଫିଲିଙ୍ଗ ଷ୍ଟେସନ ନିକଟସ୍ଥ ଫରେଷ୍ଟ ପାର୍କରେ ଉତ୍କଳ ବେଲମା ସମାଜର ଚାରି ତାଲୁକା (ଘୁମୁସର, ଧରାକୋଟ, ଖାଲସା ଓ ଆଠଗଡ଼ ତାଲୁକା) ଏବଂ ସମସ୍ତ ପଲ୍ଲୀ ପରିଷଦର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚାରି ତାଲୁକାର ସଭାପତି ଇଞ୍ଜିନିୟର ଲକ୍ଷ୍ମୀ ପ୍ରସାଦ ନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ କୁଳଗଙ୍ଗାଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ବିଭୁ ପ୍ରାର୍ଥନା କରାଯାଇଥିଲା।ବୈଠକରେ ସାମାଜର ବିକାଶ ମୂଳକ କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ଅସହାୟ କୂଳଭାଇ ଓ ସମସ୍ତେ ଯେପରି ଶିକ୍ଷା ଗ୍ରହଣ କରିପାରିବେ ସେଥିପାଇଁ ପଦକ୍ଷେପ ନେବାକୁ ସ୍ଥିର କରାଗଲା। ବାଲିପଦରରେ ବେଲମା ସମାଜର ଚାରି ତାଲୁକାର ଆଞ୍ଚଳିକ କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହେଲା। ଏଥିସହ ବେଲମା ସମାଜର ମହାସଭା ପାଇଁ ଏକ ସ୍ମରଣିକା ପ୍ରକାଶ କରିବାକୁ ସ୍ଥିର କରାଗଲା। ବୈଠକରେ ଚାରି ତାଲୁକା କବିରାଜ ନାୟକ, ନାରାୟଣ ବେହେରା, ବାଲିଆସରା ଓ କବିସୂର୍ଯ୍ୟନଗର ପ୍ରଭୃତି ପଲ୍ଲୀ ପରିଷଦର କର୍ମକର୍ତ୍ତା ବୃନ୍ଦ ଯୋଗଦେଇଥିଲେ।

## ସ୍ନାତକ ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ

କାଶୀନଗର(ନିପ୍ର): କାଶୀନଗର ଠାରେ ଥିବା ସ୍ନାତକ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଶାନ୍ତ ବାନାପାଲି ଙ୍କ ଉପସ୍ଥିତି ରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା. ଏହି ବନ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାଶୀନଗର ରେଞ୍ଜର ପ୍ରଦୀପ କୁମାର ଆଚାର୍ଯ୍ୟ ଓ ବନାଧିକାରୀ ବଳରାମ ଶବର ଯୋଗ ଦେଇ ମହାବିଦ୍ୟାଳୟ ପରିସର ତଥା ଅବକାରୀ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ ଏସ ଏସ, ଏନ ସି ସି ଓ ଓୟ ଆର ସି ସଂଗଠନ ର ସ୍ୱଚ୍ଛସେବୀମାନେ ସହଯୋଗରେ ବୃକ୍ଷ ରୋପଣ ହୋଇଥିଲା।

# ଭାପୁର : ମନରେଗା କାର୍ଯ୍ୟରେ ଦୁର୍ନୀତି

## ଗୋଟିଏ ପ୍ରକଳ୍ପକୁ ଦୁଇ ଦୁଇ ଥର ବିଲ୍, ଗ୍ରାମସାଥୀ ମାଲେମାଲ !

ଭାପୁର,(ନିପ୍ର): ରାଜ୍ୟରେ ନୟାଗଡ ଜିଲ୍ଲା ଭାପୁର ବ୍ଲକ ଦୁର୍ନୀତି କୁ ନେଇ ପୂର୍ବରୁ ଚର୍ଚ୍ଚାରେ ରହି ଆସିଥିବାବେଳେ ପୁଣି ୪ ବର୍ଷ ପରେ ମନରେଗା ଦୁର୍ନୀତି ମୁଣ୍ଡ ଟେକିଛି । ଅନ୍ତ୍ୟୋଦୟ ଗୃହ ଆବଣ୍ଟନ ଦୁର୍ନୀତି ମାଳକୁ ମାଳ ଅଭିଯୋଗ ପରେ ମନରେଗା କାର୍ଯ୍ୟର ଦୁର୍ନୀତି ଗନ୍ଧ ବ୍ଲକ ପ୍ରଶାସନ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିଛି ଯେପରି ଭାପୁର ବ୍ଲକ ପ୍ରତି ଦୁର୍ନୀତି ପିଛା ଛାଡୁନାହିଁ । ଘଟଣାରୁ ପ୍ରକାଶ, କରବର ପଞ୍ଚାୟତ ର ଗୋଟିଏ କି.ମି. ପରିଧି ଭିତରେ ପାଞ୍ଚପାଞ୍ଚ ଗୋଟି ପ୍ରକଳ୍ପ ଫଳକ ଲଗାଯାଇ ଗୋଟିଏ କାମକୁ ଦୁଇଦୁଇ ଥର ବିଲ୍ କରାଯାଇଥିବାବେଳେ ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚଲୁ ହୋଇଥିବା ନେଇ ଗ୍ରାମବାସୀମାନେ ଜିଲ୍ଲା ପ୍ରଶାସନ ତଦନ୍ତ ପାଇଁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, କରବର ଗ୍ରାମ ଗଉଡସାହିରୁ ମାଣୀତ୍ରି ଗ୍ରାମ ଶ୍ମଶାନ ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ ଫେଜ୍ ୨ରେ ୯ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ହୋଇଥିବାବେଳେ ନାମକୁ ମାତ୍ର ମାଟି ପକେଇ ଗୋଟିଏ ମଶାଣିରେ ଦୁଇଟି ଫଳକ ଲଗାଯାଇ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି । ସେହିପରି, ମାଣିତ୍ରୀ ଗ୍ରାମଶ୍ମଶାନ ର ଉନ୍ନତିକରଣ ନାଁ ରେ କେବଳ ମାଟି ପକେଇ ୯ ଲକ୍ଷ ଟଙ୍କା ଚଲୁ ହୋଇଥିବା ନେଇ ଅଭିଯୋଗ ହୋଇଛି । ପୁଣି ସେହି ଗ୍ରାମର ହରିଜନ ସାହି ଶ୍ମଶାନ ଉନ୍ନତି କରଣ ନାଁ ରେ ଗୋଟିଏ କାମକୁ ଦୁଇଟି ଫଳକ ଲଗେଇ କେବଳ



ମାଟି ପକେଇ ୬ ଲକ୍ଷ ଟଙ୍କା ଚଲୁ ହୋଇଥିବା ଅଭିଯୋଗ ହୋଇଛି । ଚତୁର୍ଥରେ, କରବର ଗ୍ରାମ ନିକଟ ମହାନଦୀ ମାଳବନ୍ଧ ଠାରୁ ଗଉଡ ସାହି ରାସ୍ତା ଉନ୍ନତିକରଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ହୋଇଥିବାବେଳେ ସେହି ଗୋଟିଏ ରାସ୍ତାର ନାଁ ପରିବର୍ତ୍ତନ କରାଯାଇ କରବର ଗ୍ରାମ୍ୟଶ୍ମଶାନ ଠାରୁ ଗୁଡୁପଡା ଗ୍ରାମର ଭଙ୍ଗାରିକା ମନ୍ଦିର ରାସ୍ତାର ଉନ୍ନତିକରଣ ପାଇଁ ୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ସମସ୍ତ ରାସ୍ତାର ଉନ୍ନତି କରଣ କରାଯାଇଛି ସତ କିନ୍ତୁ ଜନସାଧାରଣ ଯାତାୟାତ ପାଇଁ ଅନୁପଯୁକ୍ତ ହୋଇଥିବାବେଳେ ଗ୍ରାମସାଥୀ ମାଲେମାଲ ହୋଇଥିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ସେହିପରି, କରବର ଗ୍ରାମର ଶ୍ମଶାନ ନିକଟ ମହାନଦୀ ତୁଠ ପାହାଚ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଅନୁଦାନ ହୋଇଥିବାବେଳେ ସେ ତୁଠ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଜନସାଧାରଣଙ୍କ କାର୍ଯ୍ୟରେ ଲାଗୁ ନ ଥିବା ଅଭିଯୋଗ ହୋଇଛି । ଏହି ପ୍ରକଳ୍ପଗୁଡ଼ିକର ଦୁର୍ନୀତିକୁ ନେଇ ବ୍ଲକ ପ୍ରଶାସନ ଏବଂ ଗ୍ରାମସାଥୀ ସାମିଲ୍ ରହିଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ‘ମାଆ ପାଇଁ ଗଛଟିଏ’ : ବିଦ୍ୟାଳୟରେ ବନ ମହୋତ୍ସବ

ଦାମନଯୋଡି,(ନିପ୍ର): ନାଲକୋ ଶିକ୍ଷାଞ୍ଚଳ ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ୭୬ ତମ ବନ ମହୋତ୍ସବ




କାର୍ଯ୍ୟକ୍ରମ ପାଳନ ଅବସରରେ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟା ମନ୍ଦିରର ସମ୍ପାଦକ ଡଃ ଚିତ୍ତରଂଜନ ମିଶ୍ର ଓ ଅଧକ୍ଷ ଡଃ ଶୁଭ୍ରାଂଶୁ ଶେଖର ବାହିନୀପତି ଯୋଗ ଦେଇ ବୃକ୍ଷ ରୋପଣ କରି ‘ମାଙ୍କ ନାମରେ ସମସ୍ତେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ’ କରିବା ଲାଗି ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଲକୋ ଉଦ୍ୟାନ ବିଭାଗର ପ୍ରବନ୍ଧକ ସଞ୍ଜୀବ କର,ସ୍ଥାନୀୟ ବନ ଅଧିକାରୀ ସୁନୀଲ କୁମାର ପାଢୀ, ଯୁବରେଡକ୍ରସ ପରାମର୍ଶଦାତା ଡଃ ନରେଶ ଚନ୍ଦ୍ର ସାହୁ, ଡଃ ନୀରୋଦ କୁମାର ପ୍ରଧାନ, ସ୍କାଉଟ ଓ ଗାଇଡ ଶିକ୍ଷକ ଶିକ୍ଷୟତ୍ରୀ ରବୀନ୍ଦ୍ର ସାହୁ, ମମତା ପାଢ଼ୀ, ମାନିନୀ ଦ୍ୱିବେଦୀ ଓ ପୂର୍ଣ୍ଣ ଚନ୍ଦ୍ର ସେଠୀ (ଏନ୍ ସି ସି) ଉପସ୍ଥିତ ରହି ନିଜେ ଗଛ ଲଗାଇବା ସହ ଛାତ୍ର ଛାତ୍ରୀମାନଙ୍କୁ ମାଆଙ୍କ ନାମରେ ଅନ୍ତତଃ ଗୋଟିଏ ବୃକ୍ଷରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ । ବର୍ଷା ସତ୍ତ୍ୱେ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ, ଏନ୍ ସି ସି କ୍ୟାଡେଟ, ସ୍କାଉଟ, ଗାଇଡ, କବ ଓ ବୁଲ ବୁଲର ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ପାଳନ ଅବସରରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବଉଳ ଗଛ ବିଦ୍ୟାମନ୍ଦିର ପରିସରରେ ଲଗାଯାଇଥିଲା । ନାଲକୋ ଉଦ୍ୟାନ ବିଭାଗ ତରଫରୁ ଆବଶ୍ୟକ ସହାୟତା ପ୍ରଦାନ କରାଯାଇଥିଲା।

## ଖୋଲା ହେଲା ମା ମଝିଘରିଆଣିଙ୍କ ଦାନ ହୁଣ୍ଡି




ରାୟଗଡା, (ନି :ପ୍ର ): ୬ ମାସର ବ୍ୟବଧାନ ପରେ ଆଜି ଖୋଲା ଯାଇଛି ମା ମଝିଘରିଆଣିଙ୍କ ଦାନ ହୁଣ୍ଡୀ। କଡା ସୁରକ୍ଷା ବଳୟ ମଧ୍ୟରେ ସକାଳ ନ ଘଟିକା ଠାରୁ ଆରମ୍ଭ ହୋଇଛି ଏହି ଗଣତି ପ୍ରକ୍ରିୟା। ଏହି ଗଣତି ରାୟଗଡା ତହସିଲଦାର, ଦେବୋତ୍ତର ବିଭାଗ ଏବଂ ଆର.ଆଇ ଙ୍କ ପ୍ରତ୍ୟକ୍ଷ ତତ୍ୱାଧାନରେ ଚାଲିଛି। ଏହି ଗଣତି କାର୍ଯ୍ୟରେ ଅନେକ ସ୍ୱେଚ୍ଛାସେବୀ ସଂଗଠନର ମହିଳା ଓ ପୁରୁଷ, ଛାତ୍ରୀ ଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟ ଅଂଶ ଗ୍ରହଣ କରିଛନ୍ତି। ଗଣତି ପରେ ୧କୋଟି ୪ଲକ୍ଷ୩୬ହଜାରଟଙ୍କା ମିଳିଛି। ସେହିପରି ୩୮ ଗ୍ରାମ ସୁନା ୨କେଜି ରୂପା ମିଳିଥିବା ଏକ ସୂତ୍ରରୁ ପ୍ରକାଶ ।ବିଗତଥର ୯୪ ଲକ୍ଷ ୪୯ ହଜାର ୫୪ ଟଙ୍କା ସହ ୯୩ ଗ୍ରାମ ସୁନା, ୨ କିଲୋ ୯୦ ଗ୍ରାମ ରୁପା, ଆଉ ବିଦେଶୀ ଟଙ୍କା ମିଳିଥିବା କହିଥିଲେ। ପ୍ରତି ଛ ମାସରେ ଅର୍ଥାତ ବର୍ଷକୁ ଦୁଇଥର ଖୋଲାଯାଇଥାଏ ଦାନ ବକ୍ସ। ଏହି ଟଙ୍କାକୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଜମା

**ମିଳିଲା ୧ କୋଟି ୪ଲକ୍ଷ ୩୬ ହଜାର ଟଙ୍କା**

କରାଯିବା ନେଇ ମନ୍ଦିର କମିଟି ସଦସ୍ୟଙ୍କ ଠାରୁ ପ୍ରକାଶ। ଏହି ଦାନରେ ମିଳିଥିବା ଟଙ୍କାରେ ମନ୍ଦିର ପାରିପାର୍ଶ୍ୱିକ ଉନ୍ନତ୍ତି, ରାକ୍ଷଣବେକ୍ଷଣ, ମନ୍ଦିରକୁ ଦୂରଦୂରାନ୍ତରୁ ଆସୁଥିବା ଭକ୍ତଙ୍କ ସୁବିଧା ପାଇଁ ଅନେକ କାର୍ଯ୍ୟ କରାଯିବ, ଓ କରାଯାଉଛି ମଧ୍ୟ ବୋଲି ଶ୍ରୀ ଦଳେଇ କହିଥିଲେ।

## ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରେ ବୃକ୍ଷ

କୋଣାର୍କ,(ନିପ୍ର): କୋଣାର୍କ ଓ କାକଟପୁର ବ୍ଲକର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା ଫାଉଣ୍ଡେସନ ପକ୍ଷରୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଜୁଲାଇ ୧ରୁ ୭ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ବନ ମହୋତ୍ସବ ସପ୍ତାହରେ ଲଗାତାର ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ଶୋଭା ଫାଉଣ୍ଡେସନ ପ୍ରତିଷ୍ଠାତା ତଥା ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ପାରିବେଶପ୍ରେମୀ ଜ୍ଞାନ ରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ସପ୍ତାହର ପ୍ରତ୍ୟେକ ଦିନ ତଥା ୭ ଦିନ ଧରି ବୃକ୍ଷରୋପଣ କରାଯାଇଛି। କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ, କାକଟପୁର ବ୍ଲକ ଅନ୍ତର୍ଗତ ଜମରା ଗ୍ରାମ, ଗୋଧନପଡ଼ା ଗ୍ରାମ, ବଢେଇ ଠାକୁରାଣୀ ପୀଠ, ବାଲିଦୋକାନ ବଜାର ଓ ସୁଆରଗ୍ରାମ ବିରିଜାଇ ପୀଠରେ ବ୍ୟାପକ ପରିବେଶ ଉପଯୋଗୀ ବୃକ୍ଷରୋପଣ କରାଯାଇଛି। ବିଶେଷକରି ବଉଳ, ପୀସ୍ତା ବାଦାମ ଓ ଆମ୍ବ ଚାରା ରୋପଣ କରାଯାଇଛି। ଯାହା ପରିବେଶକୁ ପ୍ରଦୂଷଣ ନିୟନ୍ତ୍ରଣ, ମୃତ୍ତିକା ସଂରକ୍ଷଣ, ବିଶ୍ୱ ତାପମାନ ନିୟନ୍ତ୍ରଣ ରଖିବା ସହ ମନୁଷ୍ୟ, ପଶୁପକ୍ଷୀ ଓ ବନ୍ୟଜନ୍ତୁଙ୍କ ନିମନ୍ତେ ଛାୟା, ଫଳ ଓ ଅମ୍ଳଜାନ ପ୍ରଦାନ କରିବ।

## ୯ ରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଦେଶବ୍ୟାପୀ ହରତାଳ

କଟକ,(ନିପ୍ର): କେନ୍ଦ୍ର ସରକାରଙ୍କ ଜନବିରୋଧୀ, ଶ୍ରମିକବିରୋଧୀ ଓ କୃଷକବିରୋଧୀ ନୀତି ବିରୁଦ୍ଧରେ, ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇକରଣ ବନ୍ଦ, ସର୍ବନିମ୍ନ ମାସିକ ପେନସନ ସମସ୍ତଙ୍କୁ ୯ହଜାର ଟଙ୍କା ପ୍ରଦାନ ଓ ଅସ୍ଥାୟୀ ଠିକା ନିଯୁକ୍ତି ଓ ଆଉଟ ସୋର୍ସିଂ ବ୍ୟବସ୍ଥାର ବନ୍ଦ, ସମାନ କାମକୁ ସମାନ ମଜୁରୀ, ଜଙ୍ଗଲ ସଂରକ୍ଷଣ ଆଇନ ୨୦୨୩ର ବାତିଲ ଆଦି ଦାବିରେ କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ ପକ୍ଷରୁ ୯ ଜୁଲାଇରେ ଦେଶବ୍ୟାପୀ ହରତାଳର ଡାକରା ଦିଆଯାଇଛି। କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ ଆଇଏନଟିୟୁସି, ଏସଆଇଟିୟୁସି, ଏଚଏସଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସଟିୟୁ, ଏଲପିଏଫ ଓ ଏନଏଫଆଇଟିୟୁ ଆଦି ୧୧ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏହି ହରତାଳରେ ସାମିଲ ହେବେ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି ।

## ତୁଳସୀପୁର ଗ୍ରାମପଞ୍ଚାୟତ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ପଞ୍ଚାୟତ ସଭା ଗୃହରେ ଆୟୋଜନ କରାଯାଇଥିଲା । ଏହି ଶିବିର ଆରମ୍ଭରୁ ପ୍ରଥମେ ସରପଞ୍ଚ ମଞ୍ଜୁଶ୍ରୀ ଭୋଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ବର୍ତ୍ତମାନ ସାରା ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ମଧୁମେହ ରୋଗ ସହିତ ଅନ୍ୟାନ୍ୟ ଆକ୍ରାନ୍ତ ହେଉଥିବା ଦେଖି ଉକ୍ତ ପଞ୍ଚାୟତର ସରପଞ୍ଚ ଭୋଇ ଏହି ଶିବିର ଆୟୋଜନ କରିବାର ଉଦ୍ଦେଶ୍ୟ ବୋଲି କହିଥିଲେ। ପଞ୍ଚାୟତରେ ଥିବା ବିଭିନ୍ନ ଗ୍ରାମରେ ରହିଥିବା ନିରୀହ ଗରିବ ଲୋକ ମାନେ ଅର୍ଥ ଅଭାବ ଯୋଗୁଁ ଏହି ସବୁ ରୋଗ ବିଷୟରେ ଡାକ୍ତରଙ୍କୁ ଦେଖାଇ ବୁଝିବା ପାଇଁ ସମ୍ଭବ ନୁହେଁ । ଫଳରେ ଉକ୍ତ ପଞ୍ଚାୟତରେ



ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ସାଧାରଣ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଅର୍ଥପିଡ଼ି ମାନଙ୍କ ଏକ୍ସରେ ମାଗଣାରେ କରିଥିଲେ । ଶିବିରରେ ଆସ୍ଥା ହସ୍ପିଟାଲର ମ୍ୟାନେଜିକ ନିର୍ଦ୍ଦେଶକ ତଥା ମେଡ଼ିସିନ ,ଆଇ ସି ୟୁ ଡକ୍ଟର ଅଭିନାଶ ମହାପାତ୍ର , ଅର୍ଥପିଡ଼ିର ଡକ୍ଟର ପ୍ରଦୀପ ମହାରଣା, ଉକ୍ତ ହସ୍ପିଟାଲର କୋଡ଼ିନେଟର ରାଜଶ୍ରୀ କର, ସହିତ ସ୍ୱାସ୍ଥ୍ୟ କର୍ମଚାରୀମାନେ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ରକ୍ତ ନମୁନା ସଂଗ୍ରହ କରି ଅର୍ଥପିଡ଼ିରେ ଏକ୍ସରେ କରିଥିଲେ। ଉକ୍ତ ଶିବିରରେ ପଞ୍ଚାୟତରୁ ଶତାଧିକ ପୁରୁଷ ମହିଳା ରୋଗୀ ଆସି ମାଗଣା ସେବା ଫାଇଦା ନେଇଥିଲେ । ଏହି ମାଗଣା ସ୍ୱାସ୍ଥ୍ୟ ସେବା ଶିବିରରେ ପଞ୍ଚାୟତର ସମିତି ସଭ୍ୟା ଝରଣା ସାହୁ ,ନାଏବ ସରପଞ୍ଚ ରମାକାନ୍ତ ମଲ୍ଲିକ, ସମାଜସେବୀ ଅରକ୍ଷିତ ଭୋଇ ,ପ୍ରକାଶ ଚନ୍ଦ୍ର ସାହୁ , ସମୀର ସାହୁ ,କେଦାରନାଥ ବାରିକ, ଆଦିତ୍ୟ ଶଙ୍କର କର ଉପସ୍ଥିତ ଥିଲେ।

## ଗାଜାଷ୍ଟ୍ରିପ ଉପରେ ଇସ୍ରାଏଲର ବର୍ବର ଆକ୍ରମଣ ସିପିଆଇ(ଏମ) ପକ୍ଷରୁ ଭଦ୍ରକରେ ଡିଜିଟାଲ ପ୍ରତିବାଦ

ଭଦ୍ରକ,(ନିପ୍ର): ବର୍ତ୍ତମାନ ପାଲେଷ୍ଟାଇନର ମୂଳ ଅଧିବାସୀ ଗାଜାବାସୀଙ୍କ ଉପରେ ଯୁକ୍ତରାଷ୍ଟ୍ର ଆମେରିକା ମଦତରେ ଇସ୍ରାଏଲ ବର୍ବର ସାମରିକ ଆକ୍ରମଣ କରି ଗାଜାଷ୍ଟ୍ରିପ୍‌ର ପ୍ରାୟ ୫୫୦୦୦ ସାଧାରଣ ଜନତା, ଶିଶୁମାନଙ୍କୁ ହତ୍ୟା କରିସାରିଲାଣି । ଏପରିକି ବିଭିନ୍ନ ଦେଶରୁ ପାଲେଷ୍ଟାଇନର ଗାଜାଷ୍ଟ୍ରିପକୁ ଯାଉଥିବା ରିଲିଫ ସାମଗ୍ରୀକୁ ଗାଜାବାସୀଙ୍କ ପାଖରେ ଇସ୍ରାଏଲ ପହଞ୍ଚାଇବାକୁ ଦେଉନାହିଁ । ପ୍ରତ୍ୟେକ ଦିନ ପାଲେଷ୍ଟାଇନର ସାଧାରଣ ଜନତା ଭୋକରେ ମରୁଛନ୍ତି । ଏପରିକି ଗାଜାଷ୍ଟ୍ରିପ୍ ଉପରେ ଇସ୍ରାଏଲର ଆକ୍ରମଣ ବନ୍ଦ କରିବା ପାଇଁ ଜାତିସଂଘର ସୁପାରିସକୁ ଇସ୍ରାଏଲ ମାନୁନାହିଁ । ଏହି ମାନବିକଅଧିକାର କ୍ଷୁଣ୍ଣ ପ୍ରସଙ୍ଗରେ କିଛି ସମାଜବାଦୀ ଦେଶକୁ ଛାଡିଲା ପରେ ବିଶ୍ୱର ପୁଞ୍ଜିବାଦୀ ଦେଶ ଗୁଡିକ ନିରବ ରହୁଛନ୍ତି । ଏପରିକି ଇସ୍ରାଏଲ ବିରୁଦ୍ଧରେ ଭାରତ ସରକାର ମଧ୍ୟ କୌଣସି ପ୍ରତିବାଦ କରୁନାହିଁ । ଗାଜାଷ୍ଟ୍ରିପ୍ ଉପରେ ଇସ୍ରାଏଲର ଏହି ବର୍ବର ଆକ୍ରମଣକୁ ବିରୋଧ କରି ଗାଜାବାସୀଙ୍କ ଦୁଃଖ ପ୍ରତି ସଂହତି ଜଣାଇ ସିପିଆଇ(ଏମ) କେନ୍ଦ୍ର କମିଟି ପକ୍ଷରୁ ସିପିଆଇ(ଏମ) ସାଧାରଣ ସଂପାଦକ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏମ୍ ଏ ବେବି ଏକ ବିଶ୍ୱବ୍ୟାପି ଡିଜିଟାଲ ପ୍ରତିବାଦ ଆନ୍ଦୋଳନ ଡାକରା ଦେଇଥିଲେ । ଜୁଲାଇ,୬ ରୁ ଜୁଲାଇ, ୧୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ରାତି ୯:୦୦ ଘଟିକା ଠାରୁ ୯:୩୦ ପର୍ଯ୍ୟନ୍ତ ବିଶ୍ୱବାସୀ ସେମାନଙ୍କ ମୋବାଇଲ୍ ଫୋନ୍ ବନ୍ଦ ରଖିବା, ଫେସବୁକ, ହ୍ୱାଟସପ, ଟ୍ୱିଟର, ଇନଷ୍ଟାଗାମ ଆଦି ବନ୍ଦ ରଖିବା ସହ ସମସ୍ତ ଡିଜିଟାଲ ଯନ୍ତ୍ର ବନ୍ଦ ରଖିବାକୁ ବିଶ୍ୱର ବିଭିନ୍ନ ଦେଶର ମୁଖ୍ୟମାନଙ୍କ ପାଖକୁ ସିପିଆଇ(ଏମ) ପକ୍ଷରୁ ଚିଠି କରାଯାଇ ଏହି ଆନ୍ଦୋଳନକୁ ଭାରତରେ ସଫଳ କରିବା ପାଇଁ ଭାରତବାସୀଙ୍କୁ ନିବେଦନ କରାଯାଇଥିଲା । ସିପିଆଇ(ଏମ) କେନ୍ଦ୍ର କମିଟିର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ସମର୍ଥନ କରି ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଏହି ବିଶ୍ୱବ୍ୟାପି ଡିଜିଟାଲ ପ୍ରତିବାଦ ଆନ୍ଦୋଳନରେ ସାମିଲ ହେବାକୁ ଭଦ୍ରକ ଜିଲ୍ଲାବାସୀଙ୍କୁ ନିବେଦନ କରାଯାଇଥିଲା ।

## ସୁନାବେଶ ଅବସରରେ ସାଂସ୍କୃତିକ ସମାରୋହ



ହିଞ୍ଜିଳିକାଟୁ,(ନିପ୍ର): ବାହୁଡ଼ା ଯାତ୍ରା ପରେ ବଇଁଚ ବଣିଆ ପାବନ ଶ୍ରୀକ୍ଷେତ୍ର ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ରବିବାର ରଥାରୂଢ଼ ଭବ୍ୟ ଓ ଦିବ୍ୟ ଚତୁର୍ଦ୍ଧାମୂର୍ତ୍ତି ସୁନାବେଶରେ ଝଟକୁଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପରୂପ ସୌନ୍ଦର୍ଯ୍ୟ ଓ ଦିବ୍ୟ ରୂପକୁ ଦର୍ଶନ କରି ବିଭୁ କୃପା ଲାଭ କରିଥିଲେ। ସୁନାବେଶ ଦର୍ଶନକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସିଂହଦ୍ୱାର ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିଞ୍ଜିଳିକାଟୁର ତ୍ରିଶକ୍ତି ନୃତ୍ୟାନୁଷ୍ଠାନ ତରଫରୁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲେଇ ଓ ସମ୍ମାନିତ ଅତିଥି ଭାବେ ହିଞ୍ଜିଳି ବିଧାୟକଙ୍କ ପୌର ପରିଷଦ ପ୍ରତିନିଧି ପ୍ୟାରୀ ମୋହନ ପାଢ଼ୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ତ୍ରିଶକ୍ତି ନୃତ୍ୟାନୁଷ୍ଠାନର ଶିଶୁ ଓ ବରିଷ୍ଠ ଶିକ୍ଷାନବିଶ କଳାକାର ମାନେ ଚିତ୍ତାକର୍ଷକ ଭାରତ ନାଟ୍ୟମ୍ ନୃତ୍ୟ ପ୍ରଦର୍ଶନ ଓ ସୁଲଳିତ କଣ୍ଠରେ ଜଗନ୍ନାଥ ସଂସ୍କୃତି ଆଧାରିତ ଜଣାଣ ଏବଂ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।

# ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଆସିକା କରୋନେସନ୍ ପାର୍କ

## ପାଣିରେ ପଡିଲା ୧କୋଟି ଟଙ୍କା !

ଆସିକା,(ନିପ୍ର): ଆସିକା ସହରର୧୩ ନମ୍ବର ୱାର୍ଡ ତଥା ସହରର କେନ୍ଦ୍ରସ୍ଥଳରେ ଥିବା ୧୨୧ ବର୍ଷ ପୁରାତନ କରୋନେସନ୍ ପାର୍କ ପ୍ରାୟ ଏକ କୋଟି ଟଙ୍କାବ୍ୟୟ ଅଟକଳରେ ୨୦୨୧ ମସିହା ଅଗଷ୍ଟ ୩୧ ତାରିଖରେ ଏହି ଉଦ୍ୟାନର ପୁନରୁଦ୍ଧାର ଏବଂ ନବୀକରଣ ହେବା ପରେ ତାହା ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଉକ୍ତବର୍ଷ ଉଦ୍‌ଘାଟନ ପରେ ଆସିକା ସହରକୁ ଏହି ପାର୍କ ଏକ ନୂଆ ପରିଚୟ ଦେଇଥିଲା। କିନ୍ତୁ ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏହି ପୁରାତନ ପାର୍କ ରୁଗ୍ଣ ଅବସ୍ଥା ଆଡ଼କୁ ଗତି କରିବାରେ ଲାଗିଛି। ଏଥି ମଧ୍ୟରେ ଥିବା ୱାଟର ସ୍ପ୍ରେ ଆଉ କାମ କରୁନାହିଁ ଯାହାଦ୍ୱାରା ସେହି ସ୍ଥାନରେ ମଇଳା ପାଣି ଜମା ହୋଇରହିଛି ଆଉ ଧୀରେ ଧୀରେ ଲୋକଙ୍କ ସଂଖ୍ୟା କମିବାରେ ଲାଗିଛି। ପ୍ରକାଶ ଥାଉକି ୧୯୦୩ ମସିହାରେ ଆନ୍ଧ୍ରପ୍ରଦେଶର ଟି.ଭି. ଜୋଶୁଲ୍ ରାଓ ପାରୁଲୁଗାରୁ ଏବଂ ତାଙ୍କ ସ୍ତ୍ରୀ ମୁନ୍ଦରାଜାଙ୍କ ପ୍ରଚେଷ୍ଟାରେ ୪ଏକର ଜମି ଉପରେ ଏହି ପାର୍କ ନିର୍ମାଣ କରାଯାଇଥିଲା । କିଛି ସହୃଦୟ ବ୍ୟକ୍ତିଙ୍କ ସହାୟତାରେ ପାର୍କକୁ ବିଦ୍ୟୁତ୍ ସଂଯୋଗୀକରଣ ହୋଇଥିଲା। ପାର୍କକୁ ଆକର୍ଷଣୀୟ କରିବା ପାଇଁ ଭିତରେ ମହାତ୍ମାଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ, କସ୍ତୁରବା ଗାନ୍ଧି ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭଳି ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା ।ନିର୍ମାଣ କାମ ସରିଯିବା ପରେ ଏହା ୧୯୫୭ ମସିହା ପର୍ଯ୍ୟନ୍ତ ଜନସାଧାରଣଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ୧୯୫୭ରେ ଆସିକା ଏନ୍‌ଏସି ଗଠନ ହେବା ପରେ ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଲା। କିନ୍ତୁ ସମୟ ଗଡ଼ିବା ସାଙ୍ଗକୁ ଏହି ପାର୍କପରିତ୍ୟକ୍ତ ଅବସ୍ଥା ଆଡ଼କୁ ଗତି କରିଥିଲା। ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଓ ଦାବି ପରେ ୨୦୧୯ରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ୨୦୨୧ରେ ଶେଷ ହୋଇଥିଲା। ସବୁଠୁ




ବଡ଼କଥା ହେଉଛି, ଆସିକା ଏନ୍‌ଏସି ଗଠନର ୬୪ ବର୍ଷ ପରେ ସହରରେ ସୌନ୍ଦର୍ଯ୍ୟାକରଣ ପାଇଁ କୌଣସି ଯୋଜନା ହୋଇଥିଲା। ଶିଶୁଙ୍କ ଖେଳକୁଦ ପାଇଁ ବିଶେଷ ଧ୍ୟାନ ଦିଆଯାଇଛି। ପାର୍କ ମଧ୍ୟରେ ହାତୀ ଓ ଜିରାଫ୍ ଆଦି ପଶୁଙ୍କ ସବୁଜ ପ୍ରତିକୃତି, ୱାର୍ଟ ଫାଉଣ୍ଟେନ୍, ରାତ୍ରୀ ଆଲୋକମାଳା, ଘାସପଡ଼ିଆ ସାଙ୍ଗକୁ ପାଦଚଲା ରାସ୍ତା ନିର୍ମାଣ କରାଯାଇଛି। ପ୍ରତିଦିନ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ପାର୍କ ଖୋଲାଯାଉଛି। ସହରବାସୀଙ୍କ ପାଇଁ ଏହା ପ୍ରମୁଖ ଭ୍ରମଣସାନ ପାଲଟିଥିଲା । ତେବେ ବର୍ତ୍ତମାନ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ମ୍ୟୁଜିକାଲ୍ ୱାର୍ଟର ଫାଉଣ୍ଟେନ୍ ପାର୍କ ଖୋଲିବା ଦିନରୁ କାର୍ଯ୍ୟକ୍ଷମ ହୋଇନି। ସେଥିରୁ ମାସାଧିକ ସମୟ ଧରି ପାଣି ଜମି ନିଷ୍କାମନ ହେଉ ନଥିବାରୁ ଦୁର୍ଗନ୍ଧ ବାହାରୁଛି। ଲକ୍ଷାଧିକ ଟଙ୍କାର ଯନ୍ତାଂଶ ଏବେ ଖତ ଖାଉଛି। ସେପଟେ ଦୋଳି ଗୁଡ଼ିକ ଛିଣ୍ଡି ପଡ଼ିଥିବା ବେଳେ ଭାଙ୍ଗି ପଡ଼ିଥିବା କ୍ରୀଡ଼ା ଉପକରଣ ଗୁଡ଼ିକର ମରାମତି ପାଇଁ ଏନ୍‌ଏସି ପ୍ରଶାସନର ନିଘା ନାହିଁ। ଆଗରୁ ମାସିକ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ ହେଉଥିବା ବେଳେ ଗତ ଜାନୁଆରୀମାସରୁ ଏକ ମହିଳା ଏସ୍‌ଏଜିକୁ ଦୈନିକ ମାତ୍ର ୮୫୦ ଟଙ୍କାରେ ଭଡ଼ା ଆକାରରେ ଲିଜ ଆକାରରେ ଦିଆଯାଇଛି। ପାଞ୍ଚବର୍ଷ ବୟସରୁ ଅଧିକ ସମସ୍ତ ବର୍ଗର ଜନସାଧାରଣଙ୍କଠୁ ଭିନ୍ଧାରା ଦୈନିକ ୧୦ ଟଙ୍କା ପ୍ରବେଶଶୁଳ୍କ ଆଦାୟ କରୁଛନ୍ତି। ରକ୍ଷଣାବେକ୍ଷଣ ଦାୟିତ୍ୱ କିନ୍ତୁ ପୌର ପ୍ରଶାସନ ହାତରେ ରହିଛି। ମାସିକ ଯେତେ ଟଙ୍କା ଆଦାୟ ହେଉଛି, ତା'ଠାରୁ ଅଧିକ ଏହାର ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହେଉଛି। ସେହିପରି ଶୌଚାଳୟ ଅବସ୍ଥା ନକହିବା ଭଲ। ତୁରନ୍ତ ଏଦିଗରେ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

ତିଥି : (ତ୍ରୟୋଦଶୀ) : (ଜ୍ୟେଷ୍ଠା ବିଛା)
ଅମୃତବେଳା: ଦିବା ଘ ୭ ।୪୧ ମଧ୍ୟେ ଘ ୯ ।୧୭ ଗତେ

## ଆଜିର ଅନୁଚିନ୍ତନ

ସବୁଠୁ ସରଳ ପ୍ରଶ୍ନଗୁଡ଼ିକରୁ ଅଧିକାଂଶ ଜ୍ଞାନଗର୍ଭକ । ତୁମେ କେଉଁଠି ଜନ୍ମ ନେଇଥିଲ ? କେଉଁଠି ତୁମର ଘର ? କେଉଁଠି କି ତୁମେ ଯାଉଛ ? ତୁମେ କ'ଣ କରୁଛ ? ଏସବୁ ପ୍ରଶ୍ନ ଯଦି ଥରେ ଚିନ୍ତା କରିବ, ତୁମର ଉତ୍ତରଗୁଡ଼ିକ ପରିବର୍ତ୍ତିତ ହୋଇଯିବ ।

- ରିଚାର୍ଡ ବାକ୍

# ସୁଫଳ କିଭଳି ଆଶା କରାଯିବ ?

ସ୍ୱଚ୍ଛ ଭାରତ ଯୋଜନା ଘରେ ଘରେ ପିଇବା ପାଣି ଯୋଜନା ଯଦି ଠିକ୍ ଭାବରେ ଚାଲେ, ତେବେ ଡାଇରିଆ ହେଉ କି ହଇଜା ବ୍ୟାପିବାର ଆଶଙ୍କା ଉପୁଜିବ ନାହିଁ । ମାତ୍ର ଏହି ଦୁଇ ଯୋଜନା କେଉଁଠି ଯେପରି ବାଟବଣା ହୋଇଯାଇଛି । ଥଳକୂଳ ପାଉନାହିଁ, ସେପରି ମନେ ହେଉଛି । ଯେଉଁମାନେ ଏ କ୍ଷେତ୍ରରେ ଦାୟିତ୍ୱ ନିର୍ବାହ କରିବା ପାଇଁ ସରକାରୀ ତହବିଲରୁ ଦରମା ପାଉଛନ୍ତି ତାହାମଧ୍ୟରୁ କେତେକଙ୍କ ଶିଥିଳତା ବା ନିଷ୍କ୍ରିୟତା ଏଥିଲାଗି ଦାୟୀ । ଗତ ଜୁନରେ କେବଳ ଯାଜପୁର ନୁହେଁ, କେନ୍ଦୁଝର, ଭଦ୍ରକ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା ଏପରିକି ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଡାଇରିଆ ବ୍ୟାପିବା ଆତଙ୍କ ସୃଷ୍ଟି କରିଥିଲା । କେବଳ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଡାଇରିଆ ବା ହଇଜାରେ ୧୯ ଜଣଙ୍କ ମୃତ୍ୟୁ ଘଟିଥିବା ଖବର ବେସରକାରୀ ଭାବେ ଚର୍ଚ୍ଚାକୁ ଆସିଲା । ଏବେ ଗଂଜାମ ଜିଲ୍ଲା ଦିଗପହଣ୍ଡି ଜିଲ୍ଲା ସହଦେବ ଟିକରପଡ଼ା ପଞ୍ଚାୟତର ଉସ୍ତପଲ୍ଲୀ ଗାଁରେ ହଇଜା ଆତଙ୍କ ଦେଖାଦେଇଛି । ପୂର୍ବରୁ ଏଥିରେ ଜଣକର ମୃତ୍ୟୁ ଘଟିଥିଲା ଓ ସଦ୍ୟ ଆଉ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି । ଅନ୍ୟୂନ ୨୦ଜଣ ଆକ୍ରାନ୍ତ ଥିବା ଖବର ମଧ୍ୟ ଆସୁଛି । କାହିଁକି ଏ ହଇଜା/ ଝାଡ଼ାବାନ୍ତି ପୁଣି ବ୍ୟାପିଲା । ପ୍ରାଥମିକ ଅନୁସନ୍ଧାନ ଯାହା କହୁଛି ତାହା ହେଲା ଦୂଷିତ ଜଳ ହିଁ ଏହାର କାରଣ । ଦୂଷିତ ଜଳ ପିଇବାକୁ ଲୋକେ ବାଧ୍ୟ ହୁଅନ୍ତି ଯେଉଁ ସ୍ଥାନରେ ପାନୀୟ ଜଳ ବନ୍ଦୋବସ୍ତର ଅଭାବ ଥାଏ । ଆଦିବାସୀ ଅଧ୍ୟୁଷିତ ଆଲୋଚ୍ୟ ଗାଁରେ ରହନ୍ତି ପ୍ରାୟ ୪୦ ଆଦିବାସୀ ପରିବାର । ମରିବା ଠୁଁ ଘୋଷରା ଯେପରି ବଳିଯାଏ ସେହି ଆଧାରରେ ଦେଖିଲେ ସଂପୃକ୍ତ ଗାଁକୁ ଆଜିଯାଏଁ ଭଲ ରାସ୍ତାଟିଏ ନାହିଁ । କାଦୁଅ ଓ ବିପଦପୂର୍ଣ୍ଣ କାରଣରୁ ଏହି ରାସ୍ତାରେ ଆମ୍ବୁଲାନ୍ସ ସୁଦ୍ଧା ଗାଁ ଭିତରକୁ ଯାଇପାରୁନାହିଁ । ଏପରି ସ୍ଥିତି ଉପୁଜିଛି ଯେ ରୋଗୀଙ୍କୁ ଦୋଳାରେ ବୋହି ନେବାକୁ ପଡୁଛି । କେବଳ ସଂପୃକ୍ତ ଗ୍ରାମ କାହିଁକି ରାଜ୍ୟର ଦୁର୍ଗମ ଅଞ୍ଚଳରେ ଏପରି ବହୁ ଗ୍ରାମ ରହିଛି ଯେଉଁଠିକି ଭଲ ରାସ୍ତାଟିଏ ନାହିଁ କି ପିଇବା ପାଣିର ଉପଯୁକ୍ତ ବନ୍ଦୋବସ୍ତ ନାହିଁ । ନାନା ସମସ୍ୟା ଘେରରେ ବହୁ ଗ୍ରାମାଞ୍ଚଳ ରହିଛି ।

ଏହା କହିବାର ଅର୍ଥ ଯେ ରାଜ୍ୟର ଯେଉଁସବୁ ଅଞ୍ଚଳରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ରହିଛି ତାହା ସବୁ ନିୟମିତ ବ୍ୟବଧାନରେ ଜଳଯୋଗାଣ ଆରମ୍ଭ କରି ଭିତ୍ତିଭୂମି କିପରି ଅଛି ତାହା ଯାଞ୍ଚ କରାଯାଉଛି କି ? ସାଧାରଣ ଭାବେ ଆମେ ଜାଣୁ ଯେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଯଦି କେଉଁଠି ପାଇପ ଫାଟିଥାଏ ଏବଂ ଦୂଷିତ ଜଳ ସଂସ୍ପର୍ଶରେ ଆସୁଥାଏ ବିପଦ ଗୋଡ଼େଇ ଗୋଡ଼େଇ ଆସିବା ନିଶ୍ଚିତ । ଯେଉଁଠି ଭୂତଳ ଜଳଯୋଗାଣ ବା ନଳକୂପ ବ୍ୟବସ୍ଥା ରହିଛି ସେଠାରେ ପାଣିର ଗୁଣବତ୍ତା ଠିକ୍ ରହିଛି ବୋଲି ନିୟମିତ ଯାଞ୍ଚ କରାଯାଉଛି କି ? ଦେଖିବାକୁ ଗଲେ ଏହା ଏକ ବ୍ୟାପକ ତଥା ସମନ୍ୱୟ କାର୍ଯ୍ୟକ୍ରମ, ଏକାଠି ହୋଇ ଉତ୍ତର ଦାୟିତ୍ୱର ସହ କାର୍ଯ୍ୟ କଲେ ନିଶ୍ଚୟ ସୁଫଳ ମିଳିବ । ଏ ପରିପ୍ରେକ୍ଷୀରେ ସାଧାରଣରେ ଭାବରେ ପାନୀୟ ଜଳ ସମସ୍ୟା କେଉଁଠି ଅଛି କି ନାହିଁ ତାହାର ତଦାରଖ କରିବା ଦାୟିତ୍ୱ କାହାର ? ଦୂଷିତ ଜଳ ପାନ କରି ଲୋକେ ହଇଜା ବା ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ବ୍ୟବସ୍ଥାରେ ରହିଥିବା କେଉଁଠି ନା କେଉଁଠି ତ୍ରୁଟିର ଯେ ପରିଣାମ, ଏଥିରେ କେହି ଆପତ୍ତି ଉଠାଇବେ ନାହିଁ । କେବଳ ହଇଜା ବା ଝାଡ଼ାବାନ୍ତି ସମୟରେ ସ୍ୱାସ୍ଥ୍ୟବିଭାଗ ତତ୍ପର ହେଲେ ଚଳିବ ନାହିଁ, ଅନ୍ୟ ସମୟରେ ବିଭିନ୍ନ ଅଞ୍ଚଳରେ ପିଇବା ପାଣି ସୁନିଶ୍ଚିତ କରାଯିବା ଦରକାର । ଏ କ୍ଷେତ୍ରରେ ସଂପୃକ୍ତ ବିଭାଗ ଗୁଡ଼ିକ ଏକାଠି କାମ ନ କଲେ କିଭଳି ସୁଫଳ ଆଶା କରାଯିବ ?

# 'ମୋତେ ଧର, ଜୀବନରେ ଗ୍ରହଣ କର...'

ଡା. ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି । ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି । ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ । ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତା'ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ । ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚେଇ ଦିଅନ୍ତି ଯେ ଜନ୍ମ, ଜୀବନ କି ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ । ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ । ତେଣୁ, ତାକୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ । ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ । ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏ ବିଗ୍ରହ ।

ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ତାଙ୍କ ଦାରୁ ଉପାସନାକୁ ସ୍ୱୀକାର କରନ୍ତି । ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏ ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ । ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ । ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ । କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନଟି ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ । ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ । ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ ।

କଟକ, ମୋ : ୯୪୩୭୦୫୧୯୫୭

# ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ

ଡ. ଅମୂଲ୍ୟ କୁମାର ପଣ୍ଡା



"ଶ୍ରୀମନ୍ଦିରର ପାରମ୍ପରିକ ପ୍ରଥା ଅନୁସାରେ ନୀଳାଦ୍ରି ବିଜେରେ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଶ୍ରୀମନ୍ଦିରରେ ପ୍ରବେଶ କରିବା ପରେ ଦେବୀ ଲକ୍ଷ୍ମୀଙ୍କ ଆଦେଶରେ ଦାସୀମାନେ ଶ୍ରୀମନ୍ଦିର ଦ୍ୱାର ରୁଦ୍ଧ କରି ଦିଅନ୍ତି । ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରେ ପ୍ରବେଶ କରି ନ ପାରି ଶ୍ରୀଜଗନ୍ନାଥ ଦାସୀଙ୍କ ମାଧ୍ୟମରେ ଦେବୀ ଲକ୍ଷ୍ମୀଙ୍କୁ ବିନୟ ବଚନ ସମ୍ବଳିତ ଅନୁରୋଧ କରିବା ପରେ ଦେବୀ ଲକ୍ଷ୍ମୀ ଦ୍ୱାର ଖୋଲନ୍ତି । ସହଚରୀମାନେ ଯାଇ ଦେବୀ ଲକ୍ଷ୍ମୀଙ୍କୁ ବିନୟ ବଚନ ସମ୍ବଳିତ ଶ୍ରୀଜଗନ୍ନାଥଙ୍କ ଅନୁରୋଧ ଜଣାଇବା ପରେ, ଲକ୍ଷ୍ମୀଦେବୀ ତାଙ୍କର ଛଦ୍ମ କଠୋରତା ପରିହାର କରି , ଆନନ୍ଦ ବିହ୍ୱଳ ଚିତ୍ତରେ ଶ୍ରୀମନ୍ଦିରର ଦ୍ୱାର ଖୋଲି ଦେବାପାଇଁ ସେମାନଙ୍କୁ ଆଦେଶ ଦେଇଛନ୍ତି । ଶ୍ରୀମନ୍ଦିରରେ ନୀଳାଦ୍ରି ବିଜେ ନୀତିର ପାରମ୍ପରିକ ପ୍ରଥା ଅନୁଯାୟୀ । ଏହା ପରେ ଦାସୀ ବା ସହଚରୀ ଭୂମିକାରେ ଥିବା ସେବକମାନେ ଶ୍ରୀମନ୍ଦିରର କବାଟ ଖୋଲି ଦିଅନ୍ତି ଏବଂ ପ୍ରଭୁ ଭିତରକୁ ବିଜେ କରନ୍ତି ।

ପ୍ରତି ଆନନ୍ଦ ଓ କୋଟି ଓଡ଼ିଆଙ୍କ ଉତ୍କଣ୍ଠାର ଦିନ ମହାପ୍ରଭୁଙ୍କର ନୀଳାଦ୍ରି ବିଜେ । ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସନ୍ଧ୍ୟାଧୂପ ନୀତି ପରେ ଗୋଟି ପହଣ୍ଡିରେ ନୀଳାଦ୍ରି ବିଜେ କରନ୍ତି ତିନି ଠାକୁର । ବର୍ଷକୁ ଗୋଟିଏ ଦିନ ନୀଳାଦ୍ରି ବିଜେ ସମୟରେ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ । ପରମ୍ପରା ଅନୁଯାୟୀ ଶ୍ରୀଜୀଉମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନାଧିଷ୍ଠିତ ହୋଇଥାନ୍ତି । ପ୍ରଥମେ କୃଷ୍ଣବଳରାମ, ମଦନ ମୋହନଙ୍କୁ ଦକ୍ଷିଣ ଘରକୁ ବିଜେ କରାଯିବା ପରେ ଶ୍ରୀସୁଦର୍ଶନ ଓ ପରେ ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶେଷରେ କାଳିଆ ଠାକୁରଙ୍କୁ ରତ୍ନ ସିଂହାସନକୁ ବିଜେ କରାଯାଏ । ଚାରମାଳ ଆସିବା ପରେ ଭେଟ ମଣ୍ଡପରେ ମହାଲକ୍ଷ୍ମୀ ଓ ଜଗନ୍ନାଥଙ୍କ ଭେଟ ନୀତି କରାଯାଇଥାଏ । ଶାସ୍ତ୍ରରେ ଯଦି ଓ ଉଲ୍ଲେଖ ରହିଛି ଦ୍ୱାଦଶୀ ଦିନ ମହାପ୍ରଭୁ ନୀଳାଦ୍ରି ବିଜେ କରନ୍ତି, କିନ୍ତୁ ପ୍ରକୃତ ପକ୍ଷେ ଏକାଦଶୀ ଦିନ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୟୋଦଶୀ ତିଥିରେ ନୀଳାଦ୍ରି ବିଜେ ହୋଇଥାଏ । ଏହି ପରମ୍ପରା ଦୀର୍ଘ ଅନେକ ବର୍ଷ ଧରି ଅନୁସୃତ ହୋଇ ଆସୁଅଛି । ଶ୍ରୀଜଗନ୍ନାଥ ଚେତନାରେ ଶ୍ରୀଜୀଉଙ୍କର ଅନେକ ଅନ୍ତରଙ୍ଗ ନୀତି ଗୋପନୀୟ ଓ ଅବର୍ଣ୍ଣନୀୟ ।

ବର୍ଷକୁ ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ନୀଳାଦ୍ରିବିଜେ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ । ଓଡ଼ିଶାର ଶ୍ରୀଜଗନ୍ନାଥ ମନ୍ଦିର ପରଂପରାର ଗୋଟିଏ ବିଶେଷତ୍ୱ ହେଉଛି 'ରଥଯାତ୍ରା'ର ଅନ୍ତିମ ଉତ୍ସବ 'ନୀଳାଦ୍ରି ବିଜେ' ରେ ରସଗୋଲା ଭୋଗର ପାରମ୍ପରିକ ପ୍ରଚଳନ ଅଛି । ଭିତରଛ ମହାପାତ୍ରଙ୍କ ନିଜସ୍ୱ ଗୃହରେ ଅତ୍ୟନ୍ତ ଶୁଦ୍ଧପୂତ ଭାବରେ ଏହି ରସଗୋଲା ତିଆରି ହୋଇଥାଏ । ପରମ୍ପରା ଅନୁସାରେ ବିଭିନ୍ନ ମଠ ଏବଂ ସେବକ ନିଯୋଗ ପକ୍ଷରୁ ପ୍ରଭୁଙ୍କୁ ପଂକ୍ତିଭୋଗ କରାଯାଏ । ନୀଳାଦ୍ରି ବିଜେ ଦିନ ରଥ ଉପରେ ଠାକୁରମାଙ୍କର ସନ୍ଧ୍ୟା ଧୂପ ନୀତି ସରିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ । ଏହାପରେ ଦର୍ଶନ ନିମିତ୍ତ କିଛି ସମୟ ଭକ୍ତମାନଙ୍କୁ ରଥ ଉପରୁ ଛଡା ଯାଇଥାଏ । ପ୍ରଥମେ ବିଜେ କାହାଳି ବାଜିବା ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ । ପୁଷ୍ପାଳକ ମହାଜନମାନେ ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀ ଘରକୁ ବିଜେ କରାଇଥାନ୍ତି । ତତ୍ପରେ ଗୋଟି ପହଣ୍ଡି କ୍ରମରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରାଯାଏ । ପହଣ୍ଡି ବିଜେ ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧାଯାଏ ଓ ଅଖଣ୍ଡ ବଇଠା ବସେ । ଠାକୁରମାନେ ପହଣ୍ଡିରେ ଆସିବାବେଳେ ମନ୍ଦିର ପରିସରସ୍ଥ ଶୁଆଶାରୀ ଦେଉଳଠାରେ ପ୍ରସାଦ ଲାଗି, ଘସା, ବିଡିଆ ମଣୋହି ଓ ବନ୍ଦାପନା ନୀତି ବଢିଥାଏ । ଜଗମୋହନଠାରେ ମଧ୍ୟ ଏହି ନୀତି ପାଳିତ ହୋଇଥାଏ । ସୂଚନାଯୋଗ୍ୟ ଯେ, ଗୁଣ୍ଡିଚା ମନ୍ଦିରଠାରେ ରଥ ଉପରୁ ଠାକୁରମାନେ ଗୁଣ୍ଡିଚା ଘର ରତ୍ନସିଂହାସନକୁ ପହଣ୍ଡି ବିଜେ କରିବା ସମୟରେ ରଥ ଉପରେ ଯେଉଁ ପ୍ରକାର ନୀତି ଅନୁସୃତ ହୋଇଥାଏ, ଠିକ୍ ସେହିପରି ସିଂହଦ୍ୱାରଠାରେ ନୀଳାଦ୍ରି ବିଜେ ପହଣ୍ଡିରେ ସମ ନୀତି ପାଳିତ ହୁଏ ।

ଶ୍ରୀମନ୍ଦିରର ପାରମ୍ପରିକ ପ୍ରଥା ଅନୁସାରେ ନୀଳାଦ୍ରି ବିଜେରେ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଶ୍ରୀମନ୍ଦିରରେ ପ୍ରବେଶ କରିବା ପରେ ଦେବୀ ଲକ୍ଷ୍ମୀଙ୍କ ଆଦେଶରେ ଦାସୀମାନେ ଶ୍ରୀମନ୍ଦିର ଦ୍ୱାର ରୁଦ୍ଧ କରି ଦିଅନ୍ତି । ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରେ ପ୍ରବେଶ କରି ନପାରି ଶ୍ରୀଜଗନ୍ନାଥ ଦାସୀଙ୍କ ମାଧ୍ୟମରେ ଦେବୀ ଲକ୍ଷ୍ମୀଙ୍କୁ ବିନୟ ବଚନ ସମ୍ବଳିତ ଅନୁରୋଧ କରିବା ପରେ ଦେବୀ ଲକ୍ଷ୍ମୀ ଦ୍ୱାର ଖୋଲନ୍ତି । ସହଚରୀମାନେ ଯାଇ ଦେବୀ ଲକ୍ଷ୍ମୀଙ୍କୁ ବିନୟ ବଚନ ସମ୍ବଳିତ ଶ୍ରୀଜଗନ୍ନାଥଙ୍କ ଅନୁରୋଧ ଜଣାଇବା ପରେ , ଲକ୍ଷ୍ମୀଦେବୀ ତାଙ୍କର ଛଦ୍ମ କଠୋରତା ପରିହାର କରି , ଆନନ୍ଦ ବିହ୍ୱଳ ଚିତ୍ତରେ ଶ୍ରୀମନ୍ଦିରର ଦ୍ୱାର ଖୋଲି ଦେବା ପାଇଁ ସେମାନଙ୍କୁ ଆଦେଶ ଦେଇଛନ୍ତି । ଶ୍ରୀମନ୍ଦିରରେ ନୀଳାଦ୍ରି ବିଜେ ନୀତିର ପାରମ୍ପରିକ ପ୍ରଥା ଅନୁଯାୟୀ । ଏହା ପରେ ଦାସୀ ବା ସହଚରୀ ଭୂମିକାରେ ଥିବା ସେବକମାନେ ଶ୍ରୀମନ୍ଦିରର କବାଟ ଖୋଲି ଦିଅନ୍ତି ଏବଂ ପ୍ରଭୁ ଭିତରକୁ ବିଜେ କରନ୍ତି । ଭଣ୍ଡାର ଦ୍ୱାର ସମ୍ମୁଖରେ ଲକ୍ଷ୍ମୀ ନାରାୟଣ ଭେଟ ସହିତ ବିବାହ ଗଇଣ୍ଠାଳ ଫିଟା ହୁଏ ଏବଂ ସେହି ଅପୂର୍ବ ମିଳନ ମୁହୂର୍ତ୍ତରେ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ଲକ୍ଷ୍ମୀଦେବୀଙ୍କ ମାନଭଞ୍ଜନ ଜନିତ ମଧୁର ନିଦର୍ଶନ ସ୍ୱରୂପ ରସଗୋଲା ଭୋଗ ଅର୍ପିତ ହୁଏ । ଏହା ପରେ ଘସା, ବିଡିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ରସଗୋଲା ଭୋଗ ହୋଇଥାଏ । ଗଇଣ୍ଠାଳର ଏକ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ହେଉଛି । ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ରୁକ୍ମିଣୀ ହରଣ ପରେ ଶ୍ରୀଜଗନ୍ନାଥଙ୍କର ଯେଉଁ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ । ତାହା ପରେ ପରେ ପ୍ରଭୁ ସ୍ନାନଯାତ୍ରାକୁ ଆସି ସ୍ନାନନୀତି ପରେ ଜ୍ୱରରେ ପଡ଼ି ଅଣସରରେ ରୁହନ୍ତି ଏବଂ ସେବକଙ୍କ ଦ୍ୱାରା ଗୁପ୍ତ ନୀତି ତଥା ଚିକିତ୍ସା ପରେ ମହାପ୍ରଭୁ ଜ୍ୱରରୁ ଉଠିବା ପରେ ନବଯୌବନ ଦର୍ଶନ ଦେଇ ମାଆ ଲକ୍ଷ୍ମୀଙ୍କୁ ମନ୍ଦିରରେ ଏକାକୀ ଛାଡି ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ଗୁଣ୍ଡିଚାଘରକୁ ଘୋଷଯାତ୍ରାରେ ବାହାରି ଯାଆନ୍ତି । ତେଣୁ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ପଡ଼ିଥିବା ବିବାହ ଗଇଣ୍ଠାଳ ଫିଟିପାରି ନଥାଏ । ସେହି ଗଇଁଠାଳ ଫିଟେ ରଥଯାତ୍ରାର ଶେଷ ପର୍ବ ' ନୀଳାଦ୍ରି ବିଜେ ' ଦିନ ।

ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ବହୁ ଶତାବ୍ଦୀ ଧରି ନୀଳାଦ୍ରି ବିଜେ ଦିନ ମହାଲକ୍ଷ୍ମୀଙ୍କ ମାନଭଞ୍ଜନର ମଧୁର ନୈବେଦ୍ୟ ଭାବରେ ରସଗୋଲା ଭୋଗ ଅର୍ପିତ ହୋଇ ଆସୁଅଛି । କେବଳ ସେତିକି ନୁହେଁ, ଶ୍ରୀଜଗନ୍ନାଥଙ୍କ ସେବା ପୂଜା ସହିତ ଜଡ଼ିତ ବଡ଼ ଓଡ଼ିଆ ମଠ, ଉତ୍ତର ପାର୍ଶ୍ୱ ମଠ, ରାଧାବଲ୍ଲଭ ମଠ , କଟକୀ ମଠ, ନେବଳ ଦାସ ମଠ ଓ ରାଧାଶ୍ୟାମ ମଠ ଆଦିରେ ମଧ୍ୟ ରସଗୋଲା ଭୋଗ ୩୦୦ ବର୍ଷ ହେଲା ପ୍ରଚଳିତ ଥିବା ଜଣାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀକ୍ଷେତ୍ରର ଏହି ମଠ, ଯାହାର କି ରସଗୋଲା ଭୋଗ ଜଗମୋହନକୁ ଆସି ଶ୍ରୀଜଗନ୍ନାର୍ଥ ଓ ଶ୍ରୀଦେବୀ ( ମହାଲକ୍ଷ୍ମୀ ) ଙ୍କର ବିବାହ ଗଇଣ୍ଠାଳ ଫିଟିବା ସମୟରେ ଜନୈକ ପୂଜାପଣ୍ଡା ସେବକଙ୍କ ଦ୍ୱାରା ସର୍ପମଣୋହି ବିଧିରେ ଶ୍ରୀଜଗନ୍ନାଥଙ୍କୁ ନିବେଦିତ ହୋଇଥାଏ ।

ଏହାର ପରଂପରା ପ୍ରାୟ ୩୦୦ ବର୍ଷର କୁହଯାଏ । ତେବେ ଦାଣ୍ଡି ରାମାୟଣ ରସଗୋଲା ଉକ୍ତି ଅନୁସାରେ ଓଡ଼ିଶା ରସଗୋଲାର ୫୦୦ ବର୍ଷର ପ୍ରମାଣ । ଏହା ସହିତ ନୀନାଦ୍ରି ବିଜେ ଦିନ ଏହା ପରଂପରା କ୍ରମେ ଶ୍ରୀଜଗନ୍ନାଥ ଓ ମାଆ ମହାଲକ୍ଷ୍ମୀଙ୍କୁ ଭୋଗ ରୂପେ ଅର୍ପିତ ହେବା ମଧ୍ୟ ସ୍ପଷ୍ଟ ଓ ଦୃଢ଼ ଭାବରେ ପ୍ରମାଣ କରେ ଯେ ଓଡ଼ିଶା ହିଁ ରସଗୋଲାର ଆଦିଭୂମି । ଧନ୍ୟ ସେ ମହାପ୍ରଭୁ ଧନ୍ୟ ତାଙ୍କର ଲୀଳା ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

# ଫିଉଜ ବଲବ : ଏକ ଆଲୋଚନା

ସନ୍ତୋଷ

"ଉଦୟ ସୂର୍ଯ୍ୟକୁ ସମସ୍ତେ ଜଳ ଦେଇ ପୂଜା କରନ୍ତି କିନ୍ତୁ ଅସ୍ତ ଯାଉଥିବା ସୂର୍ଯ୍ୟକୁ କେତେଜଣ ପୂଜା କରନ୍ତି ? କିଛି କିଛି ଲୋକ ନିଜର ପଦ ଗରିମାକୁ ନେଇ ଏତେ ଗର୍ବ କରନ୍ତି ଯେ ସେମାନେ ରିଟାୟାରମେଣ୍ଟ ପରେ ବି ସେମାନେ ସେମାନଙ୍କର ଭଲ ଦିନକୁ ଭୁଲି ପାରନ୍ତି ନାହିଁ । ସେମାନେ ନିଜ ଘର ଆଗରେ ନେମ୍ ପ୍ଲେଟରେ ଲଗାନ୍ତି , ରିଟାୟାର୍ଡ ଆଇ.ଏ.ଏସ./ ରିଡାୟାର୍ଡ ଆଇ.ପି.ଏସ./ ରିଟାୟାର୍ଡ ପି..ସି.ଏସ./ ରିଟାୟାର୍ଡ ଜଜ୍ / ରିଟାୟାର୍ଡ ବିଡିଓ/ ରିଟାୟାର୍ଡ ଡାଇରେକ୍ଟର/ ରିଟାୟାର୍ଡ ପ୍ରିନ୍ସିପାଲ/ ରିଟାୟାର୍ଡ ପ୍ରଫେସର /ଏସବୁ ଲେଖା କୋଉ ପୋଷ୍ଟରେ ହୁଏ ଭାଇ ?

ମୁଁ ମାନୁଛି ଆପଣ ବହୁତ ବଡ ଅଫିସର ଥିଲେ, ବହୁତ ପାୱାରଫୁଲ ଥିଲେ । ସାରା ସହରର ଲୋକେ ଆପଣଂକୁ ମାନୁଥିଲେ, ଅଫିସରେ, ଘରେ ସରକାରୀ ଚାକିରିଆ ଆପଣଙ୍କ କାମ କରୁଥିଲେ , ହେଲେ ଏବେ କ'ଣ ? ଏବେ ସେ ସବୁ କଥାର ମାନେ କିଛି ରହେନାହିଁ ।

ସହରରେ ଥିବା ଗୋଟିଏ ସ୍ଥାନରେ ଜଣେ ସିନିୟର ଆଇ.ଏ.ଏସ୍ . ଅଫିସର ରହିବା ପାଇଁ ଆସିଲେ ଯିଏକି ନିକଟରେ ଅବସର ଗ୍ରହଣ କରିଥିଲେ ।

ସେ ରିଟାୟାର୍ଡ ଆଇ.ଏ.ଏସ୍. ଅଫିସର ଜଣକ ବଡ ହଇରାଣ ହରକତରେ ସବୁ ଦିନ ସନ୍ଧ୍ୟାବେଳେ ପାର୍କରେ ବୁଲାଚଲା କରିବା ସମୟରେ ଅନ୍ୟ ଲୋକମାନଙ୍କୁ ତିରସ୍କାର ପୂର୍ଣ ନଜରରେ ଦେଖନ୍ତି । କୌଣସି ଲୋକଙ୍କ ସାଂଗରେ ମିଶନ୍ତି ନାହିଁ କି କଥାବାର୍ତ୍ତା କରନ୍ତି ନାହିଁ । ସେ ଖୁବ୍ ଗର୍ବୀ ଓ ଅହଂକାରୀ ଥିଲେ । ତାଙ୍କ ସହ କେହିବି ଆଳାପ ଆଲୋଚନା କରିବାକୁ ଚାହିଁଲେ ସେ କଥା ହେବାକୁ ଚାହାନ୍ତି ନାହିଁ । ସେ କୁଟିଳ ଢଙ୍ଗରେ ଏଡାଇ ଦିଅନ୍ତି ।

ଦିନେ ସନ୍ଧ୍ୟା ସମୟରେ ଜଣେ ବୁଢା ଲୋକ ପାଖରେ ସେ ଗପସପ କରିବା ଲାଗି ଆସି ବସିଲେ ଏବଂ ସେ ସେହି ଦିନ ଠାରୁ ପ୍ରାୟ ସବୁଦିନ ଆସି ବସି ଗପସପ କରିବାକୁ ଲାଗିଲେ । କିନ୍ତୁ ତାଙ୍କ କଥାର ବିଷୟ ପ୍ରାୟ ସବୁଦିନ ଗୋଟିଏ ପରି ହେଉଥିଲା -- ମୁଁ ଏତେ ବଡ ଆଇଏଏସ୍ ଅଫିସର ଥିଲି ।





ଏଠିକି ତ ମୁଁ ଖାଲି ବାଧ ବାଧକତାରେ ଆସି ରହିଛି ଓ ତୁମମାନଙ୍କ ସାଂଗରେ ଆସି ଗପସପ କରୁଛି ।

ମୋତେ ଦିଲ୍ଲୀ କିମ୍ବା ଜୟପୁରରେ ବଡ ବଡ ଲୋକମାନଙ୍କ ଏରିଆରେ ରହିବାର ଥିଲା ।

ଆଉ ସେଠାକାର ବୟସ୍କ ଲୋକମାନେ ପ୍ରତିଦିନ ଶାନ୍ତିପୂର୍ଣ୍ଣ ଭାବରେ ତାଂକ କଥା ଶୁଣିଥାନ୍ତେ ।

ବିଚଳିତ ହୋଇ ଦିନେ ସେ ବୁଢା ଲୋକ ତାଙ୍କୁ ବୁଝାଇଲେ , ଆପଣ କେବେ ଫ୍ୟୁଜ ବଲବ ଦେଖିଛନ୍ତି ? ବଲବ ଫିଁଉଜ ହୋଇଗଲା ପରେ କେହି କ'ଣ ଦେଖନ୍ତି , ଯେ ଏହା କୋଉ କମ୍ପାନିର ଥିଲା , କେତେ ୱାଟର ଥିଲା, ସେ କେମିତି ଆଲୁଅ ଦେଉଥିଲା, ତା ଆଲୁଅ କେମିତି ଜକମକ କରୁଥିଲା ଇତ୍ୟାଦି ଇତ୍ୟାଦି ? ଫିଉଜ ହେଲା ପରେ ଏହାକୁ କୌଣସି ପ୍ରଶ୍ନ ଦରକାର ପଡେନାହିଁ । ଏମିତିକା ବଲବକୁ କବାଡିଆ ବାଲା ବି ନିଅନ୍ତି ନାହିଁ । ସେମାନେ ଅଳିଆ ଗଦାରେ ଫୋପାଡି ଦିଅନ୍ତି ନା ନାହିଁ ?

ଅଫିସର ଜଣକ ସହମତିରେ ମୁଣ୍ଡ ହଲେଇଲା, ବୃଦ୍ଧ ବୟସ୍କ ଲୋକଟି ପୁଣି କହିଲେ--ରିଟାୟାର୍ଡମେଣ୍ଟ ପରେ ଆମ ସମସ୍ତଂକର ସ୍ଥିତି ସେହିପରି ହୁଏ , ଯେମିତି ଫିଉଜ ବଲର ଅବସ୍ଥା ।

ଆମେ କୋଉଠି କଣ କରୁଥିଲେ, କେତେ ବଡ ପଦରେ ଥିଲେ , କେତେ ଟଙ୍କା ପାଉଥିଲେ, କେତେ ପାୱାର ଥିଲା, ଏ ସବୁର କିଛି ବି ମାନେ ରହେ ନାହିଁ ।

ମୁଁ ଏହି ସୋସାଇଟିରେ ଗତ କିଛି ବର୍ଷ ହେଲା ରହିଆସୁଛି, ଆଉ ମୁଁ ଆଜିଯାଏ କାହାରିକୁ ବି ଏପର୍ଯ୍ୟନ୍ତ କହିନାହି ଯେ ମୁଁ ଦୁଇଥର ସଂସଦର ସଭ୍ୟ ରହି ସାରିଛି । ସେ ଆଗରେ ଯୋଉ ଲୋକଟି ବସିଛନ୍ତି, ସେ ସାହୁବାବୁ । ରେଲୱେର ମହାପ୍ରବନ୍ଧକ ଥିଲେ । ସେ ପଟେ ଯିଏ ଇଆଡକୁ ଆସୁଛନ୍ତି, ସିଂ ସାହେବ ସେନାର ବିଗ୍ରେଡିୟର ଥିଲେ । ସେ ପଟ୍ଟନାୟକ ବାବୁ ଇସ୍ରୋର ଜଣେ ବଡ଼ ଅଫିସର ଥିଲେ । ଏ ସବୁ କଥା ସେମାନେ ବି କାହାକୁ କହି ନାହାନ୍ତି । ମୋତେ ବି କହି ନାହାନ୍ତି ।କିନ୍ତୁ ମୁଁ ଜାଣିଛି ଯେ ସମସ୍ତେ ଗୋଟିଏ ଗୋଟିଏ ଫିଉଜ ବଲବ ପରି । ପ୍ରାୟ ସମସ୍ତେ ଏକାଭଳି ହୋଇ ଯାଆନ୍ତି ସେ ଜିରୋ ୱାଟର ହେଉ, କି ୫ ୱାଟର ହେଉ, କି ୧୦ ୱାଟର ହେଉ, କି ୫୦ ୱାଟ, କି ୧୦୦ ୱାଟ ହେଇଥାଉ । କୋଉଟା ଜଳୁନାହିଁ ତ , ତାହାର ଉପଯୋଗିତା ନାହିଁ ।

ଉଦୟ ସୂର୍ଯ୍ୟକୁ ସମସ୍ତେ ଜଳ ଦେଇ ପୂଜା କରନ୍ତି କିନ୍ତୁ ଅସ୍ତ ଯାଉଥିବା ସୂର୍ଯ୍ୟକୁ କେତେଜଣ ପୂଜା କରନ୍ତି ? କିଛି କିଛି ଲୋକ ନିଜର ପଦ ଗରିମାକୁ ନେଇ ଏତେ ଗର୍ବ କରନ୍ତି ଯେ ସେମାନେ ରିଟାୟାରମେଣ୍ଟ ପରେ ବି ସେମାନେ ସେମାନଂକର ଭଲ ଦିନକୁ ଭୁଲି ପାରନ୍ତି ନାହିଁ । ସେମାନେ ନିଜ ଘର ଆଗରେ ନେମ୍ ପ୍ଲେଟରେ ଲଗାନ୍ତି , ରିଟାୟାର୍ଡ ଆଇ.ଏ.ଏସ./ ରିଡାୟାର୍ଡ ଆଇ.ପି.ଏସ./ ରିଟାୟାଡ ପି..ସି.ଏସ./ ରିଟାୟାର୍ଡ ଜଜ୍/ ରିଟାୟାର୍ଡ ବିଡିଓ/ ରିଟାୟାର୍ଡ ଡାଇରେକ୍ଟର/ ରିଟାୟାଡ ପ୍ରିନ୍ସିପାଲ/ ରିଟାୟାର୍ଡ ପ୍ରଫେସର /ଏସବୁ ଲେଖା କୋଉ ପୋଷ୍ଟରେ ହୁଏ ଭାଇ ?

ମୁଁ ମାନୁଛି ଆପଣ ବହୁତ ବଡ ଅଫିସର ଥିଲେ, ବହୁତ ପାୱାରଫୁଲ ଥିଲେ । ସାରା ସହରର ଲୋକେ ଆପଣଂକୁ ମାନୁଥିଲେ, ଅଫିସରେ, ଘରେ ସରକାରୀ ଚାକିରିଆ ଆପଣଂକ କାମ କରୁଥିଲେ , ହେଲେ ଏବେ କ'ଣ ? ଏବେ ସେ ସବୁ କଥାର ମାନେ କିଛି ରହେନାହିଁ ।

ଏବେ ଏହି କଥାର ମାନେ ଆସେ ଯେ, ଆପଣ ଯୋଉ ପଦରେ ଥିଲେ, ସେ ପଦରେ ଥିଲାବେଳେ କେମିତିକା ମଣିଷ ଥିଲେ । ଆପଣ କେତେ ଲୋକଙ୍କର ଜୀବନ ଛୁଇଁଛନ୍ତି, ସାଧାରଣ ଲୋକଙ୍କୁ କେତେ ସାହାଯ୍ୟ କରିଛନ୍ତି, ସମାଜକୁ କ'ଣ ଦେଇଛନ୍ତି । କେତେ ଲୋକଙ୍କୁ ନିଯୁକ୍ତିରେ ସହାୟତା କରିଛନ୍ତି । କେତେ ଲୋକଂକୁ ସାହାଯ୍ୟ କରିଛନ୍ତି ,କେତେ ଲୋକଂକର ଉପକାର କରିଛନ୍ତି ?

ପଦରେ ରହିବା ସମୟରେ କେବେ ଗର୍ବ ଆସିଲେ ମନେ କରିବେ ଯେ ଦିନେ ନା ଦିନେ ସମସ୍ତଙ୍କୁ ଫିଉଜ ହେବାକୁ ପଡିବ ।

ସାମନ୍ତରାପୁର, ଭୁବନେଶ୍ୱର

CMYK
08.07.2025.pmd 1 7/7/2025, 5:41 PM

CMYK



## ଟାଉନ କ୍ଲବ ୩୯ତମ ଭଜନ ସମାରୋହ

ରଣପୁର,୭।୭(ନିପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ଓଡିଶାର ପ୍ରତିଷ୍ଠିତ କଳାକାର ନେଇ ରବିବାର ପବିତ୍ର ଏକାଦଶୀ ତିଥିରେ ନନ୍ଦିଘୋଷ ରଥ ସମ୍ମୁଖରେ ଟାଉନ କ୍ଲବର ୩୯ତମ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ବାଚସ୍ପତି ସୁରୁମା ପାଢ଼ୀ ଭଜନ ସମାରୋହ ମଞ୍ଚକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁର ତହସିଲଦାର ଏନ.ଏସି ଅଧକ୍ଷା ରଙ୍ଗୀନ ମହାନ୍ତି. ଏସଡିପିଓ.ଆଇ. ଆଇ. ସି ରଣପୁର ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶାର ସୁନାମ ଧନ୍ୟ କଳାକାର କୁମାର ବାପି ପିନାକୀ ନାୟକ ଅନୁସୟା ନାଥ, ପ୍ରଦୀପ ପଳେଇ, ତ୍ରିନାଥ ନାୟକ, ଦୀପ୍ତି ରେଖା. ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ ପ୍ରାର୍ଥନା ଚାନେଲ ମିୟୁଜିସିୟାନମାନେ ଯୋଗ ଦେଇଥିଲେ। କୁମାର ବାପି ଓ ସାଥି କଳାକାର ଭଜନ ଶୁଣିବା ପାଇଁ ଶ୍ରୋତାମାନଙ୍କ ଭିଡ଼ ଜମିଥିଲା।

## ଓଳସିଂହ ଗ୍ରୀନ୍ କ୍ଲବ ଆନୁକୂଲ୍ୟରେ ଚାରା ରୋପଣ

ନିରାକାରପୁର, ୭/୭ (ନିପ୍ର); ଗଛ ସହିତ ଆମର ସମ୍ପର୍କ ନିବିଡ ଓ ନିରନ୍ତର ପ୍ରାଣବାୟୁର ନିରବଚ୍ଛିନ୍ନ ଯୋଗାଣକାରୀ ଏହି ଗଛ ତେଣୁ ଏହା ବିନା ଅସମ୍ଭବ । ଏଭଳି କୌଣସି ବୃକ୍ଷନାହିଁ ଯାହା ଅଦରକାରୀ ।କିନ୍ତୁ ବିଡମ୍ବନା ହେଲା ଆଧୁନିକ ବିକାଶ ପ୍ରକ୍ରିୟାରେ ବୃକ୍ଷ ସମ୍ପଦ ଧ୍ୱସ୍ତବିଧ୍ୱସ୍ତ। ଏହାର ପରିଣାମ ସ୍ୱରୂପ ପୃଥିବୀ ଅଧିକରୁ ଅଧିକ ଉତ୍ତପ୍ତ ହେବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନ ଜନିତ ବିଭୀଷିକା କାରଣରୁ ମାନବ ସମାଜ ବିପର୍ଯ୍ୟସ୍ତ ହେବାରେ ଲାଗିଛି ଏଭଳି ଘଡିସନ୍ଧି ମୁହୂର୍ତ୍ତରୁ ମାନବ ସମାଜକୁ ରକ୍ଷା କରିବାକୁ ହେଲେ ବୃକ୍ଷ ରୋପଣ ନୁହେଁ ବୃକ୍ଷ ବଞ୍ଚାଇବା ଏକାନ୍ତ ଅପରିହାର୍ଯ୍ୟ । ତେଣୁ ସମସ୍ତେ ନିଜ ଉଦ୍ୟମରେ ଚାରା ରୋପଣ କରିବାକୁ ଓଳସିଂହ ଗ୍ରିନ୍ ଆନୁକୂଲ୍ୟରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଷ୍ଠ ଗଣ ମତବ୍ୟକ୍ତ କରିଛନ୍ତି । ନୂଆଜଗନ୍ନାଥ ସଡକ ଓଳସିଂହ ଠାରୁ ଭାୟା ଓଳସିଂହ ଗ୍ରାମ୍ୟ ରାସ୍ତାରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା । ଏହି ଅବସରରେ ଓଳସିଂହ ଗ୍ରାମର ନୂତନ କ୍ରୀଡା ଭୁବନର ଅତିଥିମାନଙ୍କ ଦ୍ୱାରା ଭୂମିପୂଜନ ଅନୁଷ୍ଠିତ ହୋଇଥିଲା ।

## ରିଆମାଳ ବନବିଭାଗରେ ଚାରା ବିକ୍ରୟ କେନ୍ଦ୍ର ଏକ ପ୍ରହସନ !

ଦେବଗଡ.୭।୭ (ନିପ୍ର); ଦେବଗଡ଼ ଜିଲ୍ଲା ରିଆମାଳ ବନବିଭାଗ ରେଂଜରଙ୍କ ମନମାନି ଓ ପ୍ରଜାଙ୍କୁ ଅଶାଳୀନ ବ୍ୟବହାର କରୁଛନ୍ତି । ସ୍ୱଷ୍ଟ ଦିବାଲୋକରେ ବନବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଚାରା ବିକ୍ରୟ କେନ୍ଦ୍ର ଖୋଲି ଜନତାଙ୍କୁ ଭୁଆଁ ବୁଲାଉଛନ୍ତି । ଚାରା କେନ୍ଦ୍ରରେ ରଙ୍ଗିନ ପୋଷ୍ଟର ମରାଯାଇଛି।




କିନ୍ତୁ ସବୁବେଳେ ବନ୍ଦ ପଡିଥିବା ପରିଲକ୍ଷିତ ହେଉଛି । ଜନସାଧାରଣ ବିଭିନ୍ନ ଚାରା କିଣିବା ଆଶାରେ ଯାଇ ନିରାଶ ହୋଇ ଫେରୁଛନ୍ତି ଓ ଏପଟେ ପଦାଧିକାରୀ ହନୁମାନ ଛକରେ ବସି ଚା ପିଇ ଶୁଖିଲା ବାହାସ୍ଫୋଟ ମାରୁଥିବା ଦେଖାଯାଇଛି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିଦ୍ୟୁତ ବିଭାଗର ମନମାନି , ଅଘଟଣ ଘଟିଲେ ଦାୟୀ କିଏ ହେବ

ଦେବଗଡ଼,୭।୭ (ନିପ୍ର): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ସଦର ମହକୁମା ରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ନିକଟସ୍ଥ ବିଦ୍ୟୁତ ଖୁଣ୍ଟରୁ ଦଶଟି ଲାଇନ୍ ଛନ୍ଦାଛନ୍ଦି ହୋଇ ରହିଛି। ଯାହାଦ୍ୱାରା ବିଦ୍ୟୁତ ସଂଯୋଗ ବରମ୍ବାର ସ୍ପାର୍କିଙ୍ଗ ହେବାରୁ ଲାଇନ୍ କଟିବା ସହ ଉପଭୋକ୍ତା ମାନେ ଛାନିଆ ହେଉଛନ୍ତି । ନିର୍ବାହୀ ଯନ୍ତ୍ରୀ କେତେ ମାଲ୍ ନେଲେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବେ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ଗଛ ପତ୍ର ହଲିଲେ ଏଠାରେ ବାରମ୍ବାର ଘଣ୍ଟା ଘଣ୍ଟା ଧରି ଲାଇନ୍ କଟୁଛି । ଏହାର ସମାଧାନ କେବେ ହେବ, ନଚେତ୍ ଉପଭୋକ୍ତା ମାନେ ଧାରଣା ଦେବେ ବୋଲି ସଜବାଜ ହେଉଛନ୍ତି ।

## ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ପ୍ରେରଣାଦାୟୀ ଭାବ ବିନିମୟ

ଭବାନୀପାଟଣା, ୭/୭ (ନି.ପ୍ର): କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ପୋଲିସ ଉଚ୍ଚ ବିଦ୍ୟାଳୟ ଭବାନୀପାଟଣା ଠାରେ ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଅନନ୍ୟ ଅଭିନବ ପ୍ରେରଣାଦାୟୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ପ୍ରବୀଣ ଶିକ୍ଷାବିତ୍ ଡ. ଉମେଶଚନ୍ଦ୍ର ଶତପଥୀ, ବରିଷ୍ଠ କ୍ରୀଡାବିତ୍ ପଙ୍କଜ ପଟ୍ଟନାୟକ, ସମାଜସେବୀ ଦୃଢ ସଂଗଠକ ପ୍ରକୃତି ବନ୍ଧୁ ବରିଷ୍ଠ ଶିକ୍ଷାବିତ ପ୍ରଦୀପ କୁମାର ସାହୁ ,ପ୍ରକୃତି ବନ୍ଧୁ ଏନ.ସି.ସି ଶିକ୍ଷକ ରବି ପ୍ରସାଦ କାନୁନଗୋ , ବିଦ୍ୟାଳୟର ପୂର୍ବତନ ମୋଧାବୀ ଛାତ୍ରୀ ସୁଶ୍ରୀ ପ୍ରୀତିଛନ୍ଦା ସ୍ୱାଇଁ ଏବଂ ବହୁ ପ୍ରତିଭାମୁଖୀ ରାଜ୍ୟପାଳ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ପୂର୍ବତନ ସିନିୟର୍ କ୍ୟାଡେଟ୍ କ୍ୟାପଟେନ୍ ଶୁଭଲକ୍ଷ୍ମୀ ଦାଶ ପ୍ରମୁଖ ପ୍ରେରଣାଦାୟୀ କାର୍ଯ୍ୟକ୍ରମରେ ଯୋଗଦାନ କରି ସେମାନଙ୍କର ବହୁମୂଲ୍ୟ ଆମୂଲ୍ୟ ଅନୁଭୂତିଗୁଡିକ ଉପସ୍ଥାପନା କରି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ଭାବବିନିମୟ ପୂର୍ବକ ଦିଗଦର୍ଶନ ଦେଇ ପ୍ରେରଣା ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କର ଶିକ୍ଷା,ପାରିପାର୍ଶିକ ପରିବେଶ ସନ୍ତୁଳନ । ସାହିତ୍ୟ,କ୍ରୀଡା, ବିଜ୍ଞାନ, ବୈଷୟିକ ଜ୍ଞାନ, ନିଜ ଜୀବନର ଲକ୍ଷ୍ୟ ହାସଲ ନିମନ୍ତେ ପ୍ରବଳ ଉଦ୍ୟମ ଓ କଠିନ ପରିଶ୍ରମ ଉପରେ ଗୁରୁତ୍ୱାରୋପ କରି ନିଜର ସାମଗ୍ରୀକ ଉନ୍ନତି ସହ ଭବିଷ୍ୟତ ଗଠନ କରିବା ନିମନ୍ତେ ଧ୍ୟାନ ଆକର୍ଷଣ କରାଯାଇଥିଲା ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବନ ମହୋତ୍ସବ

ଭବାନୀପାଟଣା, ୭/୭ (ନି.ପ୍ର)- କଳାହାଣ୍ଡି ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ତା; ୦୬.୦୭.୨୦୨୫ ରିଖ ରବିବାର କଳାହାଣ୍ଡି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ମହୋତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ ର ଉପକାରିତା ବିଷୟରେ ଏକ ସଚେତନତା କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା । ଏଥିରେ ଜାତୀୟ ଆଇନ ସେବା ପ୍ରାଧିକରଣର ଟୋଲ୍ ଫ୍ରି ନମ୍ବର ୧୫୧୦୦ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଆଇନ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ଏହି ବନ ମହୋତ୍ସବ ପାଳନ ଦିବସରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ, ଅନୁପ ରଞ୍ଜନ ପଟ୍ଟନାୟକ,ଭିଜଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ,ଏଡିଜେ ପୋକ୍‌ସୋ, ରାଜିବ ଲୋଚନ ସାହୁ,ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ପଦ୍ମଲୋଚନ ବଡଜେନା, ସିନିୟର ସିଭିଲ ଜଜ୍ ପି.ସୀତାଲକ୍ଷ୍ମି, ସିନିୟର ସିଭିଲ ଜଜ୍ (ମହିଳା ଅଦାଲତ୍)ମନସ୍ୱନୀ ରଥ, ରେଜିଷ୍ଟ୍ରାର ଚରଣଜିତ୍ ଓରାମ. ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସ୍ନିଗ୍‌ଧା ପଣ୍ଡା, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଧା ଶର୍ମା , ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପୁଜା ପ୍ରିୟଦର୍ଶିନି ପତି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଚିନ୍ତିତା ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଭଶ୍ରୀ ସୋମ୍ୟକାନ୍ତି ପ୍ରଧାନ,କଳାହଣ୍ଡି ଲିଲ୍ଲା ଶିକ୍ଷାଧିକାରି, ରାଧାକାନ୍ତ ଛତ୍ରି,ଫିଜିକାଲ ଏଜୁକେସନ ଅଫିସର, ରୁପସିଂହ ରାଉତ ପ୍ରମୁଖ ଉପସ୍ଥିତ ରହି ଏହି ଦିବସଟିକୁ ପାଳନ କରିଥିଲେ ।

## ଘର ପୋଡି ପାଉଁଶ

ଭଦ୍ରକ,୭।୭ (ନିପ୍ର); ଭଦ୍ରକ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବନ୍ତ ବ୍ଲକ୍ ଅନ୍ତର୍ଗତ ଆଗରପଡା ସ୍ଥିତ (ବି.ଟି ପୁର) ଗ୍ରାମ ପଞ୍ଚାୟତ ରାଉତରାୟ ପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ସେହି ଗ୍ରାମର ବାସିନ୍ଦା ବିନୋଦ ସାହୁଙ୍କ ବାସଭବନରେ ସଂପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇ ଥିବାର ଖବର ପାଇ ଭଣ୍ଡାରିପୋଖରୀ ବିଧାୟକ -ସଂଜୀବ୍ କୁମାର ମଲ୍ଲିକ ଘଟଣାସ୍ଥଳରେ ଉପସ୍ଥିତ କ୍ଷତିଗ୍ରସ୍ତ ପରିବାରକୁ ଭେଟି ଥିଲେ। ଏହି ସମୟରେ ସାଥିରେ ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନାଙ୍କ ସମେତ ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ ଉପସ୍ଥିତ ଥିବା ବେଳେ ସାଥିରେ ସ୍ଥାନୀୟ ଅଞ୍ଚଳର ନେତୃମଣ୍ଡଳୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମହାରାଣୀ ସାଗର ମହାଦୁର୍ନୀତି ଅଭିଯୋଗର ଭିଜିଲାନ୍ସ ତଦନ୍ତ ଦାବି



ବଲାଙ୍ଗିର,୭।୭ (ନିପ୍ର): ସହରର ମହାରାଣୀ ସାଗର ହୋଇଥିବ ଦୁର୍ନୀତିକୁ ଏକ ମହାଦୁର୍ନୀତି ବୋଲି ଆଖ୍ୟା ଦେବା ସହ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର। ଏହାସହ ସହରର ଏନଏଚ କଡରେ ବଲାଙ୍ଗିର ମୁନିସିପାଲିଟି ସୌନ୍ଦର୍ଯ୍ୟ କରଣ ନାରେ ଏନଏଚ ରାସ୍ତକୁ ଲାଗି କରୁଥିବା ବେଆଇନ ନିର୍ମାଣ ଏନଏଚ ରାସ୍ତା ସଂକୋଚନ ହେବା ସହ ବିନା ଅନୁମତି ହେବା କଥା ନୁହେଁ ବୋଲି ଶ୍ରୀ ମିଶ୍ର କହିଥିଲେ । ରାଜ୍ୟରେ ଏକ ବର୍ଷ ଓ କେନ୍ଦ୍ରରେ ୧୧ ବର୍ଷ ଡବଲ ଇଞ୍ଜିନ ସରକାର ଲୋକଙ୍କୁ ବିକାଶ ନାଁରେ ମିଛ କହୁଛି। ନିର୍ବାଚନ ଜିତିବା ପାଇଁ ମିଥ୍ୟା ପ୍ରତିଶ୍ରୁତି ଦେବାରେ ଉଭୟ ସରକାର ବେଶ ପାରଙ୍ଗମ। ଡବଲ ଇଞ୍ଜିନ ଆସିଲେ ଡବଲ ବିକାଶ ହେବ କହୁଥିବା ସରକାର ରାଜ୍ୟକୁ କିନ୍ତୁ କେନ୍ଦ୍ରୀୟ ଅନୁଦାନ କ୍ରମାଗତ ଭାବରେ କମେଇ ଚାଲିଛି । ଏପରିକି ନିକଟରେ ବିଜେପି ସରକାରକୁ ଆସିଥିବା ଚାରୋଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ତାଙ୍କର ସରକାରଙ୍କ କାର୍ଯ୍ୟଶୈଳୀକୁ ଦେଖିଲେ ଜଣାପଡୁଛି ଯେମିତି ସବୁ ସରକାର ଏକ ଶିଳ୍ପପତିଙ୍କ ହାତରେ ବନ୍ଧାପଡିଛନ୍ତି ବୋଲି ଆଜି ସ୍ଥାନୀୟ ସର୍କିଟ ହାଉସ ଠାରେ ସାମ୍ବାଦିକମାନଙ୍କ ସହିତ ଅନୁଷ୍ଠିତ ଏକ ମତବିନିମୟ କାର୍ଯ୍ୟକ୍ରମରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ସାମ୍ବାଦିକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଲୋକଙ୍କ ଆନ୍ଦୋଳନ ଯୋଗୁଁ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ସମ୍ଭବ ହୋଇ ପାରିଛି। ତାର ମୁଖ୍ୟ ଉଦ୍ଦେଶ୍ୟ ଯାହାକି ଚାଷ ଜମିକୁ ପାଣିଦେବା କଥା ତାହା ନ ଦେଇ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଏଠାରୁ ଖଣିଖନନ କରିବାକୁ ସ୍ଥିର କରିସାରିଛନ୍ତି । ଯଦି ଖଣିଖନନ ଦ୍ୱାରା ସୁକତେଲ ପାଣି ଦୂଷିତ ହୁଏ ତେବେ ଏହା ସମ୍ପୂର୍ଣ୍ଣ ବେଆଇନ ବୋଲି ଡବଲ ଇଞ୍ଜିନ ସରକାର ଜାଣି ରଖିବା କଥା। ଖଣି ଖନନ ଦ୍ୱାରା କେବଳ ଶିଳ୍ପପତିଙ୍କ ଉନ୍ନତି ହେବ। ନା ଏଠାରେ ଶିଳ୍ପ ହେବ ନା ଏଠିକାର ଲୋକ ରୋଜଗାର ପାଇବେ? ତେଣୁ ଦାଦନ ଅବସ୍ଥା ଯେମିତି କି ସେମିତି ରହିବ। ଯଦିଓ ଆମ ଜିଲ୍ଲା ସ୍ୱାସ୍ଥ୍ୟମନ୍ତ୍ରୀ ପାଇଛି କିନ୍ତୁ ମେଡିକାଲ କଲେଜର ସୁବିଧା ଲୋକ ପାଇବା ପରିବର୍ତ୍ତେ ଆହୁରି ଘୋର ଦୁର୍ଦ୍ଦଶା ଭୋଗୁଛନ୍ତି। ଓଡିଶାର ଜମି ଜଙ୍ଗଲ, ଖଣି ଯାହା ଉପରେ କି ଆଦିବାସୀଙ୍କ ଅଧିକାର ଅଛି ସେ ସବୁକୁ ଡବଲ ଇଞ୍ଜିନ ସରକାର ଏକ ଶିଳ୍ପପତିଙ୍କୁ ଟେକି ଦେବା ଅତି ନିନ୍ଦନୀୟ। ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଉଚ୍ଚ ପଦସ୍ତ ସରକାରୀ ଅଧିକାରୀ ଆନ୍ଦୋଳନରେ ଯିବା ଏବଂ ସରକାର ନିରବଦ୍ରଷ୍ଟା ରହିବା ସ୍ପଷ୍ଟ କରୁଛି ଯେ ସରକାର ଠିକ ହିସାବରେ ଚାଲୁ ନାହିଁ। ଏହି ମତ ବିନିମୟ କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ରଙ୍କ ସହ ବରିଷ୍ଠ କଂଗ୍ରେସ ନେତା ଅଶୋକ ନନ୍ଦ, ମନୀଷ ମିଶ୍ର ମଂଚାସୀନ ଥିବା ବେଳେ ସେବାଦଳ ଅଧକ୍ଷ ଅସୀତ ମିଶ୍ର, ନଗର ସଭାପତି ବୁଲୁ ଦାନି, ଜୁଲୁ ପଟ୍ଟନାୟକ, ବିରେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାୟଗଡ଼ା ଓ ଗୁଣପୁର କଲେଜକୁ ସରକାରୀ ମାନ୍ୟତା ଦିଆଯାଉ : ନାଗରିକ ମଞ୍ଚ

ରାୟଗଡା,୭।୭ (ନିପ୍ର): ରାୟଗଡା ଓ ଗୁଣପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ନାଗରିକ ମଞ୍ଚ ତରଫରୁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାୟଗଡା ଓ ଗୁଣପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ଦାବୀ ନେଇ ନାଗରିକ ମଞ୍ଚର ପ୍ରତିନିଧି ମାନେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ରାୟଗଡା ଗସ୍ତ ସମୟରେ ଭେଟି ଦୁଇଟି କଲେଜକୁ ସରକାରୀ ମାନ୍ୟତା ପ୍ରଦାନ କରାଯିବା ସହ ଜିଲ୍ଲାର କ୍ରୀଡା, ଉଚ୍ଚ ଶିକ୍ଷା ଓ ସଂସ୍କୃତିର ବିକାଶ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାରେ କ୍ରୀଡାର ଉନ୍ନତି ପାଇଁ ରାୟଗଡା ସହର ଉପକଣ୍ଠରେ ଏକ ଆଉଟଡୋର ଷ୍ଟାଡିଅମ ନିର୍ମାଣ, ଗୁଣପୁର ମିନି ଷ୍ଟାଡିଅମର ଉନ୍ନତିକରଣ, ରାୟଗଡା ଠାରେ ରାଜ୍ୟସ୍ତରୀୟ କ୍ରିକେଟ ସହିତ ଖେଳ ଷ୍ଟାଡିଅମ ନିର୍ମାଣ, ଏହାଛଡା ରାୟଗଡା ଓ ଗୁଣପୁରରେ ସ୍ପୋର୍ଟ୍ସ ହଷ୍ଟେଲ ନିର୍ମାଣ ପାଇଁ ମଞ୍ଚ ପ୍ରତିନିଧିମାନେ ପ୍ରସ୍ତାବ ଦେଇଥିଲେ। ସେହିପରି ଜିଲ୍ଲାରେ ପାରା ସ୍ପୋର୍ଟ୍ସ ପାଇଁ ସ୍ୱତନ୍ତ୍ର ଭାବେ ପ୍ରୋତ୍ସାହନ ଏବଂ ଜିଲ୍ଲାକୁ ସୁନାମ ଆଣିଥିବା ଖେଳାଳିଙ୍କୁ ଆର୍ଥିକ ଅନୁଦାନ ଓ ଉପକରଣ ପ୍ରଦାନ କରି ଉତ୍ସାହିତ କରିବା, ନୂତନ ଖେଳାଳିଙ୍କୁ ସୁଯୋଗ ପ୍ରଦାନ ଓ ଉତ୍ସାହିତ କରିବା ସହ ବଡନାଳ ଡ୍ୟାମ ନିକଟରେ ଏକ ସନ୍ତରଣ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ, ସେହିପରି ବିଷମକଟକ ବ୍ଲକର ଚାଟିକଣା ଠାରେ ଏକ ତୀରନ୍ଦାଜ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବା ପାଇଁ ଅନୁରୋଧ କରାଯାଇଛି। ଶିକ୍ଷାକ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ସରକାରୀ ଘୋଷଣା କରିବା, ସମର ଶିକ୍ଷାର୍ଥୀ ବାହିନୀକୁ ସଶକ୍ତ କରିବା ପାଇଁ ଆର୍ଥିକ ଅନୁଦାନ ମଞ୍ଜୁରୀ, ଅମ୍ଳଭଟ୍ଟା ଠାରେ ନିର୍ମିତ ବି. ଇଡି କଲେଜକୁ ତୁରନ୍ତ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ କରିବା, ରାୟଗଡା ଓ ଗୁଣପୁର ସଦର ମହକୁମାରେ ଗୋଟିଏ ଲେଖାଏଁ ଆଦିବାସୀ ମହାବିଦ୍ୟାଳୟ ସ୍ଥାପନ, ମୁନିଗୁଡା ଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା, ପୁରୁଣା ରାୟଗଡାରେ ଏକ ମହାବିଦ୍ୟାଳୟ ସ୍ଥାପନ ଜିଲ୍ଲାରେ ଲ କଲେଜ ସ୍ଥାପନ ପାଇଁ ଦାବି କରାଯାଇଛି।

ମନ୍ତ୍ରୀ ଦାବିପତ୍ରକୁ ସହୃଦୟତାର ସହ ଗ୍ରହଣ କରିଥିବା ନାଗରିକ ମଞ୍ଚ ସୂଚିତ କରିଛି।

## ଭାରତୀୟ ମଜଦୁର ସଂଘର ୧୯ତମ ଜିଲ୍ଲା ସମ୍ମିଳନୀ

ଭବାନୀପାଟଣା, ୭/୭ (ନି.ପ୍ର)- ଭାରତୀୟ ମଜଦୁର ସଂଘ, କଳାହାଣ୍ଡି ଶାଖାର ୧୯ତମ ବାର୍ଷିକ ଅଧିବେଶନ ଭବାନୀପାଟଣା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରଜବିହାର ସଭାଗୃହରେ ଅନୁଷ୍ଠିତ ହୋଇଥିଲା, ଉକ୍ତ ଅଧିବେଶନକୁ ଭାରତୀୟ ମଜଦୂର ସଂଘ ଓଡିଶା ପ୍ରଦେଶର ସଂଗଠନ ମନ୍ତ୍ରୀ ଲକ୍ଷ୍ମଣ ପ୍ରସାଦ ଦାସ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଉଦଘାଟନୀ ଉତ୍ସବରେ ରାଜ୍ୟ ପ୍ରଭାରୀ ବିରଞ୍ଚି ନାରାୟଣ ପଣ୍ଡା, କଳାହାଣ୍ଡି ଓ ନୂଆପଡା ପ୍ରଭାରୀ ବିଶ୍ୱ ରଞ୍ଜନ ସାହା, କଳାହାଣ୍ଡି ଉପଭୋକ୍ତା ସଂଘ ର ସଭାପତି ପ୍ରଦୀପ ବିହାର, ଜିଲ୍ଲା କୋଠାବାଡି ଓ ନିର୍ମାଣ ଶ୍ରମିକ ସଙ୍ଘର ସଭାପତି ଭବାନୀ ଶଙ୍କର ରାଉତ, କଳାହାଣ୍ଡି ଜିଲ୍ଲା ଭାରତୀୟ ମଜଦୁର ସଂଘର ସଂପାଦକ ରାଧା ମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ଜିଲ୍ଲା ଅଙ୍ଗନବାଡି ଓ୍ୱାରକର ସଂଘ, ଆଶାକର୍ମୀ ସଂଘ, ପାଚିକାଓ ସହାୟିକା ସଂଘ, ସିଆରପି ସଂଘ ହେମାଲ ସଂଘ, କୃଷି ଗ୍ରାମୀଣ ସଂଘ, ବିଶ୍ୱକର୍ମା ସଂଘ, କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ସଂଘ ଏବଂ ଇ. ସି.ସଂଘ ରୁ ପ୍ରାୟ ୩୦୦ ରୁ ଅଧିକ ସଦସ୍ୟ ସଦସ୍ୟା ଯୋଗଦେଇ ତାଙ୍କର ମତାମତ ରଖିଥିଲେ।

## ମୃତ ଶିକ୍ଷକଙ୍କ ପରିବାରକୁ ଆର୍ଥିକ ସହାୟତା

କେସିଙ୍ଗା, ୭।୭ (ନିପ୍ର); କେସିଙ୍ଗା ବ୍ଲକ ଏକ୍ସକ୍ୟାଡର ଶିକ୍ଷକ ସଙ୍ଘ ତରଫରୁ ମୃତ ଶତ୍ରୁଘ୍ନ ହରିଜନ ଶିକ୍ଷକଙ୍କ ପରିବାରକୁ ସାକ୍ଷାତ କରି ସମବେଦନା ଜଣାଇବା ସହିତ ୨୯୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ । ଗତ -୨୭/୬ /୨୫ ତାରିଖ ଦିନ କେସିଙ୍ଗା ବ୍ଲକ୍ ଅନ୍ତର୍ଗତ କାଦୋପଡ଼ା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ହରିଜନଙ୍କ ୫୦ ବର୍ଷ ବୟସରେ ଫୁସଫୁସ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ସ୍ଥିତ ସମ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ଏଥିରେ ଏକ୍ସକ୍ୟାଡର୍ ଶିକ୍ଷକ ସଂଘର ସଭାପତି ନୀଳାମ୍ବର ଶାହା, ସମ୍ପାଦକ ଜିତେନ୍ଦ୍ର କୁମାର ପଧାନ, କ୍ୟାସିଅର ନରସିଂହ ମାଝୀ, ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର କୁମାର ନାୟକ,ଗୌରହରି ସାହୁ,ସଦାଶିବ ସାହୁ, ହରପ୍ରସାଦ ସା, ଯୁଗେଶ୍ୱର୍ ବାଗ,ବିଜୟ ପ୍ରଧାନ, ଦେବାର୍ଚ୍ଚନ ଗୌଡ, ମକରଧ୍ୱଜ ମାଝୀ, ଉପେନ୍ଦ୍ର ମାଝୀ, ଭାଗିରଥି ସିଂହ, ଖିରସିନ୍ଧୁ ଶବର ଓ ପ୍ରେମାନନ୍ଦ ହରପାଲ ପ୍ରମୁଖ ଉପସ୍ଥିତ ରହି ମୃତ ଶିକ୍ଷକଙ୍କ ପାଇଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥିଲେ।

## ଡାଇରିଆ ଓ ମେଲେରିଆ ନିରାକରଣ : ପରିମଳ ରକ୍ଷା ଉପରେ ଗୁରୁତ୍ୱ

ରାୟଗଡା,୭।୭ (ନିପ୍ର): ଜିଲ୍ଲାରେ ଡେଙ୍ଗୁ, ଡାଇରିଆ ଓ ମେଲେରିଆ ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲ୍ଲାରେ ବ୍ୟାପିବା ଆଶଙ୍କା କରି ଏହାର ନିରାକରଣ ନିମନ୍ତେ ପ୍ରସ୍ତୁତି ରହିବାକୁ ଜିଲ୍ଲାପାଳ ପାରୁଲ ପଟାଓ୍ୱାରୀଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ ଉପଜିଲ୍ଲାପାଳ ରମେଶ କୁମାର ଜେନାଙ୍କ ଅଧକ୍ଷତାରେ କାଶୀପୁର ବ୍ଲକର ସମ୍ମିଳନୀ କକ୍ଷରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । କାଶୀପୁର ବ୍ଲକରେ ଝାଡାବାନ୍ତି, ଡେଙ୍ଗୁ ଓ ମେଲେରିଆର ପ୍ରାଦୁର୍ଭାବ ଯେମିତି ନହେବ ଏହି ବୈଠକରେ ବ୍ୟାପକ ଭାବରେ ଆଲୋଚନା କରାଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ମମତା ଚୌଧୁରୀ, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, କାଶୀପୁର ସମିତି ଅଧକ୍ଷ କଣ୍ଣ ମାଝୀ, ଅତିରିକ୍ତ ତହସିଲଦାର ବିଗ୍ନରାଜ କହଁର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, କାଶୀପୁର, ଶିଶୁ ବିକାଶ ଅଧିକାରୀ, କାଶୀପୁର ଆଦି ଯୋଗ ଦେଇଥିଲେ। ଚଳିତ ବର୍ଷାରେ ନାଳ ନର୍ଦ୍ଦମା ଗୁଡିକ ଯୋଗୁଁ ଏଥି ସେଠି ପାଣି ଜମା ହେବାଦ୍ୱାରା ଜଳ ଉତ୍ସ ଦୂଷିତ ହେବା ଯୋଗୁଁ ଡାଇରିଆ, ଡେଙ୍ଗୁ ଓ ମେଲେରିଆ ବ୍ୟାପିବା ଆଶଙ୍କା ବହୁତ ଥିବାରୁ ଶତପ୍ରତିଶତ ବିଶୋଧନ ଓ ସଫା ସୁତୁରା ରଖିବାକୁ ସମ୍ପୃକ୍ତ ସମସ୍ତ ଗ୍ରାମ ପଂଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ କାଶୀପୁର ବିଡ଼ିଓଙ୍କୁ କହିଥିଲେ । ପ୍ରତ୍ୟେକ ଏଏନଏମ ଓ ଅଙ୍ଗନବାଡି କେନ୍ଦ୍ରରେ, ଆଶାମାନଙ୍କ ପାଖରେ ଯଥେଷ୍ଟ ପରିମାଣ ଓଆରଏସ ଓ ଔଷଧ ମହଜୁଦ ରଖିବା, ଜଳ ଉତ୍ସ ଗୁଡ଼ିକରୁ ନମୁନା ସଂଗ୍ରହ କରି ତାହାର ପରୀକ୍ଷା କରି ବିଶୋଧନ କରିବାକୁ ଉପ-ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗାଁ କଲ୍ୟାଣ ପାଣ୍ଠି ବିନିଯୋଗରେ ଗାଁକୁ ସଫା ସୁତୁରା କରିବାକୁ କହିଥିଲେ । ଔଷଧଯୁକ୍ତ ମଶାରୀ ୧୦୦%ବ୍ୟବହାର ଘରକୁ ଘର ଯାଇ ଲୋକଙ୍କୁ ସଚେତନତା କରିବା ପାଇଁ ଆଶା ଅଙ୍ଗନବାଡି କର୍ମୀ ମାନେ ସଚେତନତା କରିବାକୁ କହିଥିଲେ । ସେହିପରି ବିଦ୍ୟାଳୟ ଅନ୍ତେବାସୀମାନେ ମଶାରି ସମସ୍ତେ ବ୍ୟବହାର କରିବେ ସେଥିପାଇଁ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନେ ସୁନିଶ୍ଚିତ କରିବେ। ହଷ୍ଟେଲରେ ରହୁଥିବା ଛୁଆ ଯେପରି ଆକ୍ରାନ୍ତ ନ ହୁଅନ୍ତି ସେଥିପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ସତର୍କ ରହିବାକୁ କହିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମାନେ ଗାଁ କଲ୍ୟାଣ ସମିତି ପାଣ୍ଠି ବ୍ୟବହାର କରି ସଚେତନତା କରିବେ । ଏହାପରେ ଉପଜିଲ୍ଲାପାଳ ବ୍ଲକର ଚନ୍ଦ୍ରଗିରି ଓ ଗୋରଖପୁର ପଞ୍ଚାୟତ ବୁଲି ଆନୁଧ୍ୟାନ କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୭।୭ (ନିପ୍ର) ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା,ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଅଭିଯୋଗ ଶୁଣାଣିରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଲକଇଠା, ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ- ୬୩ ଗୋଟି ଅଭିଯୋଗ ଥାଏ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୪୯ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୧୪ ଗୋଟି ଓ ୩ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି। ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ପ୍ରଭୃତି ସମସ୍ୟା ଆଗତ ହୋଇଥିଲା।

## ଗୋଷ୍ଠୀ ସଂଘର୍ଷ : ୩ ଗୁରୁତର, ୩ ଆହତ

ରାଜଗାଙ୍ଗପୁର,୭।୭ (ନିପ୍ର): ସୋମବାର ସକାଳ ୧୦ଟା ସମୟରେ ରବାନୀ ଛକ ଠାରେ ଗତ କାଲି ମହରମ ଶୋଭଯାତ୍ରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଥିଲା । ତା ମଧ୍ୟରୁ ସୟତ ରାଜାଙ୍କ ପୁଅ ସୟତ ଆସିଫି ରାଜାଙ୍କର ମୁଣ୍ଡ ଫାଟି ଯିବା ପରେ ସୟତ ଆସିଫ ରାଜା ଥାନାରେ ୪ଜଣଙ୍କ ନାମରେ ଏତଲା ଦେଇଥିଲେ। ପୋଲିସ ଏହାକୁ ଗୁରୁତର ନନେଇ ମହରମ ପରେ ଏହି ଘଟଣାର ତଦନ୍ତ କରିବା ପାଇଁ କହି ଚୁପହୋଇ ଯାଇ ଥିଲେ । ଏହି ଘଟଣାକୁ ନେଇ ଆଜି ସକାଳ ୧୦ ଟା ରେ ରବାନୀ ଛକ ଠାରେ ଏକ ସମ୍ପ୍ରଦାୟ ମଧ୍ୟରେ ଉଗ୍ରରୂପ ଧାରଣ କରିଥିଲା ପରେ ଗଣ୍ଡଗୋଳ ଆରମ୍ଭ ହୋଇ ଖଣ୍ଡା ଭୁଜାଲି ଲାଠି ରେ ଉଭୟ ମଧ୍ୟରେ ମାରପିଟ ହୋଇ ୬ଜଣ ଆହତ ହୋଇ ରବିନୀ ଛକରେ ରକ୍ତ ହୋଲି ଖେଳି ଯାଇ ଥିଲା । ପୋଲିସ ଘଟଣା ସ୍ଥଳରେ ପହଂଚି ଗଣ୍ଡଗୋଳକୁ ଆୟତ କରିବା ସହ ଆହତମାନଙ୍କୁ ରାଜଗାଙ୍ଗପୁର ଗୋଷ୍ଠର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ଦେଖି ତୁରନ୍ତ ରାଉରକେଲା ସ୍ଥାନାନ୍ତର କରି ଡାକ୍ତରଖାନାରେ ଫୋର୍ସ ମୁତୟନ କରାଯାଇ ଦେଖିବାକୁ ମିଳିଥିଲା । ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ଫୋର୍ସ ସହ ପରିସ୍ଥିତିକୁ ନଜର ରଖିଥିବା ଜଣାଯାଇଛି।

## ରଥ ଉପରେ ତିନି ଠାକୁରଙ୍କ ସୁନାବେଶ

ପାରଳାଖେମୁଣ୍ଡି.୭।୭ (ନିପ୍ର); ଉପାନ୍ତ ଶ୍ରୀକ୍ଷେତ୍ର ପାରଳାଖେମୁଣ୍ଡି ଠାରେ ଶ୍ରୀଜୀଉଙ୍କ ସୁନାବେଶ। ଶ୍ରୀଜୀଉମାନେ ବଡଦାଣ୍ଡରେ ମାଉସୀ ମାଙ୍କ ଘର ନିକଟରେ ରଥ ଉପରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ପବିତ୍ର ହରି ଶୟନ ଏକାଦଶୀ ତିଥିରେ ସୁନାବେଶରେ ଦର୍ଶନ ଦେଇଛନ୍ତି। ଶ୍ରୀଜୀଉମାନଙ୍କ ଏହି ଦୁର୍ଲଭ ସୁନାବେଶ ଦର୍ଶନ ପାଇଁ ପୁରପଲ୍ଲୀରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଝିପିଝିପି ବର୍ଷାରେ ସନ୍ଧ୍ୟା ଆଳତୀ ଓ ତିନି ଠାକୁରଙ୍କ ସୁନାବେଶ ଦର୍ଶନ ପାଇଁ ବଡଦାଣ୍ଡ ଲୋକାରଣ୍ୟ ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ବାହିନୀ ମୁତୟନ ଥିଲେ।

# ବେଘର ହେବେ ଶତାଧିକ ଆଦିବାସୀ ପରିବାର !

ପାରଳାଖେମୁଣ୍ଡି,୭।୭ (ନିପ୍ର); ଆଧୁନିକ ଦୁନିଆରେ ବିଚିତ୍ର ନୀତି , ସବୁଥାଇ କିଛି ନଥିବା ଦର୍ଶାଇ ତିଆରି ହେଲା ସ୍କେଚ୍ ମେପ୍, ଆଉ କୋଟିଏ ଟଙ୍କାର ବିକ୍ରି ହୋଇଗଲା ଡାକ୍ତର ବାଞ୍ଜେରି ଗାଁ। ଆଶ୍ଚର୍ଯ୍ୟ ଲାଗୁଛି ପ୍ରଶାସନର ନାକତଳେ ଥିବା ଶହେରୁ ଅଧିକ ଘର , ଯେଉଁଠି ସରକାରଙ୍କ ସବୁ ଯୋଜନା କାର୍ଯ୍ୟକାରୀ ହୋଇଛି। ଏମିତି କି ବିଦ୍ୟାଳୟ କୋଠା , ଅଙ୍ଗନବାଡି, ଆବାସ ଯୋଜନା ଭଳି ଅନେକ ଯୋଜନା କାର୍ଯ୍ୟକାରୀ ହୋଇଛି ଏବଂ ଅନେକ ସରକାରୀ କୋଠା ମଧ୍ୟ ରହିଛି ଯାହା ପ୍ରଶାସନର ଆଖିକୁ ଦେଖାଗଲା ନାହିଁ। ଏତେ ବଡ ଚକ୍ରାନ୍ତ କରିବାକୁ ସାହସ ପାଇଲେ କେଉଠୁ ?, ଯୋଜନାବଦ୍ଧ ଭାବେ ଜିଲ୍ଲା ନିବନ୍ଧକଙ୍କ କାର୍ଯ୍ୟାଳୟରେ ସାରିଦେଲେ ବିକ୍ରି ପ୍ରକ୍ରିୟା। ପୂର୍ବରୁ ସୁଚନା ପାଇ ଗ୍ରାମବାସୀ ପ୍ରଶାସନ ନିକଟରେ ଗୁହାରି ମଧ୍ୟ କରିଥିଲେ, କିନ୍ତୁ ଆଦିବାସୀଙ୍କ ଅଭିଯୋଗକୁ କେହି କର୍ଣ୍ଣପାତ କରିଲେ ନାହିଁ। ଏଠୁ ସ୍ପଷ୍ଟ ହେଉଛି ଆଦିବାସୀଙ୍କ ସ୍ୱାର୍ଥ ସାଧନ ବଦଳରେ ଜମି ମାଫିଆଙ୍କୁ ସହଯୋଗ କରାଯାଉଛି ଏପରି ଅଭିଯୋଗ ସମ୍ପୃକ୍ତ ଅଞ୍ଚଳରୁ ଆସିଛି। ଆଦିବାସୀ ଓ ଦଳିତଙ୍କୁ ନିମ୍ନ ସ୍ତରରେ ରଖିବାକୁ ଷଡ଼ଯନ୍ତ୍ର କରାଯାଉଛି। ହେଲେ ମାଫିଆଙ୍କୁ ଜମି ହସ୍ତାନ୍ତର ପରେ ସରକାରୀ ଅନୁଷ୍ଠାନ ସମେତ ଶତାଧିକ ଘର ଉଚ୍ଛେଦ ବେଳେ ଏକ ବଡ ଧରଣର ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରାଯାଉଛି । ଜମି ବିକ୍ରି ପୂର୍ବରୁ ଯେତେବେଳେ ମୁଣ୍ଡ ପୂରାଇବାକୁ ମନା କରିଥିଲା ପ୍ରଶାସନ ,ଉଚ୍ଛେଦ ସମୟରେ ହସ୍ତକ୍ଷେପ କରିବକି ନାହିଁ ତାହା ଏବେ ଏକ ବଡ ପ୍ରଶ୍ନ ହୋଇ ଠିଆ ହୋଇଛି । ଯଦି ପ୍ରଶାସନ ହସ୍ତକ୍ଷେପ କରିବ ତାହାହେଲେ ଆଦିବାସୀଙ୍କ ସପକ୍ଷରେ ରହି ସହଯୋଗ କରିବ ନା ଜମି ମାଫିଆଙ୍କ ସାଥିରେ ଛିଡା ହେବ ? ସଂପୂର୍ଣ୍ଣ ଗାଁକୁ ସରକାରୀ ଭାବେ ଜମିର ମାଲିକାନା ଥିବା ଏମ୍ ଚନ୍ଦ୍ର ଶେଖର ରାଓ ବିକ୍ରି କରିଛନ୍ତି ।



ଗାଁ ସମେତ ଆଖ ପାଖ ୪୨ ଏକର ଚାଷ ଜମିକୁ ୧ କୋଟି ୪୪ ଲକ୍ଷ ଟଙ୍କା, ଯାହାର ଷ୍ଟାମ୍ପ ଖର୍ଚ୍ଚ ବାବଦକୁ ୭ ଲକ୍ଷ ଟଙ୍କା ଏବଂ ଅନ୍ୟ ଏକ ୫ ଏକର ଜମିକୁ ୮ ଲକ୍ଷ ୫୦ ହଜାର ଟଙ୍କାରେ ମୋଟ ୪୭ ଏକର ଜମିକୁ ବ୍ରହ୍ମପୁରର ଜଣେ ମହିଳାଙ୍କ ନାମରେ କ୍ରୟ କରିଥିବା ଜଣାପଡିଛି । ଦୀର୍ଘ ଶହେ ବର୍ଷ ଧରି ବସବାସ କରି ଆସୁଥିବା ଶହେରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ଏବେ ଯିବେ କୁଆଡେ । ଆଦିବାସୀ ସମ୍ପ୍ରଦାୟର ୫ ଶହରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗ୍ରାମବାସୀ ପିଢ଼ି ପରେ ପିଢି ଗ୍ରାମର ଜମିବାଡିରେ ଚାଷବାସ ସହ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ସ୍ୱାଭାବିକ ଭାବେ ଜୀବିକା ନିର୍ବାହ କରିଆସୁଛନ୍ତି । ଗୋଷାଣୀ ବ୍ଲକ ଅନ୍ତର୍ଗତ ଡାକ୍ତର ବାଞ୍ଜେରି ଗ୍ରାମରେ ଅବାଧରେ ବସବାସ କରି ଆସୁଥିବା ଗ୍ରାମବାସୀ ଦିନେ ଏଭଳି ପରିସ୍ଥିତିକୁ ସାମ୍ନା କରିବାକୁ ପଡିବ କେବେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ । ଜମି ମାଲିକଙ୍କୁ ହସ୍ତାନ୍ତର ପରେ ଉଚ୍ଛେଦ ହେବ ସଂପୂର୍ଣ୍ଣ ଗାଁ , ଅବା ନିଜ ଇଚ୍ଛା ମୁତାବକ ପ୍ରକଳ୍ପ ପ୍ରତିଷ୍ଠା କରିବେ ଜମି ମାଲିକ ତାହା ଜଣାପଡ଼ି ନାହିଁ । ତେବେ ଏତେ ସଂଖ୍ୟକ ଗ୍ରାମବାସୀ କରିବେ କଣ ? , ଯଦି ସ୍ଥାନାନ୍ତର ହେବେ କିଭଳି ହେବେ ତାକୁ ନେଇ ଚିନ୍ତାରେ। ପୂର୍ବରୁ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରି ହତାଶ ହୋଇ ରହିଛନ୍ତି ଗ୍ରାମବାସୀ । ସୁଚନା ଥାଉକି ଗୋଷାଣୀ ବ୍ଲକ ଅନ୍ତର୍ଗତ କତଲକଇଠା ପଞ୍ଚାୟତରେ ଡାକ୍ତର ବାଞ୍ଜେରି ଗାଁ, କାହିଁ କେଉଁ କାଳରୁ ଗଢି ଉଠିଛି, ଶତାଧିକ ଆଦିବାସୀ ପରିବାର ସେଠାରେ ବସତି ସ୍ଥାପନ କରି ଆସୁଛନ୍ତି। ସରକାରଙ୍କ ସମସ୍ତ ଯୋଜନା ମଧ୍ୟ କାର୍ଯ୍ୟକାରୀ ହୋଇଛି। ରାସ୍ତା ଘାଟ, ବିଦ୍ୟାଳୟ,ପାନୀୟ ଜଳ ସବୁ ବ୍ୟବସ୍ଥା ରହିଥିବା ଗାଁକୁ ଏବେ ବିକ୍ରି କରାଯାଇଥିବା ନେଇ ଅଭିଯୋଗ ଉପରେ ରାଜ୍ୟ ସରକାର ଦୃଷ୍ଟି ଦେଇ ବାସିନ୍ଦାଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଦାବି ହେଉଛି।

CMYK

08 .07.2025.pmd 1 7/7/2025, 5:04 PM

## ଟ୍ରମ୍ପଙ୍କ ଚେତାବନୀ

# ବ୍ରିକ୍ସରେ ସାମିଲ ଦେଶ ଉପରେ ଲାଗିବ ଅତିରିକ୍ତ ୧୦% ଟାରିଫ୍




ନୂଆଦିଲ୍ଲୀ ୭।୭; ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବ୍ରିକ୍ସ ଦେଶ ଗୁଡ଼ିକର ସଦସ୍ୟମାନଙ୍କୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଯେଉଁ ଦେଶମାନେ ଆମେରିକା ବିରୋଧୀ କୌଣସି ନୀତିକୁ ସମର୍ଥନ କରନ୍ତି, ସେ ସେମାନଙ୍କ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରିବେ। ତାଙ୍କ ମତରେ, ଯଦି ଆମେରିକାକୁ ବିରୋଧ କରାଯାଏ, ତେବେ ବ୍ରିକ୍ସ ସଦସ୍ୟମାନଙ୍କ ଉପରେ ଅତିରିକ୍ତ ୧୦% ଶୁଳ୍କ ଲାଗୁ କରାଯିବ। ବ୍ରିକ୍ସ ୨୦୨୫ ଶିଖର ସମ୍ମିଳନୀରେ ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରିବା ପରେ ଟ୍ରମ୍ପଙ୍କ ଏହି ବିବୃତ୍ତି ଆସିଛି। ବ୍ରାଜିଲରେ ଅନୁଷ୍ଠିତ ବ୍ରିକ୍ସ୨୦୨୫ ସମ୍ମିଳନୀରେ, ୧୦ ସଦସ୍ୟ ଦେଶ -ବ୍ରାଜିଲ, ଚୀନ୍, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ, ରୁଷିଆନ ଫେଡେରେସନ, ଦକ୍ଷିଣ ଆଫ୍ରିକା, ସଂଯୁକ୍ତ ଆରବ ଏମିରେଟ୍ସ ଇରାନର ପରମାଣୁ ଏବଂ ସାମରିକ ପ୍ରତିଷ୍ଠାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରିଥିଲେ ଏବଂ ଆକ୍ରମଣକୁ ବେଆଇନ ବୋଲି କହିଥିଲେ। ଏହା ବ୍ୟତୀତ, ବ୍ରାଜିଲ ସମ୍ମିଳନୀରେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ଲୋବାଲ୍ ସାଉଥରେ ଆକ୍ରମଣ ମାମଲାରେ ଆତଙ୍କବାଦ ପ୍ରତି ଦ୍ୱନ୍ଦ୍ୱ ମାନଦଣ୍ଡ ଉପରେ ଆଲୋକପାତ କରିଥିଲେ।ବ୍ରିକ୍ସ ଦେଶମାନଙ୍କର ଏକ ମିଳିତ ଘୋଷଣାପତ୍ରରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମ ଆକ୍ରମଣକୁ ନିନ୍ଦା କରାଯାଇଛି। ବ୍ରିକ୍ସ ଦେଶ ଗୁଡ଼ିକ ଆତଙ୍କବାଦୀଙ୍କ ସୀମାପାର ଗତିବିଧି, ଆତଙ୍କବାଦ ପାଣ୍ଠି ଏବଂ ନିରାପଦ ଆଶ୍ରୟସ୍ଥଳ ବିରୋଧରେ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି।

## ବ୍ରିକ୍ସ ଦେଶମାନଙ୍କ ପକ୍ଷରୁ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା

ନୂଆଦିଲ୍ଲୀ,୭।୭(ପିଆଇବି): ବ୍ରାଜିଲରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଭାରତକୁ ବଡ଼ କୂଟନୈତିକ ସଫଳତା ମିଳିଛି । ବ୍ରିକ୍ସ ପକ୍ଷରୁ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ କଠୋର ଭାଷାରେ ନିନ୍ଦା କରାଯାଇଛି । ଏହା ସହିତ ଜାତିସଂଘ ନିରାପତ୍ତା ପରିଷଦର ସଂସ୍କାର ଓ ସେଥିରେ ଭାରତର ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବ୍ରିକ୍ସ ପକ୍ଷରୁ ସମର୍ଥନ କରାଯାଇଛି। ବ୍ରିକ୍ସ ପକ୍ଷରୁ ଜାରି ମିଳିତ ଘୋଷଣାନାମାର ପାରା ୩୪ରେ କୁହାଯାଇଛି, "ଆମେ ୨୨ ଏପ୍ରିଲ ୨୦୨୫ରେ ଜାମ୍ମୁ ଓ କାଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ, ଯେଉଁଥିରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ, କଠୋର ଭାଷାରେ ନିନ୍ଦା କରୁଛୁ ।

# ୨୬/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ସ୍ୱୀକାର କଲା ଦୋଷ




ନୂଆଦିଲ୍ଲୀ,୭।୭: ମୁମ୍ବାଇରେ ୨୦୦୮ ମସିହାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାରେ ସାମିଲ ଥିବା ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ହେଉଛି ତହଓ୍ୱୁରର ରାଣା। ରାଣାକୁ ଭାରତ ଅଣାଯିବା ପରେ ପଚରାଉଚରା ସମୟରେ ସେ ଡେଭିଡ୍ ହେଡଲି ଏବଂ ଲସ୍କର-ଏ-ତୈବା ସହିତ ତାଙ୍କର ସମ୍ପର୍କ ବିଷୟରେ ବିସ୍ତୃତ ସୂଚନା ଦେଇଛି। ହେଡଲି ହେଉଛି ସେହି ଆତଙ୍କବାଦୀ ଯିଏ ଆକ୍ରମଣ ପୂର୍ବରୁ ମୁମ୍ବାଇ ଆସିଥିଲା ଏବଂ ତାଜ ହୋଟେଲ, ଚାବାଦ ହାଉସ, ଲିଓପୋଲ୍ଡ କାଫେ ସମେତ ମୁମ୍ବାଇର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରେକି କରିଥିଲେ। ପରେ, ଆଇଏସଆଇ ଏବଂ ପାକିସ୍ତାନୀ ସେନା ଦ୍ୱାରା ପ୍ରଶିକ୍ଷିତ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବାର ଆତଙ୍କବାଦୀମାନେ ମୁମ୍ବାଇର ତାଜ ହୋଟେଲ, ବାର, ରେଷ୍ଟୋରାଁ ଏବଂ ଚାବାଦ ହାଉସ ସମେତ ଅନେକ ସ୍ଥାନରେ ଆକ୍ରମଣ କରିଥିଲେ।ଯେଉଁଥିରେ ୧୬୬ ଜଣଲୋକ ପ୍ରାଣ ହରାଇଥିଲେ। ପଚରାଉଚରା ସମୟରେ ତହଓ୍ୱୁର କହିଛି, 'ମୁଁ ମୂଳତଃ ପାକିସ୍ତାନର ପଞ୍ଜାବର ଚିଚାବଓ୍ୱତନି ଗାଁର ବାସିନ୍ଦା। ମୋର ସ୍ୱର୍ଗତ ପିତା ରାଣା ୱଲି ମହମ୍ମଦ ଜଣେ ପ୍ରିନ୍ସିପାଲ ଥିଲେ। ମୁଁ ଆର୍ମି ସ୍କୁଲରେ ପଢ଼ିବା ବେଳେ ଡାଭିଡ ହେଡଲୀ ସହ ପରିଚିତ ହୋଇଥିଲା। ହେଡଲୀ ହେଉଛି ମୁମ୍ବାଇ ଆତଙ୍କୀ ହମଲାର ଅନ୍ୟତମ ଷଡ଼ଯନ୍ତ୍ରକାରୀ। ଏବେ ସେ ଆମେରିକା ଜେଲରେ ବନ୍ଦୀ ହୋଇ ରହିଛି। ମୋତେ ଯେତେବେଳେ ମୁମ୍ବାଇରେ ହେଡଲିର ଅବତରଣ ସ୍ଥାନ ବିଷୟରେ ସୂଚନା ଦେବା ବିଷୟରେ ପଚରାଗଲା, ମୁଁ ଏହାକୁ ମନା କରିଦେଲି। କେବଳ ଏତିକି ନୁହେଁ ହାଫିଜ୍ ସଇଦଙ୍କୁ ଭେଟିବା ବିଷୟରେ ପଚରାଯିବା ସମୟରେ ମୁଁ କହିଥିଲି ଯେ ମୁଁ ତାଙ୍କୁ କେବେ ଭେଟି ନାହିଁ, କିନ୍ତୁ ମୁଁ ଜାଣିଥିଲି ଯେ ଲସ୍କର-ଏ-ତୈବା, ହରକତ-ଉଲ୍-ଜିହାଦ ଏବଂ ଜୈଶ-ଏ-ମହମ୍ମଦ ପାକିସ୍ତାନର ଆତଙ୍କବାଦୀ ସଂଗଠନ।

## ପ୍ରବଳ ବର୍ଷା ପାଇଁ କେଦାରନାଥ ଯାତ୍ରା ବନ୍ଦ

ନୂଆଦିଲ୍ଲୀ,୭।୭: କେଦାରନାଥ ଯାତ୍ରା ସହ ଜଡିତ ଏକ ବଡ ଖବର ସାମ୍ନାକୁ ଆସିଛି । ପ୍ରବଳ ବର୍ଷା କାରଣରୁ କେଦାରନାଥ ଯାତ୍ରାକୁ ବନ୍ଦ ରଖାଯାଇଛି । ଯାତ୍ରୀଙ୍କୁ ସୋନପ୍ରୟାଗ ଓ ଗୌରୀକୁଣ୍ଡରେ ଅଟକାଇ ରଖାଯାଇଛି । ରୁଦ୍ରପ୍ରୟାଗ ଓ ଚମୋଲୀ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଓ ଏହାର ନିକଟବର୍ତ୍ତି ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ଅଲକନନ୍ଦା ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ମାତ୍ର ନଦୀରେ ଜଳସ୍ତର ବିପଦ ସଙ୍କେତ ତଳକୁ ରହିଥିବା ଜଣାପଡିଛି। ବଦ୍ରିନାଥ ଯାଉଥିବା ସମସ୍ତ ରାସ୍ତା ମଧ୍ୟ ଭୂସ୍ଖଳନ ପରେ ବନ୍ଦ ରଖାଯାଇଛି । ଗୌରୀକୁଣ୍ଡରେ ଭଗ୍ନାବଶେଷ ହଟାଇବା କାମ ଜାରି ରହିଛି । ସମସ୍ତ କାର୍ଯ୍ୟ ଶେଷ ପରେ ପୁଣି ଯାତ୍ରା ଆରମ୍ଭ କରାଯିବ। ସୂଚନାନୁଯାୟୀ, ଗତ କିଛି ଦିନ ହେବ ଉତ୍ତରାଖଣ୍ଡରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେଉଛି । ଏହି କାରଣରୁ ଭୂସ୍ଖଳନ ଘଟଣା ମଧ୍ୟ ସାମ୍ନାକୁ ଆସିଛି । କିଛି ଦିନ ତଳେ ସୋନପ୍ରୟାଗରେ ପ୍ରବଳ ବର୍ଷା କାରଣରୁ ଭୂସ୍ଖଳନ ହୋଇଥିଲା । ଏଥିରେ କେଦାରନାଥରୁ ଫେରୁଥିବା ୪୦ରୁ ଅଧିକ ଶ୍ରଦ୍ଧାଳୁ ଫସି ଯାଇଥିଲେ । ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା । କିଛି ସ୍ଥାନରେ ବାଦଲ ଫଟା ବର୍ଷା ମଧ୍ୟ ହୋଇଛି ।

## ପାକିସ୍ତାନ ସହ ଆମ ବନ୍ଧୁତା କୌଣସି ତୃତୀୟ ଦେଶ ବିରୋଧରେ ନୁହେଁ : ଚୀନ



ବେଜିଂ,୭।୭: ନିକଟରେ ଭାରତୀୟ ସେନାର ଉପମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ରାହୁଳ ଆର. ସିଂହ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତିରେ କହିଥିଲେ ଯେ ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନକୁ ଚୀନ୍ ଠାରୁ ସଂପୂର୍ଣ୍ଣ ସମର୍ଥନ ମିଳିଥିଲା। ସେ ଅଭିଯୋଗ କରିଥିଲେ ଯେ ଚୀନ୍ ଏହି ବିବାଦକୁ ଏକ 'ଲାଇଭ୍ ଲ୍ୟାବ' ଭାବରେ ବ୍ୟବହାର କରିଥିଲା ଯେଉଁଥିରେ ସେ ଏହାର ଅନେକ ପ୍ରତିରକ୍ଷା ପ୍ରଣାଳୀର ପରୀକ୍ଷା କରିଥିଲା ଏବଂ ସାଟେଲାଇଟ୍‌ରୁ ପାକିସ୍ତାନକୁ ଲାଇଭ୍ ଇନପୁଟ୍ ଦେଇଥିଲା। ଲେଫ୍ଟନାଣ୍ଟ ଜେନେରାଲ ସିଂହଙ୍କ ଏହି ବୟାନ କେବଳ ଭାରତ ନୁହେଁ, ସାରା ବିଶ୍ୱରେ ଚର୍ଚ୍ଚାର କାରଣ ହୋଇଥିଲା । ଏବେ ଚୀନ ଏହା ଉପରେ ପ୍ରତିକ୍ରିୟା ରଖିଛି । ଚୀନ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ପାକିସ୍ତାନ ସହ ଚୀନର ବନ୍ଧୁତା କୌଣସି ତୃତୀୟ ଦେଶ ବିରୋଧରେ ନୁହେଁ। ଚୀନ୍ ବୈଦେଶିକ ମନ୍ତ୍ରାଳୟକୁ ଯେତେବେଳେ ଏହି ପ୍ରସଙ୍ଗରେ ମତାମତ ଦେବାକୁ ପଚରାଯାଇଥିଲା, ମନ୍ତ୍ରାଳୟର ମୁଖପାତ୍ର ମାଓ ନିଙ୍ଗ୍ ଚୀନ୍-ପାକିସ୍ତାନ ପ୍ରତିରକ୍ଷା ସହଯୋଗକୁ 'ସ୍ୱାଭାବିକ ଏବଂ କୌଣସି ତୃତୀୟ ପକ୍ଷ ବିରୁଦ୍ଧରେ ନୁହେଁ ବୋଲି ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ଚୀନ ଓ ପାକିସ୍ତାନ ପାରମ୍ପରିକ ମିତ୍ର ରାଷ୍ଟ୍ର ଓ ସେମାନଙ୍କ ମଧ୍ୟରେ ପ୍ରତିରକ୍ଷା ସହଯୋଗ ଏକ ସ୍ୱାଭାବିକ କଥା । ତେବେ ଉଭୟ ପାକିସ୍ତାନ ଓ ଭାରତ ଚୀନର ମହତ୍ୱପୂର୍ଣ୍ଣ ପଡ଼ୋଶୀ ଓ ଏହି ଅଂଚଳରେ ଶାନ୍ତି ଓ ସ୍ଥିରତା ରକ୍ଷା ଦିଗରେ ଚୀନ କାମ କରୁଛି ବୋଲି ସେ କହିଥିଲେ ।

## ଗୁଣିଗାରେଡ଼ି ସନ୍ଦେହରେ ଗୋଟିଏ ପରିବାରର ୫ ଜଣଙ୍କୁ ପିଟି ପିଟି ହତ୍ୟା

ପୂର୍ଣ୍ଣିଆ,୭।୭: ବିହାରର ପୂର୍ଣ୍ଣିଆରୁ ଏକ ଅତ୍ୟନ୍ତ ଦୁଃଖଦ ଘଟଣା ସାମନାକୁ ଆସିଛି । ଡାହାଣୀ ସନ୍ଦେହରେ ଗୋଟିଏ ପରିବାରର ୫ ଜଣଙ୍କୁ ପିଟି ପିଟି ହତ୍ୟା କରିଛନ୍ତି ଗ୍ରାମବାସୀ। ସୂଚନା ଅନୁଯାୟୀ ପୂର୍ଣ୍ଣିଆ ଜିଲ୍ଲାର ମୁଫାସିଲ ଥାନା ଅନ୍ତର୍ଗତ ରାଜିଗଞ୍ଜ ପଞ୍ଚାୟତର ଟେଟଗାମାରେ ଗୋଟିଏ ପରିବାରର ପାଞ୍ଚ ଜଣଙ୍କୁ ଡାହାଣୀ ଓ ଗୁଣିଗାରେଡ଼ି ଅଭିଯୋଗରେ ହତ୍ୟା କରାଯାଇଛି। ପ୍ରାୟ ୨୫୦ ଜଣ ଲୋକ ଗୋଟିଏ ପରିବାରର ପାଞ୍ଚ ଜଣଙ୍କୁ ଘେରି ପିଟି ପିଟି ପୋଡ଼ି ହତ୍ୟା କରିଛନ୍ତି। ଏହା ପରେ ମୃତଦେହକୁ ଗାଏବ କରି ଦିଆଯାଇଥିବା ଅଭିଯୋଗ ହୋଇଛି। ପୁଲିସକୁ ଏବେ ବି ମୃତଦେହ ମିଳିନାହିଁ ଓ ପୁଲିସ ସେଗୁଡ଼ିକୁ ଖୋଜୁଛି। ମୃତକମାନେ ହେଲେ ବାବୁଲାଲ ଓରାଓଁ, ତାଙ୍କ ସ୍ତ୍ରୀ ସୀତା ଦେବୀ, ମାଆ କାଟୋ ମାସୋମତ, ପୁଅ ମନଜିତ ଓରାଓଁ ଏବଂ ବୋହୂ ରାଣୀ ଦେବୀ । ରାଜ୍ୟରେ ଆଗକୁ ବିଧାନସଭା ନିର୍ବାଚନ ଥିବାବେଳେ ଏହି ଘଟଣା ରାଜ୍ୟରେ ଶାସନ କରୁଥିବା ଏନଡିଏ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ସେହିପରି ଏହି ଘଟଣା ଜଣାପଡ଼ିବା ପରେ ଲୋକମାନଙ୍କ ମଧ୍ୟରେ ପ୍ରବଳ ଆକ୍ରୋଶ ଦେଖାଦେଇଛି ଓ ସରକାରଙ୍କୁ ଆକ୍ରମଣ କରିବାକୁ ବିରୋଧୀ ଦଳଙ୍କୁ ଏକ ପ୍ରସଙ୍ଗ ମିଳିଯାଇଛି ।

## ପୂର୍ବତନ ସିଜେଆଇ ଜଣାଇଲେ ସରକାରୀ କ୍ୱାର୍ଟର ନ ଛାଡିବାର କାରଣ



ନୂଆଦିଲ୍ଲୀ ୭।୭: ବର୍ଷକ ପୂର୍ବରୁ ସୁପ୍ରିମକୋର୍ଟର ବଡ଼ ବିତର୍କ ଓ ଐତିହାସିକ ନିଷ୍ପତ୍ତି ଲାଗି ଚର୍ଚ୍ଚାରେ ରହୁଥିବା ପୂର୍ବତନ ଚିଫ୍ ଜଷ୍ଟିସ୍ ଏବେ ଏକ ଅଲଗା କାରଣରୁ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। କାରଣ ହେଉଛି ସେ ଏପର୍ଯ୍ୟନ୍ତ ତାଙ୍କ ସରକାରୀ କ୍ୱାର୍ଟର ଖାଲି କରି ନାହାନ୍ତି। ଏଣୁ ସୁପ୍ରିମକୋର୍ଟ ପ୍ରଶାସନ କେନ୍ଦ୍ର ସରକାରଙ୍କୁ ପୂର୍ବ ପ୍ରଧାନ ବିଚାରପତିଙ୍କଠାରୁ ସରକାରୀ ଘରକୁ ଯଥାଶୀଘ୍ର ଖାଲି କରିବାକୁ ଆଗ୍ରହ କରିଛନ୍ତି। ଯାହା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଏବେ ପୁରା ପ୍ରକରଣରେ ପୂର୍ବତନ ପ୍ରଧାନ ବିଚାରପତି ନୀରବତା ଭାଙ୍ଗିଛନ୍ତି। ସେ ଏପର୍ଯ୍ୟନ୍ତ ସରକାରୀ ଘର ଖାଲି କରି ପାରିନଥିବାର କାରଣ ସମ୍ପର୍କରେ ସୂଚିତ କରିଛନ୍ତି। ସେ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ସରକାରୀ ଆବାସରେ ଏଥି ପାଇଁ ଅଟକି ରହିଛନ୍ତି ଯେ ପୌଷ୍ୟ ଗ୍ରହଣ କରିଥିବା ଦୁଇ ଝିଅ ପ୍ରିୟଙ୍କା ଓ ମାହୀ ଏକ ଗୁରୁତର ରୋଗରେ ଗ୍ରସିତ ଅଛନ୍ତି। ଏଣୁ ସେମାନଙ୍କ ଦେଖାଶୁଣା ନିମନ୍ତେ ସ୍ୱତନ୍ତ୍ର ସୁବିଧା ଥିବା ଘରର ନିତ୍ୟାନ୍ତ ଆବଶ୍ୟକତା ଅଛି। ଗଣମାଧ୍ୟମ ସହ ଆଲୋଚନାରେ ଚନ୍ଦ୍ରଚୂଡ଼ କହିଛନ୍ତି ଯେ ପ୍ରିୟଙ୍କା ଓ ମାହୀଙ୍କ ଦେଖାଶୁଣା ତାଙ୍କ ପତ୍ନୀ କଳ୍ପନା ଦାସ କରୁଛନ୍ତି। ସେ ଦୁଇଜଣ ଏକ ବିରଳ ଅନୁବଂଶିକ ରୋଗ 'ନେମାଲାଇନ ମାୟୋପ୍ୟାଥୀ'ରେ ପୀଡ଼ିତ। ଏହି ରୋଗ ମାଂସପେଶୀର ବଳ, ମୋଟର ସ୍କିଲସ୍ ଓ ନିଶ୍ୱାସପ୍ରଶ୍ୱାସ ସମସ୍ୟା ସମେତ ଅନେକ ଅନ୍ତରୀଣ ଅଙ୍ଗକୁ ପ୍ରଭାବିତ କରୁଛି, ଯାହାର କୌଣସି ସ୍ଥାୟୀ ଚିକିତ୍ସା ନାହିଁ। ଚନ୍ଦ୍ରଚୂଡ଼ କହିଛନ୍ତି ଯେ ପ୍ରିୟଙ୍କା ଓ ମାହୀଙ୍କୁ ସବୁଦିନ ଫିଜିଓଥେରାପୀ, ରେସିପ୍ରେଟରୀ ଥେରାପୀ, ନ୍ୟୁରୋଲଜିକାଲ ସପୋର୍ଟ ଓ ପେନ ମ୍ୟାନେଜମେଣ୍ଟର ଆବଶ୍ୟକତା ରହୁଛି। ଏବେ ରହୁଥିବା ଘରଟି ତାଙ୍କ ଅନୁସାରେ କଷ୍ଟମାଇଜ ହୋଇଛି, ଏପରିକି ବାଥ ରୁମ ମଧ୍ୟ। ସେ କହିଛନ୍ତି ଯେ ପ୍ରିୟଙ୍କା ୨୦୨୧ ମସିହାରୁ ଭେଣ୍ଟିଲେଟର ସପୋର୍ଟରେ ରହିଛି। ଏଥି ପାଇଁ ଘରର ଏକ ଅଂଶକୁ ଆଇସିୟୁରେ ପରିଣତ କରାଯାଇଛି। ତାକୁ ଡଷ୍ଟ ଏଲର୍ଜୀ ଓ ଇନଫେକ୍ସନରୁ ରକ୍ଷା କରିବା ଜରୁରି, କାରଣ ତାର ଇମ୍ୟୁନିଟି ଅତ୍ୟନ୍ତ ଦୁର୍ବଳ। ଚନ୍ଦ୍ରଚୂଡ଼ କହିଛନ୍ତି ଯେ ସେ ଅସ୍ଥାୟୀ ରୂପେ ଭଡ଼ା ଘର ନେବା ପାଇଁ ମଧ୍ୟ ଉଦ୍ୟମ କରୁଛନ୍ତି। ହେଲେ କେହି ଘର ମାଲିକ ଏପରି ବ୍ୟବସ୍ଥା ନିମନ୍ତେ ରାଜି ହେଉ ନାହାନ୍ତି। ସରକାରଙ୍କ ଦ୍ୱାରା ଆବଣ୍ଟିତ ଘର ଦୁଇ ବର୍ଷ ହେଲା ଖାଲି ଥିଲା। ଏବେ ତାର ମରାମତି ହେଉଛି। ସେହି ଘରର କାମ ଶେଷହେବା ମାତ୍ରେ ଆମେ ସରକାରୀ କ୍ୱାର୍ଟର ଛାଡିଦେବୁ।

## ସିକ୍ୟୁରିଟି କ୍ଲିୟରାନ୍ସ ରଦ୍ଦ କରାଯିବା ମାମଲା
# ତୁର୍କି କମ୍ପାନୀ ସେଲେବିର ଆବେଦନ ଦିଲ୍ଲୀ ହାଇକୋର୍ଟରେ ଖାରଜ



ନୂଆଦିଲ୍ଲୀ ୭।୭ : ଦିଲ୍ଲୀ ହାଇକୋର୍ଟ ସୋମବାର ତୁର୍କି ଏଭିଏସନ କମ୍ପାନୀ ସେଲେବି ଏୟାରପୋର୍ଟ ସର୍ଭିସେସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଆବେଦନ ଖାରଜ କରିଦେଇଛନ୍ତି। ଜାତୀୟ ସୁରକ୍ଷା ଆଧାରରେ କମ୍ପାନୀର ସିକ୍ୟୁରିଟି କ୍ଲିୟରାନ୍ସ ରଦ୍ଦ କରିବା ଲାଗି ସରକାରଙ୍କ ନିଷ୍ପତ୍ତିକୁ କମ୍ପାନୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ତେବେ ବିଚାରପତି ଜଷ୍ଟିସ୍ ସଚିନ ଦତ୍ତ ସେଲେବି ଏୟାରପୋର୍ଟ ସର୍ଭିସେସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଓ ସେଲେବି ଦିଲ୍ଲୀ କାର୍ଗୋ ଟର୍ମିନାଲ ମ୍ୟାନେଜମେଣ୍ଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଏହି ଦୁଇ କମ୍ପାନୀ ଦେଶର କେତେକ ଏୟାରପୋର୍ଟରେ ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ଓ କାର୍ଗୋ ଅପରେସନ କାମ ଦେଖରେଖ କରୁଥିଲେ। ଏହି ମାମଲାରେ ହାଇକୋର୍ଟ ମେ ୨୩ ତାରିଖ ଦିନ ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ। ଭାରତର ଏଭିଏସନ ସିକ୍ୟୁରିଟି ରେଗୁଲେଟର ବ୍ୟୁରୋ ଅଫ ସିଭିଲ ଏଭିଏସନ ସିକ୍ୟୁରିଟି (ବିସିଏଏସ) ଜାତୀୟ ସୁରକ୍ଷା ହିତ ବାହାନାରେ ମେ ୧୫ ତାରିଖ ଦିନ ସେଲେବିର ସୁରକ୍ଷା ମଞ୍ଜୁରୀ ପ୍ରତ୍ୟାହାର କରି ନେଇଥିଲେ। ତୁର୍କି କମ୍ପାନୀ ସେଲେବି ଭାରତରେ ୧୫ ବର୍ଷରୁ ଊର୍ଦ୍ଧ୍ୱ କାଳ ହେଲା କାମ କରି ଆସୁଛି। ଏହି କମ୍ପାନୀ ଦେଶର ୯ଟି ଏୟାରପୋର୍ଟରେ ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ଓ କାର୍ଗୋ ଅପରେସନ କାମ ଦେଖରେଖ କରୁଥିଲା। ତେବେ କମ୍ପାନୀର ସିକ୍ୟୁରିଟି କ୍ଲିୟରାନ୍ସ ରଦ୍ଦ କରିଦିଆଯିବା ଯୋଗୁ କମ୍ପାନୀ ସରକାରଙ୍କ ଆଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସେଲେବିରେ ୧୦ ହଜାରରୁ ଅଧିକ କର୍ମଚାରୀ କାମ କରୁଥିଲେ। କମ୍ପାନୀକୁ ନଭେମ୍ବର ୨୦୨୨ରେ ସିକ୍ୟୁରିଟି କ୍ଲିୟରାନ୍ସ ମିଳିଥିଲା। ଏହାକୁ ଅପରେସନ ସିନ୍ଦୂର ପରେ ମେ ୧୫ ତାରିଖରେ ରଦ୍ଦ କରିଦିଆଯାଇଥିଲା।

## କେତେବେଳେ ବି ହୋଇପାରେ ତୃତୀୟ ବିଶ୍ୱଯୁଦ୍ଧ: ଗଡକରୀ

ନାଗପୁର,୭।୭: ନାଗପୁରରେ ଅନୁଷ୍ଠିତ 'ବିୟଣ୍ଡ ବର୍ଡର୍ସ' ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ବିଶ୍ୱ ସଂଘର୍ଷ ଏବଂ ମାନବିକ ସଙ୍କଟ ବିଷୟରେ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହି ସମୟରେ ବିଶ୍ୱରେ ସଂଘର୍ଷର ବାତାବରଣ ରହିଛି। ଇସ୍ରାଏଲ ଏବଂ ଇରାନ ମଧ୍ୟରେ, ରୁଷିଆ-ୟୁକ୍ରେନ ମଧ୍ୟରେ ଯାହା ଘଟୁଛି ତାହାର ପୃଷ୍ଠଭୂମିରେ, ଯେକୌଣସି ସମୟରେ ବିଶ୍ୱ ଯୁଦ୍ଧ ଆରମ୍ଭ ହୋଇପାରେ। ଆଜିର ଯୁଦ୍ଧ କେବଳ ସୈନିକଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ମିଶାଇଲ, ଡ୍ରୋନ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସାଧାରଣ ନାଗରିକଙ୍କୁ ସିଧାସଳଖ ଟାର୍ଗେଟ କରାଯାଉଛି ।ଗଡକରୀ ତାଙ୍କ ଭାଷଣରେ ମହାଶକ୍ତିର ଏକଛତ୍ରବାଦୀ ଏବଂ ସର୍ବସତ୍ତ୍ୱବାଦୀ ପ୍ରକୃତି ଉପରେ ସିଧାସଳଖ ଆକ୍ରମଣ କରିଥିଲେ। ସେ କହିଛନ୍ତି, ସମନ୍ୱୟ, ସଦ୍ଭାବ ଏବଂ ପ୍ରେମର ଭାବନା ହ୍ରାସ ପାଉଛି। ମାନବତାକୁ ସୁରକ୍ଷା ଦେବା କଷ୍ଟକର ହେଉଛି, କାରଣ ସାଧାରଣ ନାଗରିକ ମଧ୍ୟ ଯୁଦ୍ଧର ଟାର୍ଗେଟ ହେଉଛନ୍ତି। ମିଶାଇଲ୍ ଆକ୍ରମଣ ଏବେ ନାଗରିକ ବସତିରେ ପହଞ୍ଚିଛି। ଯୁଦ୍ଧ କେବଳ ସାମରିକ ନୁହେଁ, ଏବେ ନୈତିକ ଏବଂ ସାମାଜିକ ଯୁଦ୍ଧ ମଧ୍ୟ ଲଢ଼ାଯାଉଛି। ଗଡକରୀଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଏବଂ ଇରାନ ଏବଂ ୟୁରୋପରେ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି।

## ପାଟନା ସିଦ୍ଧନାଥ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ

ପାଟନା ୭।୭: ବିହାର ରାଜଧାନୀ ପାଟନାର ବାହାଦୂରପୁର ଥାନା ଅଞ୍ଚଳରେ ଥିବା ସିଦ୍ଧନାଥ ଆପାର୍ଟମେଣ୍ଟରେ ସୋମବାର ନିଆଁ ଲାଗିଯାଇଛି। ଦେଖୁ ଦେଖୁ ଆପାର୍ଟମେଣ୍ଟରେ ନିଆଁ ବ୍ୟାପି ଯାଇଥିବା ବେଳେ ପାଖାପାଖି ୫ଟି ଫ୍ଲାଟ ଜଳି ପାଉଁଶ ହୋଇଯାଇଛି। ଫ୍ଲାଟରେ ନିଆଁ ବ୍ୟାପିବା ମାତ୍ରେ ଲୋକେ ଆତଙ୍କିତ ହୋଇ ପଡିବା ସହ ଯିଏ ଯେଉଁପଟେ ବାହାରକୁ ଚାଲି ଆସିଛନ୍ତି। ଆପାର୍ଟମେଣ୍ଟରେ ନିଆଁ ଲାଗିଥିବା ନେଇ ତୁରନ୍ତ ଦମକଳ ବିଭାଗକୁ ସୂଚନା ଦିଆଯାଇଥିଲା। ସୂଚନା ମିଳିବା ମାତ୍ରେ ୧୦ଟି ଦମକଳ ଗାଡ଼ି ଘଟଣାସ୍ଥଳକୁ ପହଞ୍ଚିବା ସହ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହି ଘଟଣାକୁ ନେଇ ଥାନା ପ୍ରଭାରୀ ସଞ୍ଜୟ ଶଙ୍କର କହିଛନ୍ତି ଯେ ନିଆଁ ତୀବ୍ର ବ୍ୟାପିବାକୁ ଲାଗିଥିଲା। ଦେଖୁ ଦେଖୁ ଅନେକ ଫ୍ଲାଟରେ ନିଆଁ ଧରିଯାଇଥିଲା। ତେବେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବାର ଅନୁମାନ କରାଯାଉଛି।

## ସ୍କୁଲ ଖୋଲିଲେ ଏଲନ ମସ୍କ, ପଢିପାରିବେ ସାରା ବିଶ୍ୱର ପିଲା

ୱାଶିଂଟନ,୭।୭: ଆଜିକାଲି ସ୍କୁଲଗୁଡ଼ିକରେ ପାଠପଢ଼ା ସମ୍ପର୍କରେ ଅନେକ ପ୍ରକାରର ପରୀକ୍ଷଣ କରାଯାଉଛି। ପିଲାମାନଙ୍କୁ ପାଠପଢ଼ାରେ ଧ୍ୟାନ ଦେବା ପାଇଁ ଖେଳ ଏବଂ ମଜା ଭଳି ଉପାଦାନ ଯୋଡାଯାଉଛି। ଏହା ସହିତ, ବର୍ତ୍ତମାନ ତତ୍ତ୍ୱ ଶିକ୍ଷା ଅପେକ୍ଷା ବ୍ୟବହାରିକ ଶିକ୍ଷା ଉପରେ ଅଧିକ ଧ୍ୟାନ ଦିଆଯାଉଛି। ଅନେକ ବ୍ୟବସାୟରେ ସକ୍ରିୟ ଥିବା ଏଲୋନ ମସ୍କ ନିଜର ସ୍କୁଲ ମଧ୍ୟ ଖୋଲିଛନ୍ତି। ଏହାର ନାମ ଆଷ୍ଟ୍ରା ନୋଭା ସ୍କୁଲ। ସାରା ବିଶ୍ୱର ପିଲାମାନେ ଏହି ସ୍କୁଲରେ ପ୍ରବେଶ କରିପାରିବେ। ଏଠାରେ ପାଠପଢ଼ା ଅନଲାଇନ ମୋଡରେ କରାଯାଏ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ଭଳି କମ୍ପାନୀର ମାଲିକ ଏଲୋନ ମସ୍କ ଆଷ୍ଟ୍ରା ନୋଭା ନାମକ ଏକ ସ୍କୁଲ ଖୋଲିଛନ୍ତି। ଏହି ସ୍କୁଲରେ ପାଠପଢ଼ାର ପଦ୍ଧତି ଅନ୍ୟ ସାଧାରଣ ସ୍କୁଲଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଅନଲାଇନ ହେବା ସତ୍ତ୍ୱେ, ଏହା ଏକ ଲ୍ୟାବ ପ୍ରକାରର ସ୍କୁଲ। ଆଷ୍ଟ୍ରା ନୋଭା ସ୍କୁଲରେ ପଢ଼ିବା ପାଇଁ ଆପଣଙ୍କୁ ଋଣ ନେବାକୁ ପଡ଼ିପାରେ। ଏଠାରେ ୧ ଘଣ୍ଟାର କ୍ଲାସ ପାଇଁ ଫି ୨୨୦୦ ଡଲାର। ଭାରତୀୟ ମୁଦ୍ରାରେ, ଏଲୋନ ମସ୍କଙ୍କ ସ୍କୁଲର ଫି ୧ ଲକ୍ଷ ୮୮ ହଜାରରୁ ଅଧିକ।

## ଟେକ୍ସାସ୍ ବନ୍ୟାରେ ଗଲାଣି ୮୦ ଜୀବନ

ନୂଆଦିଲ୍ଲୀ ୭।୭; ଆମେରିକାରେ ବର୍ଷା ତାଣ୍ଡବ । ଭୟଙ୍କର ବନ୍ୟାରେ ହନ୍ତସନ୍ତ ଲୋକେ । ଗତ ଶୁକ୍ରବାର ହୋଇଥିବା ବନ୍ୟାରେ ପାଖାପାଖି ୮୦ ଜଣଙ୍କ ଜୀବନ ଗଲାଣି । ମୃତକଙ୍କ ମଧ୍ୟରେ ୪୦ ଜଣ ବୟସ୍କ ଓ ୨୮ ଶିଶୁ ରହିଛନ୍ତି । ଗତକାଲି ୨୮ ଜଣଙ୍କ ମୃତ୍ୟୁ ନେଇ ଖବର ରହିଥିବାବେଳେ ମୃତକଙ୍କ ସଂଖ୍ୟା ଏବେ ବୃଦ୍ଧି ପାଇଛି । ଅନ୍ତର୍ଜାତୀୟ ଗଣମାଧ୍ୟମ ପକ୍ଷରୁ ସୂଚନା ଅନୁସାରେ, ୱାଶିଂଟନର ଟେକ୍ସାସରେ ଶୁକ୍ରବାର ସକାଳେ ଭୟଙ୍କର ଝଡ଼ତୋଫାନ ହୋଇଥିଲା ।

## ଶାଶୁଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଲେ ଇଞ୍ଜିନିୟର୍ ବୋହୂ

ଗାଜିଆବାଦ,୭।୭: ଉତ୍ତର ପ୍ରଦେଶର ଗାଜିଆବାଦରେ, ଜଣେ ସଫ୍ଟୱେର୍ ଇଞ୍ଜିନିୟର ବୋହୂ ତାଙ୍କ ଶାଶୁଙ୍କୁ ନିର୍ମମ ଭାବରେ ପିଟିଛନ୍ତି। ଏହି ଘଟଣାଟି ଗାଜିଆବାଦର ଗୋବିନ୍ଦପୁରମ ପୋଲିସ ଷ୍ଟେଶନ ଅଞ୍ଚଳର। ଘଟଣାର ସିସିଟିଭି ଫୁଟେଜ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସିସିଟିଭି ଫୁଟେଜ ଭାଇରାଲ ହେବା ପରେ, ପୋଲିସ ଏକ ମାମଲା ରୁଜୁ କରିଛି। ତାଙ୍କ ଶାଶୁଙ୍କୁ ନିର୍ମମ ଭାବରେ ପିଟିଥିବା ଅଭିଯୁକ୍ତ ବୋହୂଙ୍କ ନାମ ଆକାଂକ୍ଷା। ଆକାଂକ୍ଷାଙ୍କୁ ନେଇ ଶ୍ୱଶୁର କହିଛନ୍ତି, ସେ ପୂର୍ବରୁ ତାଙ୍କ ବୋହୂଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରିଥିଲେ, କିନ୍ତୁ ବୋହୂଙ୍କ ବାପା ଦିଲ୍ଲୀରେ ଜଣେ ସବ-ଇନ୍ସପେକ୍ଟର, ତେଣୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଅଭିଯୁକ୍ତ ବୋହୂ ଆକାଂକ୍ଷା ଦିଲ୍ଲୀର ବାସିନ୍ଦା। ସେ ଗାଜିଆବାଦର ଗୋବିନ୍ଦପୁରମ ପୋଲିସ ଷ୍ଟେଶନ ଅଞ୍ଚଳରେ ବିବାହିତ। ବୋହୂ ତାଙ୍କ ଶାଶୁଙ୍କୁ ମାଡ଼ ମାରିବାର ଏହି ଘଟଣା ଜୁଲାଇ ୧ ତାରିଖର ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, ଜୁଲାଇ ୧ ତାରିଖରେ ଅଭିଯୁକ୍ତ ବୋହୂ ତାଙ୍କ ମାଆଙ୍କ ସହିତ ତାଙ୍କ ଶ୍ୱଶୁର ଘରେ ପହଞ୍ଚି ତାଙ୍କ ଶାଶୁ ସୁଦେଶ ଦେବୀଙ୍କୁ ମାଡ଼ ମାରିଥିଲେ।

# ଗଣତନ୍ତ୍ର ଉପରେ ଆସ୍ଥା: ଭାରତ ସର୍ବ ଶୀର୍ଷରେ




ନୂଆଦିଲ୍ଲୀ,୭।୭: ଭାରତରେ ଗଣତାନ୍ତ୍ରିକ ପଦ୍ଧତି ପ୍ରତି ୭୪ପ୍ରତିଶତ ନାଗରିକ ସନ୍ତୁଷ୍ଟ ଥିବା ପିୟୁ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ବିଶ୍ୱ ବ୍ୟାପୀ ହୋଇଥିବା ଏକନୂତନ ସର୍ବେକ୍ଷଣ ରିପୋର୍ଟରୁ ଜଣାପଡିଛି। ସବୁ ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ସର୍ବଶୀର୍ଷରେ ରହିଛି। ୨୦୨୫ ମସିହାରେ ୨୩ଟି ଦେଶରେ ହୋଇଥିବା ସର୍ବେକ୍ଷଣ ତଥ୍ୟ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ଏଥିରୁ ଜଣାପଡିଛି ଯେ, ଜାପାନରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ମାତ୍ର ୨୪ % ନାଗରିକଙ୍କ ଅନୁମୋଦନ ରହିଛି। ତୁଳନାତ୍ମକ ଦୃଷ୍ଟିରୁ ଏହା ସବୁଠାରୁ କମ୍। ବିକଶିଷ ଓ ବିକାଶ ମୁଖୀ ଅର୍ଥନୀତି ଆଧାରରେ ଗଣତନ୍ତ୍ର ପ୍ରତି ଲୋକଙ୍କ ଆସ୍ଥା କିଭଳି ରହିଛି ତାହାର ବିଭାଜନ ଉପରେ ଆଲୋକପାତ କରାଯାଇଥିଲା। ଅଧିକ ଆୟକାରି ରାଷ୍ଟ୍ରଗୁଡିକରେ ଗଣତନ୍ତ୍ର ଶାସନ ପ୍ରତି ଅଧିକ ଅସନ୍ତୋଷ ରହିଥିବା ଜଣାପଡିଥିଲା। ଗଣତାନ୍ତ୍ରିକ ଶାସନ ତଥା ଅର୍ଥନୀତିକ ସ୍ଥିତି ଦୃଷ୍ଟିରୁ ଭାରତରେ ଲୋକଙ୍କ ଅନୁମୋଦନ ମଜଭୁତ ରହିଥିଲା। ଆଲୋଚ୍ୟ ଦୁଇକ୍ଷେତ୍ର ଦୃଷ୍ଟିରୁ ଫ୍ରାନ୍ସ, ଗ୍ରୀସ, ଇଟାଲି, ଜାପାନ ଓଦକ୍ଷିଣ କୋରିଆରେ ଅସନ୍ତୋଷ ଅଧିକ ମାତ୍ରାରେ ରହିଥିବା ଜଣାପଡିଛି। ଦେଶଗୁଡିକ ମଧ୍ୟରେ ପୂର୍ବାଧିକ୍ଷା ଗଣତନ୍ତ୍ର ପ୍ରତି ୪୯% ସନ୍ତୋଷ ରହିଥିବା ଜଣାପଡିଛି। ଇତିମଧ୍ୟରେ ବୈଷୟିକ ଗଣତାନ୍ତ୍ରିକ ପଦ୍ଧତିରେ ୫୮% ପ୍ରାପ୍ତ ବୟସ୍କ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗଣତନ୍ତ୍ର ପ୍ରତି ଗ୍ରୀସରେ ୮୧ରେପ୍ରତିଶତ, ଜାପାନରେ ୭୬%, ଦକ୍ଷିଣକୋରିଆରେ ୭୧ % ଅସନ୍ତୋଷ ରହିଛି।

## ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ
# ୧୦ ବର୍ଷ ପରେ ଅନ୍ୟତମ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନିର୍ଦ୍ଦିଷ୍ଟ ପରିବାରର କିଛି ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ମାମଲାର ୧୦ ବର୍ଷ ପରେ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ରବି ମଲ୍ଲିକ ଓରଫ ବାବୁ (୩୬)। ଗିରଫ ଅଭିଯୁକ୍ତଙ୍କ ଘର ୟୁନିଟ୍-୨ ପଟେଲ ବସ୍ତି ଅଂଚଳରେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ,୨୦୧୫ ମସିହା ଅକ୍ଟୋବର ୧୩ ତାରିଖ ଦିନ ରାତି ପ୍ରାୟ ୮ଟା୩୦ ସମୟରେ, ଅଭିଯୋଗକାରୀଙ୍କ ଦୁଇ ପୁଅ ପ୍ରକାଶ ନାୟକ ଏବଂ ମୁଣ୍ଡା ନାୟକ ସେମାନଙ୍କ ଘରେ ବସିଥିବା ସମୟରେ, ଅଭିଯୁକ୍ତ ନନ୍ଦୀ ଓରଫ ସସ୍ମିତା ଦାସ, ବାସନ୍ତୀ ସ୍ୱାଇଁ, ଗୁଲି ସ୍ୱାଇଁ, ଗୀତା ସ୍ୱାଇଁ, ବିଦ୍ୟାଧର ବାରିକ ଏବଂ ଭୁବନେଶ୍ୱର ୟୁନିଟ୍-୨ର ବର୍ତ୍ତମାନର ଅଭିଯୁକ୍ତ ବାବୁ ଓରଫ ରବି ମଲ୍ଲିକଙ୍କ ସମେତ ଅନ୍ୟମାନେ ପୂର୍ବ ଶତ୍ରୁତା ଯୋଗୁଁ ହଠାତ୍ ଘରେ ପଶି ଦୁଇ ପୀଡିତଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ଫଳସ୍ୱରୂପ, ଉଭୟ ପୀଡିତା ଆହତ ହେବା ସହିତ ପୀଡ଼ିତ ପ୍ରକାଶ ନାୟକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହି ମାମଲାରେ ପୂର୍ବରୁ, ପାଂଚଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଅଭିଯୁକ୍ତ ବାବୁ ଓରଫ ରବି ମଲ୍ଲିକ ଦୀର୍ଘ ସମୟ ଧରି ପଳାତକ ରହିଥିଲେ। ସୋମବାର ଅପରାହ୍ଣ ୧ଟା୩୦ ସମୟରେ, ବିଶ୍ୱସ୍ତ ସୂଚନା ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ଏବଂ ପଚରାଉଚରାରୁ ସେ ଆକ୍ରମଣରେ ତାଙ୍କର ସଂପୃକ୍ତି ସ୍ୱୀକାର କରିଥିଲେ । ଯାଂଚରୁ ସେ ପୂର୍ବରୁ କ୍ୟାପିଟାଲ ଥାନାରେ ଗୋଟିଏ ଅପରାଧିକ ମାମଲାରେ ଜଡିତ ଥିବା ଜଣାପଡ଼ିଥିଲା।

# କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ, ଚାଳକ ଗିରଫ

ଭୁବନେଶ୍ୱର(ନିପ୍ର): କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ସହିଦନଗର ଥାନା ପୋଲିସ ସୋମବାର କାର ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ କାର ଚାଳକ ଜଣଙ୍କେ ହେଉଛନ୍ତି ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା କେନାଲ ରୋଡ ସ୍ଥିତ ଇନ୍ଦିରା ହୋମ୍ସରେ ରହୁଥିବା ସିଦ୍ଧାନ୍ତ ସୌରଭ ମିଶ୍ର (୨୪)। ଗିରଫ ଅଭିଯୁକ୍ତଙ୍କ ଠାରୁ ଦୁର୍ଘଟଣାଗ୍ରସ୍ତ କାରକୁ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ ଯେ, ଗତ ୨୮ ଜୁନ ରାତି ପ୍ରାୟ ୯ଟା ୪୫ ସମୟରେ, ଅଭିଯୋଗକାରୀଙ୍କ ଶାଳକ ଭଗବାନ ବିଶୋଇ (୩୯), ତାଙ୍କ ସାଇକେଲରେ କାମରୁ ଘରକୁ ଫେରୁଥିବା ସମୟରେ, ରସୁଲଗଡ଼ର ଇମଫା କାର୍ଯ୍ୟାଳୟ ନିକଟରେ (ଓଡ଼ି ୦୨ଜି ୦୫୨୧)ନମ୍ବର ବିଶିଷ୍ଟ ଏକ ଅଲ୍ଟୋ କାର ପଛରୁ ଧକ୍କା ଦେଇଥିଲା। ଫଳସ୍ୱରୂପ, ପୀଡିତଙ୍କ ମୁଣ୍ଡ ଏବଂ ଶରୀରରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ବାସିନ୍ଦା ତାଙ୍କୁ ତୁରନ୍ତ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ଯେଉଁଠାରେ ତାଙ୍କୁ ରାତି ୧୧ଟା ୨୫ରେ ଡାକ୍ତରଙ୍କ ଦ୍ୱାରା ମୃତ ଘୋଷଣା କରାଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ଅଭିଯୁକ୍ତ ଦୁର୍ଘଟଣାଗ୍ରସ୍ତ ଗାଡ଼ି ନେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ତଦନ୍ତ ସମୟରେ, ଦୁର୍ଘଟଣାଗ୍ରସ୍ତ ଗାଡ଼ିଟିକୁ ଠାବ କରାଯାଇଥିଲା ଏବଂ ଏହାର ପଞ୍ଜିକୃତ ମାଲିକ ସୁକାନ୍ତ କୁମାର ମହାପାତ୍ରଙ୍କ ଠାରୁ ଜବତ କରାଯାଇଥିଲା। ଯିଏ ଡ୍ରାଇଭର ସିଦ୍ଧାନ୍ତ ସୌରଭ ମିଶ୍ରଙ୍କ ସହିତ ଥାନାରେ ଉପସ୍ଥିତ ହୋଇଥିଲେ। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତ ଡ୍ରାଇଭର ଜଣକ ଦ୍ରୁତଗତିରେ ଏବଂ ଅବହେଳା କରି ଗାଡ଼ି ଚଳାଉଥିବାର ଜଣାପଡ଼ିଥିଲା। ଯାହା ଫଳରେ ଏହି ସାଂଘାତିକ ଦୁର୍ଘଟଣା ଘଟିଥିଲା।

# ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମବାର୍ଷିକୀ

କାକଟପୁର(ନିପ୍ର): ପ୍ରବାଦ ପୁରୁଷ ଭାରତୀୟ ଜନ ମାନସର ଅବିସ୍ମରଣୀୟ ମହାନ ଆତ୍ମା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ଜନ୍ମ ବାର୍ଷିକୀ ଉତ୍ସବ ପୁରୀ ଜିଲ୍ଲାର କାକଟପୁର ବ୍ଲକ ଅନ୍ତର୍ଗତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ‘ମା ଗଜଲକ୍ଷ୍ମୀ ୟୁଥ୍ ସୋସିଆଲ ଅର୍ଗାନାଇଜେସନ’ ଆନୁକୁଲ୍ୟରେ ସଂଗଠନର ସମ୍ମିଳନୀ କକ୍ଷଠାରେ ମହା ଆଡ଼ମ୍ବରରେ ପାଳନ କରାଯାଇଛି । ‘ମାଇଁ ଭାରତ, ପୁରୀ’ର ଆର୍ଥିକ ସହାୟତାରେ ଅନୁଷ୍ଠିତ ଉକ୍ତ ଦିବସ ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଚତୁର୍ଭୁଜ ରାଉତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ସଚିଦାନନ୍ଦ ସତଙ୍ଗୀ, ବରିଷ୍ଠ ସମାଜସେବୀ ଓ ଶିକ୍ଷାବିତ୍ ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟ, ଯୁବ ପ୍ରତିଭା କରିସ୍ମା ସ୍ୱାଇଁ ଯୋଗଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବକ, ଯୁବତୀ ଓ ପ୍ରତିଯୋଗୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଯୁବ ପ୍ରତିଭା ମାନଙ୍କ ମଧ୍ୟରେ ପ୍ରବାଦ ପୁରୁଷଙ୍କ ଜୀବନୀ ଆଧାରରେ ଭାଷଣ, ପ୍ରବନ୍ଧ ଆଦି ପ୍ରତିଯୋଗୀତା କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ପୁସ୍ତକ ବଣ୍ଟନ କରାଯାଇଥିଲା ।

# କ୍ୱାର୍ଟର୍ସ ତାଲା ଭାଙ୍ଗି ଚୋରି: ଲାପଟପ୍ ସହ ଚୋର ଧରାପଡ଼ିଲା

ଭୁବନେଶ୍ୱର(ନିପ୍ର): ୟୁନିଟ୍-୩ ସ୍ଥିତ କ୍ୱାର୍ଟର୍ସ ନମ୍ବର ୨୫/୧ର ତାଲା ଭାଙ୍ଗି ସେଠାରୁ ଲାପଟପ୍ ଚୋରି କରାଯାଇଥିବା ନେଇ ଖାରବେଳନଗର ଥାନାରେ ଗତ ଜୁନ ୨୩ ତାରିଖରେ ପୁଷ୍ପଲତା ସାମଲ ନାମକ ଜଣେ ମହିଳା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ସୋମବାର ଅଭିଯୁକ୍ତ ବାପୁଜୀନଗର ଅଂଚଳର କେଦାରପଲ୍ଲୀ ବସ୍ତିର ପ୍ରଶାନ୍ତ ନାୟକ ଓରଫ ପାସା (୪୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପାସାଙ୍କ ଠାରୁ ଚୋରି ହୋଇଥିବା ଲାପଟପ୍ ଏବଂ ଏହାର ଚାର୍ଜରକୁ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ ଯେ, ଗତ ଜୁନ ୨୩ ତାରିଖ ସନ୍ଧ୍ୟା ୫ଟାରୁ ୭ଟା ମଧ୍ୟରେ, ଅଭିଯୋଗକାରିଣୀ ଏବଂ ତାଙ୍କ ପରିବାର ସଦସ୍ୟମାନେ ବାହାରେ ଥିବା ସମୟରେ, କିଛି ଅଜଣା ଦୁର୍ବୃତ୍ତ ତାଙ୍କ କ୍ୱାର୍ଟସର ତାଲା ଭାଙ୍ଗି ଗୋଟିଏ ଡେଲ୍ ଆଇ-୩ ଲାପଟପ୍ ଏବଂ ଚାର୍ଜର ଚୋରି କରିଥିଲେ। ସମଗ୍ର ଘଟଣା ପରିସରରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ତଦନ୍ତ ସମୟରେ, ସିସିଟିଭି ଫୁଟେଜ୍ ଯାଂଚ କରାଯାଇଥିଲା ଯାହା ତିନି ଜଣଙ୍କ ସଂପୃକ୍ତି ଦର୍ଶାଇଥିଲା। ଅଧିକ ଯାଂଚ ପରେ, ଅଭିଯୁକ୍ତମାନେ କ୍ୟାପିଟାଲ୍ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିର ବାସିନ୍ଦା ବୋଲି ଜଣାପଡିଥିଲା। ବିଶ୍ୱସ୍ତ ସୂଚନା ଆଧାରରେ, ଅଭିଯୁକ୍ତ ପ୍ରଶାନ୍ତ ନାୟକ ଓରଫ ପାସାଙ୍କୁ ମାଷ୍ଟରକ୍ୟାଂଟିନ ଅଂଚଳ ନିକଟରୁ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ ସେ ଅପରାଧ ସ୍ୱୀକାର କରିଥିଲେ ଏବଂ ସେ, ତାଙ୍କ ସହଯୋଗୀ ଦୀପୁନା ଏବଂ ପପୁଙ୍କ ସହିତ ଅଭିଯୋଗକାରୀଙ୍କ ବନ୍ଦ କ୍ୱାର୍ଟସରେ ପଶି ଚୋରି କରିଥିବା କହିଥିଲେ। ଅଭିଯୁକ୍ତଙ୍କ ଘର ତଲାସି ବେଳେ ସେଠାରୁ ଡେଲ୍ ଆଇ-୩ ଲାପଟପ୍ ଏବଂ ଗୋଟିଏ ଲାପଟପ୍ ଚାର୍ଜର ଉଦ୍ଧାର କରାଯାଇଥିଲା। ତଦନ୍ତ ସମୟରେ ଜଣାପଡ଼ିଥିଲା କି, ଅଭିଯୁକ୍ତ ଜଣେ ଅଭ୍ୟାସଗତ ସଂପତ୍ତିଗତ ଅପରାଧୀ ଏବଂ ପୂର୍ବରୁ କ୍ୟାପିଟାଲ, ବଡ଼ଗଡ଼, ଶ୍ରୀ ଲିଙ୍ଗରାଜ ଏବଂ ଏୟାରଫିଲ୍ଡ ଥାନା ଅଧୀନରେ ଚୋରି, ଡକାୟତି ଏବଂ ଅପରାଧିକ ଷଡ଼ଯନ୍ତ୍ର ଭଳି ୧୦ଟି ମାମଲାରେ ଜଡିତ ଥିବା ଜଣାପଡ଼ିଥିଲା।

## ସ୍ପେଶାଲ କ୍ରାଇମ ୟୁନିଟ୍‌କୁ ସଫଳତା
# ୨୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ଟିମକୁ ଏକ ବଡ଼ଧରଣର ସଫଳତା ହାତରେ ଲାଗିଛି। ଏସ୍‌ସିୟୁ ସଦସ୍ୟମାନେ ଜଟଣୀ ଟୋଲ ଗେଟ୍ ନିକଟରେ ଚଢ଼ଉ କରି ଜଣେ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଗିରଫ ବ୍ରାଉନସୁଗର ବେପାରୀଙ୍କ ଠାରୁ ପୋଲିସ ୨୬୫ ଗ୍ରାମର ଧଳା ଜହର ଜବତ କରିଥିବାବେଳେ ଏହାର ବଜାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୋମବାର ପୋଲିସ ସେବା ଭବନରେ ଅନୁଷ୍ଠିତ ପ୍ରେସମିଟ୍‌ରେ ସୂଚନା ଦେଇଛନ୍ତି। ଗିରଫ ବ୍ରାଉନସୁଗର ବେପାରୀ ଜଣଙ୍କ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଅଂଚଳର ରଶ୍ମିରଞ୍ଜନ ଭୋଳ ଓରଫ ରଶ୍ମି (୩୪)ଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ପୋଲିସ ଏକ ବୁଲେଟ ବାଇକ, ନଗଦ ୩୧ ହଜାର ଟଙ୍କା ଓ ଏକ ମୋବାଇଲ ଫୋନକୁ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଏତେ ପରିମାଣର ବ୍ରାଉନସୁଗର କେଉଁଠୁ ଆଣିଥିଲେ ଏବଂ ଏହାକୁ କେଉଁଠି ବିକ୍ରି କରିଥାନ୍ତେ ସେ ନେଇ ଖୋଳତାଡ଼ ଜାରି ରହିଥିବା ପୋଲିସ କମିଶନର ଶ୍ରୀ ସିଂ ସୂଚନା ଦେଇଛନ୍ତି। ତେବେ ପ୍ରାଥମିକ ତଦନ୍ତ ବେଳେ ଅଭିଯୁକ୍ତ ଜଣଙ୍କ ମୂଳ ବ୍ୟବସାୟୀଙ୍କ ଠାରୁ ଏହି ବ୍ରାଉନସୁଗର ଆଣି କ୍ଷୁଦ୍ର ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ପ୍ରସ୍ତୁତି କରୁଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିବା ଜଣାପଡ଼ିଛି।

## ପୋଷ୍ଟମର୍ଟମ ରିପୋର୍ଟରେ ହେରଫେର
# ୧୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ଡାକ୍ତର

ଭୁବନେଶ୍ୱର(ନିପ୍ର): ପୋଷ୍ଟମର୍ଟମ ରିପୋର୍ଟରେ ହେରଫେର କରିବା ଲାଗି ୧୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି ଜଗତସିଂପୁର ଜିଲ୍ଲା କୁଜଙ୍ଗ ସିଏଚସିର ମେଡିକାଲ ଅଫିସର ଡ. ଶିବ ପ୍ରସାଦ ସେଠୀ। ଏନେଇ ମୃତ ମହିଳାଙ୍କ ସ୍ୱାମୀ କଟକ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ସୂଚନା ଅନୁଯାୟୀ, ଅଭିଯୋଗକାରୀ ସାତ ଦିନ ପୂର୍ବରୁ ବିବାହ କରିଥିଲେ। ତାଙ୍କ ପତ୍ନୀଙ୍କର ଖାଦ୍ୟରେ ବିଷକ୍ରିୟା ଯୋଗୁଁ ମୃତ୍ୟୁ ହୋଇଥିଲା। ତେବେ ଅଭିଯୋଗକାରୀ ଜଣଙ୍କ ପତ୍ନୀଙ୍କ ଇନସ୍ୟୁରାନ୍ସ ବାବଦୀୟ ଅର୍ଥ ଲାଗି ଡାକ୍ତର ସେଠୀଙ୍କୁ ଶବ ବ୍ୟବଚ୍ଛେଦ ରିପୋର୍ଟ ତୁରନ୍ତ ଦେବାକୁ ଅନୁରୋଧ କରିଥିଲେ। ଡାକ୍ତର ଶ୍ରୀ ସେଠୀ ବ୍ୟବଚ୍ଛେଦ ରିପୋର୍ଟ ଦେବା ଲାଗି ୧୦ ହଜାର ଟଙ୍କା ଅଭିଯୋଗକାରୀଙ୍କୁ ଲାଂଚ ମାଗିଥିଲେ। ଏହା ନ ଦେଲେ ସେ ବ୍ୟବଚ୍ଛେଦ ରିପୋର୍ଟରେ ହେରଫେର କରିବେ ବୋଲି ଅଭିଯୋଗକାରୀଙ୍କୁ ଧମକ ଦେଇଥିଲେ। ଫଳରେ ଅଭିଯୋଗକାରୀ ଏନେଇ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହ ସୋମବାର ସନ୍ଧ୍ୟାରେ ଡାକ୍ତର ସେଠୀଙ୍କ କଟକ ସ୍ଥ ?ତ କ୍ଲିନକରେ ଟଙ୍କା ଦେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଡାକ୍ତର ଶ୍ରୀ ସେଠୀଙ୍କ ଠାରୁ ଭିଜିଲାନ୍ସ ଅଧିକାରୀମାନେ ନଗଦ ୧୦ ହଜାର ଟଙ୍କା ଜବତ କରିବା ସହ ତାଙ୍କ ବିରୋଧରେ ଆୟ ବର୍ହିଭୁତ ମାମଲା ରୁଜୁ କରିବା ସହ ତାଙ୍କର ୪ଟି ସ୍ଥାନରେ ଥିବା ଘର ଉପରେ ଚଢ଼ଉ କରିଥିବା ଜଣାପଡ଼ିଛି।

## ବିଦ୍ୟୁତ୍ ଖୁଣ୍ଟକୁ ପିଟିଲା ଟାଭେରା: ୭ ଗୁରୁତର
# ଆହତଙ୍କୁ ଉଦ୍ଧାର କରିବା ହେଲା କାଳ: ଯୁବକ ମୃତ

କୋଣାର୍କ(ନିପ୍ର): କୋଣାର୍କ-ପୁରୀ ବେଳାମାର୍ଗ ରାସ୍ତାର ଇକୋ ରିଟ୍ରେଟ୍ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୭ଜଣ ଆହତ ହୋଇଥିବା ବେଳେ ଆହତମାନଙ୍କୁ ଉଦ୍ଧାର କରିବାକୁ ଯାଇ ଜଣେ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ ପୁରୀରୁ କିଛି ପର୍ଯ୍ୟଟକଙ୍କୁ ନେଇ ଏକ ଟାଭେରା ଗାଡ଼ି ନଂ ଓଆର-୧୩-ଜି-୧୬୭୭ କୋଣାର୍କ ଅଭିମୁଖେ ଆସୁଥିବା ସମୟରେ ବେଳାମାର୍ଗ ରାସ୍ତାର ଇକୋ ରିଟ୍ରେଟ୍ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣା ଫଳରେ ଗାଡ଼ି ଭିତରେ ଥିବା ୬ ପର୍ଯ୍ୟଟକ ଆହତ ହୋଇଥିବା ବେଳେ କାର ଡ୍ରାଇଭର ଜଣଙ୍କ ଡୋରରେ ଚାପି ହୋଇ ରହିଯାଇଥିଲେ। ରାସ୍ତାରେ ଯାଉଥିବା କିଛି ପର୍ଯ୍ୟଟକ ଦୁର୍ଘଟଣାଗ୍ରସ୍ତ ଗାଡ଼ି ମଧ୍ୟରୁ ଡ୍ରାଇଭରକୁ ଉଦ୍ଧାର କରିବା ପାଇଁ ଯାଇ ଗାଡ଼ି ଡୋର ଖୋଲୁଥିବା ବେଳେ ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ଜଣେ ଯୁବକ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଅଚେତ ଯୁବକ ଜଣଙ୍କୁ ଘଟଣାସ୍ଥଳରୁ ଅଗ୍ନିଶମ ବାହିନୀ ଉଦ୍ଧାର କରି କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିଥିବା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ ଯୁବକ ଜଣଙ୍କ ହେଲେ ଜଗତସିଂହପୁର ଜିଲ୍ଲା ନାଉଗାଁ ଅଞ୍ଚଳର ରଞ୍ଜିତ ପଡ଼ିଆରୀ ବୋଲି ଜଣାପଡ଼ିଛି। ମୃତ ରଞ୍ଜିତ ସାଙ୍ଗମାନଙ୍କ ସହ କୋଣାର୍କ ବୁଲିବାକୁ ଆସିଥିବା ବେଳେ ବେଳାମାର୍ଗ ରାସ୍ତାରେ ଗାଡ଼ି ଦୁର୍ଘଟଣା ଦେଖି ଆହତମାନଙ୍କୁ ଉଦ୍ଧାର କରିବା ପାଇଁ ଯାଇ ନିଜେ ବିଦ୍ୟୁତ୍ ଆଘାତରେ ଆସି ମୃତ୍ୟୁବରଣ କରିଥିଲେ। ଏଠାରେ ସୂଚନା ଥାଇପାରେକି, ବେଳାମାର୍ଗରେ ଥିବା ବିଦ୍ୟୁତ୍ ଖୁଣ୍ଟରେ କିପରି କରେଣ୍ଟ ଆସିଲା ତାହା ତଦନ୍ତ ସାପେକ୍ଷ। କାରଣ ଅନ୍ୟ ସମୟରେ ବିଦ୍ୟୁତ୍ ଖୁଣ୍ଟରେ ଯଦି କରେଣ୍ଟ ରୁହେ ତେବେ ବିଭିନ୍ନ ସମୟରେ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ମଧ୍ୟ ଏହାକୁ ସ୍ପର୍ଶକରି ଦୁର୍ଘଟଣାର ଶିକାର ହେବାର ଆଶଙ୍କା ସୃଷ୍ଟି ହୋଇଛି।



## ରାମେଶ୍ୱର-ଚନ୍ଦନପୁର ମୁଖ୍ୟମନ୍ତ୍ରୀ ସଡ଼କ କାର୍ଯ୍ୟ ନିମ୍ନମାନର ଅଭିଯୋଗ
# ନିର୍ମାଣାଧୀନ ରାସ୍ତା ପାର୍ଶ୍ୱ ଓ ୱାଲ୍ ଫାଟି ଆଁ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ମେଡିକାଲ ଛକ ଠାରୁ ଜଗତପୁର ଦେଇ ଚନ୍ଦନପୁରକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରାଯାଇଥିବା ରାସ୍ତାଟିର କଡ ଓ କିଛି ଅଂଶ ୱାଲ ଫାଟି ଯାଇଥିବା ଦେଖିବାକୁ ମିଳିଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଏହି ରାସ୍ତାର ପାର୍ଶ୍ୱ ମାଟି ଧସି ହୋଇ ୱାଲ୍ ଫାଟି ଆଁ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି କାର୍ଯ୍ୟକୁ ଉଚିତ୍ ତଦାରଖ ଓ ଠିକାଦାରର ମନମୁଖୀ କାର୍ଯ୍ୟ ଯୋଗୁ ଏପରି ହୋଇଛି ବୋଲି କୁହାଯାଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ରାମେଶ୍ୱର, ଜଗତପୁର, ତାଳପଡ଼ା, ଗୁଡ଼ବେଡି ଓ ଚନ୍ଦନପୁରବାସୀଙ୍କ ଗମନା ଗମନର ଆବଶ୍ୟକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଯୋଜନାରେ ୫.୫୯ କିଲୋମିଟର ନିର୍ମାଣ କରାଯାଇଥିବା ଏହି ନିମ୍ନମାନର କାର୍ଯ୍ୟକୁ ରାସ୍ତାଟିର ଏଭଳି ଅବସ୍ଥାକୁ ନେଇ ସ୍ଥାନୀୟବାସୀ ଅସନ୍ତୋଷ ପ୍ରକାଶ କରିବା ସହିତ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି । ଚନ୍ଦନପୁର ଗାଁ ପୂର୍ବରୁ ନିର୍ମାଣ ହୋଇଥିବା ସେତୁଠାରୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱ ରାସ୍ତା ଅଳ୍ପ ବର୍ଷାରେ ସ୍ଥାନେ ସ୍ଥାନେ ଧସିଯାଇଛି । ସେହିପରି କଂକ୍ରିଟ ୱାଲ୍‌ଗୁଡିକ ଫାଟି ଭୁଶୁଡିବା ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ପିଚୁ କାର୍ଯ୍ୟ ଅତି ନିମ୍ନ ମାନର ହୋଇଛି। ଏହି ରାସ୍ତାକୁ ୪ କୋଟି ୨ ଲକ୍ଷ ୬୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏହି ରାସ୍ତା ଉପରେ ଠିକଣା ସ୍ଥାନ ମାନଙ୍କରେ ୧୦୦ ମିଟର ଲମ୍ବର ସିସି ଡ୍ରେନ୍, ୭୬୦ ମିଟର ରିଟେନିଂ ୱାଲ୍ ଓ ଆବଶ୍ୟକ ସ୍ଥାନ ମାନଙ୍କରେ ୪ଟି ପାଇପ୍ କଲଭର୍ଟ ନିର୍ମାଣ ହେବା ପାଇଁ ନିର୍ଦ୍ଦେଶ ରହିଛି। ସେହି ଅନୁସାରେ ଗତ ୨୦୨୩ ନଭେମ୍ବର ମାସ ୨୦ ତାରିଖରେ ଏହାର ଶିଳାନ୍ୟାସ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଗକୁ ୫ ବର୍ଷ ଗ୍ୟାରେଣ୍ଟି ପିରିୟଡ଼ ଥିଲେ ବି ଏବେଠାରୁ ଏହାର ଦୂରବସ୍ଥା ଏହାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।



## ରାହୁଲ ଗାନ୍ଧୀଙ୍କ ବିକୃତ ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ
# କଂଗ୍ରେସ ପକ୍ଷରୁ ଥାନାରେ ଏତଲା

କଟକ(ନିପ୍ର): ଏଆଇସିସିର ସାଧାରଣ ସଂପାଦକ ତଥା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କର ବିକୃତ ଫଟୋ ସାମାଜିକ ଗଣମାଧ୍ୟମରେ ରତନ ରଂଜନ ନାମକ ଜଣେ ବ୍ୟକ୍ତି ପୋଷ୍ଟ କରିବା ଅଭିଯୋଗରେ ଆଜି କଂଗ୍ରେସ ପକ୍ଷରୁ ରତନ ରଂଜନଙ୍କ ନାମରେ ଲାଲବାଗ ଥାନାରେ ଏତଲା ଦିଆଯାଇଛି। ଗତ ୫ ତାରିଖ ଦିନ ରତନ ରଂଜନ ନାମକ ଜଣେ ବ୍ୟକ୍ତି ରାହୁଲ ଗାନ୍ଧୀଙ୍କ ବିକୃତ ଫଟୋକୁ ସୋସିଆଲ ମିଡ଼ିଆରେ ପ୍ରଚାର କରିଥିଲେ। ଏହାର ପ୍ରତିବାଦ କରି ଆଜି କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କର ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଲାଲବାଗ ଥାନାରେ ଏକ ଏତଲା ଦେଇଛନ୍ତି। ଏହା ଏକ ସାଂଘାତିକ ଅପରାଧ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। କେବଳ ରାହୁଲ ଗାନ୍ଧୀ ନୁହେଁ, ମହିଳାମାନଙ୍କୁ ମଧ ଏଥିରେ ଆପେକ୍ଷ କରାଯାଇଛି। ତେଣୁ ଏଭଳି ମିଥ୍ୟା ଅପ୍ରଚାର କରାଯାଇଛି ବୋଲି କଂଗ୍ରେସ ପକ୍ଷରୁ ଏତଲାରେ ଅଭିଯୋଗ କରାଯାଇଛି। ଏଭଳି ଅପପ୍ରଚାର ମିଥ୍ୟା ସାକ୍ଷ୍ୟ ଅଭିଯୋଗରେ ବିଏନଏସର ଧାରା ୧୯୨, ୧୯୬, ୧୯୭, ୨୯୪, ୩୫୩ ଏବଂ ମାନହାନି ପାଇଁ ୩୫୬ ଧାରାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ବରିଷ୍ଠ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ସନ୍ତୋଷ ଭୋଳ, ସରତ ସେଠୀ ପ୍ରମୁଖ ଏତଲା ଦାଖଲ ବେଳେ ଉପସ୍ଥିତ ଥିଲେ। କଂଗ୍ରେସର ଜଣେ ବରିଷ୍ଠ ନେତାଙ୍କ ବିରୋଧରେ ଏପରି ଆପତ୍ତି ଜନକ ମନ୍ତବ୍ୟ ସୋସିଆଲ ମିଡ଼ିଆରେ ପୋଷ୍ଟ କରିବା ଏକ ଗୁରୁତର ଅପରାଧ। ତେଣୁ ସୋସିଆଲ ମିଡ଼ିଆରେ ପ୍ରଚାର କରିଥିବା ରତନ ରଂଜନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ପକ୍ଷରୁ ଏତଲାରେ ଦାବି କରାଯାଇଛି।



# ବନ୍ୟାପାଣି ଘେରରେ ପତ୍ରାପାଲି ହରିଜନପଡା
## ସ୍ଥିତି ଅନୁଧ୍ୟାନ କଲେ ବିଡ଼ିଓ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତ ଅଧିନସ୍ଥ ପତ୍ରାପାଲି ବସଷ୍ଟାଣ୍ଡରୁ ହରିଜନପଡା ପର୍ଯ୍ୟନ୍ତ ବନ୍ୟାପାଣି ଜମି ରହିଛି। ପାଣି ନିଷ୍କାସନର କୌଣସି ବ୍ୟବସ୍ଥା ନଥିବାରୁ ହରିଜନ ପଡାରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ଓ ରବିବାର ହୋଇଥିବା ମୂଷଳଧାରା ବର୍ଷା ଯୋଗୁଁ ଘରେ ପାଣି ପଶି କାନ୍ଥସବୁ ଫୋଟକା ହୋଇଯାଇଛି। ଫଳରେ ପଡାବାସୀଙ୍କୁ ଘର ଭାଙ୍ଗିବାର ଚିନ୍ତା ଘାରିଛି। ଘରମାନଙ୍କରେ ଥିବା ପାଇଖାନା ଟାଙ୍କିରେ ବନ୍ୟାପାଣି ପଶି ଯାଇଥିବାରୁ ବିଭିନ୍ନ ରୋଗ ସୃଷ୍ଟି ହେବା ଆଶଙ୍କା ବଢିଛି। ଏ ସମ୍ପର୍କରେ ଖବରପାଇ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ,ତହସିଲଦାର ମିତାଲି ମଧୂମିତା ଦଳେଇ,କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, କନିଷ୍ଠ ଯନ୍ତ୍ରୀ ଭବାନୀଶଙ୍କର ପ୍ରଗଣିଆ,ସରପଞ୍ଚ ସୁବାସିନୀ ଧାନ, ପିଇଓ ଆଶା ପ୍ରଧାନ ପ୍ରମୁଖ ପତ୍ରାପାଲି ହରିଜନ ପଡାକୁ ଆସି ସ୍ଥିତି ଯାଞ୍ଚ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଦମକଳ ଦ୍ୱାରା ଦୀର୍ଘ ସମୟ ଧରି ପାଣି ନିଷ୍କାସନ କରିଥିଲେବି ପାଣି ନିଷ୍କାସନ କିମ୍ବା ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ହୋଇନଥିବାରୁ ପଡାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ପୁଣି ବିଡିଓ ଏବଂ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୟ ନାଏକ ପାଣି ଜମାହୋଇଥିବା ସ୍ଥାନ ପରିଦର୍ଶନ କରି ଜେସିବି ଦ୍ୱାରା ପାଣି ନିଷ୍କାସନ ପାଇଁ ଏକ ଅସ୍ଥାୟୀ ଡ୍ରେନ ଖୋଳିଛନ୍ତି।



## ବାରମ୍ବାର ଶିକ୍ଷକ ପୂରଣ ଦାବି କରି ହତାଶ
# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

କାଶୀନଗର(ନିପ୍ର): କାଶୀନଗର ବ୍ଲକ୍ ଅନ୍ତର୍ଗତ ଅଲଡା ପଞ୍ଚାୟତର ଲେଙ୍ଗଟାଗୁଡ଼ା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୨୦ ଜଣ ଛାତ୍ର ଛାତ୍ରୀ ପଢୁଥିବା ବେଳେ ଅଦ୍ୟାବଧି ମାତ୍ର ଦୁଇ ଜଣ ଶିକ୍ଷକଙ୍କୁ ନେଇ ପାଠପଢା ଚାଲିଛି। ପ୍ରାପ୍ତ ସୂଚନାରୁ ଜଣାଯାଏ ଯେ, ୨୦୨୪ ମସିହାରେ ତତ୍କାଳୀନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସର ପରେ ତାଙ୍କ ସ୍ଥାନ ଏପର୍ଯ୍ୟନ୍ତ ପୂରଣ ହୋଇନି। ସେଠାରେ ଥିବା ତିନି ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ସିଦ୍ଧାମଡଙ୍କ କ୍ଲଷ୍ଟରରେ ସିଆରସିସି ଓ ଅନ୍ୟ ଜଣେ ଶିକ୍ଷକ ବିଏଲଓ କାର୍ଯ୍ୟ ତୁଲାଉ ଥିବାବେଳେ ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହିଁ ସରକାରଙ୍କ ବିଭିନ୍ନ ଦାୟିତ୍ୱ ତୁଲାଇବା ସହ ସ୍କୁଲ ମଧ ଚଳାଉଛନ୍ତି । ରାଜ୍ୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ପ୍ରାଥମିକ ସ୍ତରରେ କୋଟି କୋଟି ଟଙ୍କା ବ୍ୟୟ ହେଉଥିବାବେଳେ ଏଠାରେ ଏକ ଆଦିବାସୀ ବହୁଳ ଗ୍ରାମୀଣ ସ୍କୁଲ୍‌ରେ ପାଠପଢା ନିମନ୍ତେ ନିର୍ଦ୍ଦିଷ୍ଟ ସଂଖ୍ୟକ ଶିକ୍ଷକ ନିଯୁକ୍ତି ନ କରିବା ସରକାରଙ୍କ ନିଶ୍ଚିନ୍ତ ଉଦାସୀନତା । ଗ୍ରାମବାସୀ ତଥା ଅଭିଭାବକ ମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଅନ୍ୟ ଉଚ୍ଚ ପଦାଧିକାରୀଙ୍କୁ ଅଭିଯୋଗ କରି ସମସ୍ୟାର ଉଚିତ ସମାଧାନ ପାଇଁ ଦାବି ଉପସ୍ଥାପନ କରିଛନ୍ତି। ଏପରିକି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ବୈଠକରେ ମଧ ଦାବି ଉପସ୍ଥାପନ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀ ତଥା ଅଭିଭାବକମାନେ କ୍ଷୋଭ ପ୍ରକାଶ କରି ସ୍କୁଲରେ ତାଲା ପକାଇଥିଲେ, ଯେପର୍ଯ୍ୟନ୍ତ ସରକାରଙ୍କ ତତଫରୁ ଶିକ୍ଷକ ନିଯୁକ୍ତି ନ ହୋଇଛି ସେମାନେ ଆନ୍ଦୋଳନରତ ରହିବେ ବୋଲି ପ୍ରକାଶ କରିଛନ୍ତି। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ସୁକାନ୍ତି ଶବର, ସମିତି ସଭ୍ୟା ପାର୍ବତୀ ଶବର, ସ୍କୁଲ ପରିଚାଳନା କମିଟି ଉପାଧ୍ୟକ୍ଷା କବିତା ବିଡିକା ଓ ଅନ୍ୟ ଗ୍ରାମବାସୀ ମାନେ ଉପସ୍ଥିତ ରହି ଆନ୍ଦୋଳନରେ ଯୋଗ ଦେଇଥିଲେ।



# କୋଣାର୍କ ମେଡିକାଲ ଛକ ରାସ୍ତା ପାଲଟିଛି ମରଣଯନ୍ତା
## ଗମନାଗମନ ବାଧାପ୍ରାପ୍ତ, ଦୁର୍ଘଟଣା ଆଶଙ୍କା କଲେ ଜନତା

କୋଣାର୍କ(ନିପ୍ର): କୋଣାର୍କ - ଗୋପ ପୂର୍ତ୍ତ ବିଭାଗ ରାସ୍ତାର କୋଣାର୍କ ମେଡିକାଲ ଛକଠାରୁ ଦୀର୍ଘ ୩୦୦ ମିଟର ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ମରଣଯନ୍ତା ପାଲଟିଥିବା ବେଳେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଖବରରୁ ପ୍ରକାଶ ଯେ, କୋଣାର୍କ ମେଡିକାଲ ଛକଠାରୁ ଦୀର୍ଘ ୩୦୦ ମିଟର ପୂର୍ତ୍ତ ରାସ୍ତାରେ ବିରାଟକାୟ ଗାତ ସୃଷ୍ଟି ହୋଇ ଖାଲଖମା ଯୋଗୁଁ ଯାତାୟାତ କରୁଥିବା ଯାତ୍ରୀବାହୀ ବସ, ଚାରି ଚକିଆ ଯାନ ଓ ଦୁଇ ଚକିଆ ଯାନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ଆଶଙ୍କା ସୃଷ୍ଟି ହୋଇଛି। ଉକ୍ତ ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିବା ବେଳେ ଗମନାଗମନ ପାଇଁ ଅନୁପଯୋଗୀ ହୋଇପଡିଛି। ପର୍ଯ୍ୟଟକ ଓ ଜନସାଧାରଣ ମାନଙ୍କ ସୁରକ୍ଷା ଗମନାଗମନ ବ୍ୟବସ୍ଥା ପାଇଁ କୋଣାର୍କ ମେଡିକାଲ ଛକଠାରୁ ଦୀର୍ଘ ୩୦୦ ମିଟର ପୂର୍ତ୍ତବିଭାଗ ରାସ୍ତା ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ପୂର୍ତ୍ତବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ପୁରୀ ଜିଲ୍ଲାପାଳଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ, ପର୍ଯ୍ୟଟକ ପ୍ରେମୀ, ପର୍ଯ୍ୟଟକ, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।





ଭୁବନେଶ୍ୱର: ୟୁନିଟ ୨ ରେ ଆୟୋଜିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ- ଦିନଲିପି)




ଭୁବନେଶ୍ୱର ସ୍ଥିତ ଭକ୍ତକବି ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ୭୬ତମ ରାଜ୍ୟସ୍ତରୀୟ ବନମହୋତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଦୁଇ ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ

**ଧର୍ମଗଡ଼, ୭/୭(ନିପ୍ର):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ବୋଡେନରୁ ଦାବ୍ରିପଦର ରାସ୍ତା ମଝିରେ ସୋମବାର ବିପରୀତ ଦିଗରୁ ଆସୁଥିବା ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ଜଣକ ତରାପୁର ଗ୍ରାମର ପୁଳସ୍ତ ଚଣ୍ଡି ବୋଲି ସୂଚନା ମିଳିଛି। ସୂଚନାରୁ ପ୍ରକାଶ ଯେ ଓଡି ୦୮ ୱାଇ ୪୪୬୦ ନମ୍ବର ଏଚଏଫ ଡିଲକ୍ସ ବାଇକ ଯୋଗେ ତରାପୁର ଗ୍ରାମର ପୁଳସ୍ତ ଚଣ୍ଡୀ ଓ କେଦାର ବାଗ ଧର୍ମଗଡରୁ ନିଜ ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଓଡି ୧୭ ଏବି ୬୪୧୯ ନମ୍ବର ପଲସର ବାଇକ ଯୋଗେ ଧର୍ମଗଡ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ରମାନନ୍ଦ ଭୋଇ କାର୍ଯ୍ୟ ସାରି ଧର୍ମଗଡ ଆସୁଥିବା ବେଳେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ସ୍ଥଳରୁ ୨ ଜଣ ଗୁରୁତରଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆମ୍ବୁଲାନ୍ସ ଯୋଗେ ପୁଳସ୍ତଚଣ୍ଡିକୁ ଧର୍ମଗଡ ହସ୍ପିଟାଲ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି ।

# ସୁସ୍ଥ ହୋଇ ଫେରିଲେ ନବୀନ ପଟ୍ଟନାୟକ



**ଭୁବନେଶ୍ୱର, ୭/୭(ନିପ୍ର):** ସର୍ଭାଇକଲ ଆର୍ଥ୍ରାଇଟିସ ସର୍ଜରୀ ପରେ ସଂପୂର୍ଣ୍ଣ ସୁସ୍ଥ ହୋଇ ହସପିଟାଲରୁ ଡିସଚାର୍ଜ ହେଲେ ନବୀନ ପଟ୍ଟନାୟକ । ସୁସ୍ଥ ହେବା ସହ ସ୍ୱାଭାବିକ ଚଲାବୁଲା କରୁଥିବାରୁ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଡିସଚାର୍ଜ କରାଯାଇଛି । ଜୁନ ୨୨ରେ ମୁମ୍ବାଇର କୋକିଲାବେନ ଧୀରୁବାଇ ଅମ୍ବାନୀ ହସପିଟାଲରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା । ଏବେ ନିୟମିତ ଫିଜିଓଥେରାପି କରିବାକୁ ପଡ଼ିବ । ଡିସଚାର୍ଜ ପରେ ନିୟମିତ ଫିଜିଓଥେରାପି କରିବାକୁ ପଡ଼ିବ ବୋଲି ପୂର୍ବରୁ କହିଥିଲେ ଡାକ୍ତର ରମାକାନ୍ତ ପଣ୍ଡା। ଆଉ କିଛି ଦିନ ମୁମ୍ବାଇରେ ରହିବେ ନବୀନ । ସର୍ଭାଇକାଲ ଆର୍ଥ୍ରାଇଟିସ ସର୍ଜରୀ ପାଇଁ ଜୁନ ୨୦ରେ ମୁମ୍ବାଇ ଗସ୍ତ କରିଥିଲେ ନବୀନ। ନବୀନଙ୍କ ଅପରେସନ ପାଇଁ ରାଜ୍ୟବ୍ୟାପୀ ଲୋକମାନେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ବିଭିନ୍ନ ମନ୍ଦିର ଓ ଦେବାଳୟରେ ହୋଇଥିଲା ପୂଜାର୍ଚ୍ଚନା ଓ ଦୀପଦାନ। ୨୨ ତାରିଖରେ ହୋଇଥିଲା ଅପରେସନ। ସର୍ଜରୀ କରିଥିଲେ ପ୍ରସିଦ୍ଧ ସ୍ପାଇନ ସର୍ଜନ ଡାକ୍ତର ରାଜଶେଖର ଓ ଟିମ। ମୋଟ ୪ ଘଣ୍ଟାର ଅପରେସନ ଥିଲା । ମୁଖ୍ୟ ଅପରେସନ ୨ ଘଣ୍ଟାରୁ କମ୍ ଥିଲା । ଅପରେସନ ସଫଳ ହୋଇଥିବା କହିଥିଲେ ଡାକ୍ତର। ପରେ ସେ ଦ୍ରୁତ ଆରୋଗ୍ୟ ଲାଭ କରୁଥିବା ନବୀନଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକ ମଧ୍ୟ କହିଥିଲେ। ଜୁନ ୨୫ରେ ଆଇସିୟୁରୁ ରୁମକୁ ସିଫ୍ଟ ହୋଇଥିଲେ ନବୀନ। ରଥଯାତ୍ରା ଦିନ ନବୀନ ଟିଭିରେ ରଥଯାତ୍ରା ଦେଖୁଥିବାର ଭିଡିଓ ମଧ୍ୟ ଆସିଥିଲା । ସର୍ଭାଇକାଲ ଆଥ୍ରାଇଟିସ ସାଧାରଣତଃ ଏକପ୍ରକାର ଅଷ୍ଟିଓଆର୍ଥ୍ରାଇଟିସ। ଏହାଦ୍ୱାରା ବେକର ମେରୁଦଣ୍ଡର ହାଡ଼ ଓ ଜଏଣ୍ଟ ଗୁଡିକ ପ୍ରଭାବିତ ହୋଇଥାଏ। ବେକର ଜଏଣ୍ଟରେ ଥିବା କାର୍ଟିଲେଜ ଧୀରେଧୀରେ କ୍ଷୟ ହୋଇଯାଏ। ଏହାପରେ ବେକରେ ଯନ୍ତ୍ରଣା ଓ ସମସ୍ୟା ସୃଷ୍ଟି ହୋଇଥାଏ । ଆଘାତ, ଅତ୍ୟଧିକ ଚାପ ବା ଜେନେଟିକ କାରଣରୁ ହୋଇଥାଏ ସର୍ଭାଇକାଲ ଆର୍ଥ୍ରାଇଟିସ । ଏହି ଯନ୍ତ୍ରଣାରୁ ଉପଶମ ପାଇଁ ସର୍ଜରୀର ଆବଶ୍ୟକତା ହୋଇଥାଏ। ସର୍ଜରୀ ଦ୍ୱାରା ବେକ ଓ ମେରୁଦଣ୍ଡ ସଂଲଗ୍ନ କ୍ଷୟ ହୋଇଯାଇଥିବା କାର୍ଟିଲେଜକୁ ବାହାର କରି ଦିଆଯାଇଥାଏ। ଏହା ସ୍ଥାନରେ ଆର୍ଟିଫିସିଆଲ ଡିସ୍କ ଖଞ୍ଜା ଯାଇଥାଏ। ଦିନେ ଦୁଇଦିନ ମଧ୍ୟରେ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଥାଏ ।

# ୪୪ ବର୍ଷରେ ପାଦ ଥାପିଲେ ଧୋନୀ



**ରାଞ୍ଚି, ୭/୭:** ସୋମବାର କିମ୍ବଦନ୍ତୀ କ୍ରିକେଟର ମହେନ୍ଦ୍ର ସିଂ ଧୋନୀଙ୍କ ଥିଲା ଜନ୍ମଦିନ । ୪୪ ବର୍ଷରେ ପାଦ ଦେଲେ ମାହି । କ୍ୟାପଟେନ୍ କୁଲ୍ ଭାବେ ପରିଚିତ ଏମଏସ ଧୋନୀ ମ୍ୟାଚର ବେଷ୍ଟ ଫିନିସର । କୌଣସି ବି ମ୍ୟାଚ୍ ଆପଣ ଦେଖିବେ ଯଦି ଧୋନୀ ଶେଷ ଯାଏଁ ଥିବେ ତାହାଲେ ସିଏ ଦଳକୁ ବିଜୟ ସହ ଏକ ସୁନ୍ଦର ଛକା, ଚୌକା ସହ ଫିନିସ୍ କରିଥିବାର ଅନେକ ନଜିର ରହିଛି । ତେବେ ପୂର୍ବତନ ଭାରତୀୟ କ୍ରିକେଟର ଧୋନୀ ଡାହାଣ ହାତି ବ୍ୟାଟର ହୋଇଥିବା ବେଳେ ୱିକେଟ୍ କିପର ଭାବେ ତାଙ୍କ ଦକ୍ଷତା ଦେଖିଛି ଦୁନିଆ । ଟିମ୍ ଇଣ୍ଡିଆକୁ ଅନେକ ସଫଳତା ଆଣି ଦେଇଥିବା ଧୋନୀଙ୍କର ଆଜି ଜନ୍ମଦିନ । ୧୯୮୧ ଜୁଲାଇ ୭ ତାରିଖରେ ରାଞ୍ଚିରେ ଜନ୍ମ ଗ୍ରହଣ କରିଥିବା ମହେନ୍ଦ୍ର ସିଂ ଧୋନୀଙ୍କୁ ଇତି ମଧ୍ୟରେ ୪୪ ଛୁଇଁଛି । ସେପଟେ ସୋମବାର ସକାଳେ କେକ୍ କାଟି ନିଜ ଜନ୍ମଦିନ ଧୋନୀ ପାଳିଥିବା ବେଳେ ତାଙ୍କ ବାସଭବନ ସାମ୍ନାରେ ପ୍ରଶଂସକଙ୍କ ଭିଡ ଜମିଛି । ରାଞ୍ଚି ସ୍ଥିତ ତାଙ୍କ ବାସଭବନ ଆଗରେ ଏମଏସ ଧୋନୀ ଫ୍ୟାନ୍ କ୍ଲବର ସଦସ୍ୟମାନେ କେକ୍ କାଟି ଜନ୍ମଦିନ ପାଳନ କରୁଥିବା ଦେଖିବାକୁ ମିଳିଥିଲା ।

## ହାର୍ଡକୋର ମାଓବାଦୀ ନିହତ

ମାଲକାନଗିର,୭।୭ : ପୋଲିସ ଗୁଳିରେ ଜଣେ ହାର୍ଡକୋର ମାଓବାଦୀ ନିହତ ହୋଇଛି । ଏହି ମାଓବାଦୀ ଜଣକ ପିଏଲଜିଏ ବାଟାଲିୟନ ନମ୍ବର-୧ର ଡେପୁଟି କମାଣ୍ଡର ସୋଡି କନ୍ନା । ତା ମୁଣ୍ଡ ଉପରେ ୮ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ଛତିଶଗଡ଼ ସରକାର । ଛତିଶଗଡ ବିଜାପୁର ଜିଲ୍ଲାର ନ୍ୟାସନାଲ ପାର୍କ ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀ ମଧ୍ୟରେ ସୋମବାର ଗୁଳି ବିନିମୟ ଫଳରେ ସୁରକ୍ଷାକର୍ମୀଙ୍କ ଗୁଳିରେ ସୋଡି କନ୍ନାର ମୃତ୍ୟୁ ହୋଇଛି । ଘଟଣାସ୍ଥଳରୁ ଗୋଟିଏ ବନ୍ଧୁକ ସହ ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି । ଏହି ଜଙ୍ଗଲରେ ତଲାସି ଅପରେସନ ଜାରି ରହିଛି ।

## ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

**ପୁରୀ, ୭/୭(ନିପ୍ର):** ଜୁନ ମାସ ୨୫ ତାରିଖଠାରୁ ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ଜିଲ୍ଲା ପ୍ରଶାସନ ଓ ଓରମାସ ପକ୍ଷରୁ ଆରମ୍ଭ ହୋଇଥିବା ପଲ୍ଲିଶ୍ରୀ ମେଳା ସୋମବାର ଉଦଯାପିତ ହୋଇ ଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଚଞ୍ଚଳ ରାଣା ଯୋଗ ଦେଇ ଏହି ମେଳା ମାଧ୍ୟମରେ ଆମ ଗ୍ରାମୀଣ ଶିଳ୍ପୀ ଓ କଳାକାରମାନେ କେବଳ ସେମାନଙ୍କ ପ୍ରତିଭାକୁ ପ୍ରଦର୍ଶନ କରୁନାହାନ୍ତି ତା ସହ ଆର୍ଥିକ ଅଭିବୃଦ୍ଧି ମଧ୍ୟ କରୁଛନ୍ତି ବୋଲି କହିଥିଲେ। ପଲ୍ଲିଶ୍ରୀ ମେଳାର ଲକ୍ଷ୍ୟ ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟର ଗ୍ରାମୀଣ କାରିଗର, ବୁଣାକାର, କାରିଗର, ଉତ୍ପାଦକ ଏବଂ ମହିଳା ଏସ ଏଚ ଜି ସଦସ୍ୟମାନଙ୍କୁ ସେମାନଙ୍କର ଅନନ୍ୟ ଉତ୍ପାଦ ପ୍ରଦର୍ଶନ ଏବଂ ବଜାର କରଣ ପାଇଁ ଏକ ସ୍ପନ୍ଦନଶୀଳ ପ୍ଲାଟଫର୍ମ ପ୍ରଦାନ କରିବା ବୋଲି ସେ କହିଥିଲେ।

## ବିଦ୍ୟୁତ ସେବାରେ ଟାଟା ପାୱାର ବିଫଳ !

**ଡେରାବିଶ, ୭/୭(ନିପ୍ର):** ହିତାଧିକାରୀଙ୍କୁ ନିୟମିତ ବିଦ୍ୟୁତ ଯୋଗାଇ ଦେବା ପାଇଁ ସରକାରଙ୍କ ନିର୍ଦ୍ଦେଶ ନାମା ଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଅଞ୍ଚଳରେ ବିଦ୍ୟୁତ ଉପଭୋକ୍ତାଙ୍କୁ ନିରନ୍ତର ସେବା ମିଳୁନାହିଁ। ବିଦ୍ୟୁତ ମରାମତି ଓ ସରବରାହ ଦାୟିତ୍ୱ ଟାଟା ପାୱାର କମ୍ପାନୀକୁ ଦିଆଯାଇଛି। ହେଲେ ପ୍ରତ୍ୟେକ ଦିନ,୧୦ ରୁ ୧୫ ଥର ଅଘୋଷିତ ବିଦ୍ୟୁତ କଟା ଯାଉଛି। ବିଦ୍ୟୁତ ବିଭାଗ ଟାଟା ପାୱାର କମ୍ପାନୀକୁ ଯିବା ପରେ ଲୋକମାନେ ଭାବୁଥିଲେ ଭଲ ସେବା ମିଳିବ ବୋଲି ଆଶା କରିଥିଲେ ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। କମ୍ପାନୀ ଦାୟିତ୍ୱ ନେବା ପରେ ବିଦ୍ୟୁତଦେୟ ବଢିଲା ସିନା ନିରନ୍ତର ସେବା ମିଳିଲା ନାହିଁ। ବାରମ୍ବାର ବିଦ୍ୟୁତ କାଟିବା ଦ୍ୱାରା ବୃଦ୍ଧା ବୃଦ୍ଧ,ରୋଗୀ ଓ ଶିଶୁମାନେ ହଇରାଣ ହେଉଛନ୍ତି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଦ୍ଧିଜୀବୀ ପ୍ରଭାକର ଲେଙ୍କା କହିଛନ୍ତି ଡେରାବିଶ ଅଞ୍ଚଳରେ ପ୍ରତି ଘଣ୍ଟାରେ ୧୦ ରୁ ୧୫ ମିନିଟ୍ ବିଦ୍ୟୁତ କାଟ ହେଉଛି । ଆକାଶରେ ବାଦଲ ଡାଙ୍କିଲେ ଗଛପତ୍ର ସାମାନ୍ୟ ହଲିଲେ ଓ ବର୍ଷା ହେଲେ ୩ ରୁ ୪ ଘଣ୍ଟା ବିଦ୍ୟୁତ କାଟ ହେଉଛି। ଏ ବିଷୟରେ ବିଦ୍ୟୁତ ବିଭାଗୀୟଙ୍କୁ ପଚାରିଲେ ସେ ବିଭିନ୍ନ ଆଳ ଦେଖାଉଛନ୍ତି। କେତେବେଳେ ତାର ଛିଣ୍ଡିଚି ତ କେତେବେଳେ ଏବି ସୁଇଚ୍ ଖରାପ କହି ଦେଉଛନ୍ତି ।




## ଜୁଆଖେଳ ବୃଦ୍ଧି; ଗ୍ରାମବାସୀଙ୍କୁ ଧମକ ଚମକ ନେଇ ଏସ୍‌ପିଙ୍କୁ ଅବଗତ

**ନିମାପଡ଼ା,୭।୭(ନିପ୍ର):** ନିମାପଡ଼ା ପୌରାଞ୍ଚଳ ସମେତ ଗୋଲେଇ ଛକ, କୁଶଭଦ୍ରା ନଦୀବନ୍ଧ ସମେତ ବିଭିନ୍ନ ସ୍ଥାନରେ ଜୁଆଖେଳ ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ଜନସାଧାରଣ ଶୀକାର ହେଉଥିବା ଅଭିଯୋଗ ହୋଇଛି । ଖୋର୍ଦ୍ଧା, ଜଗତସିଂହପୁର, କଟକ, ପାରାଦ୍ୱୀପ ଆଦି ଅଞ୍ଚଳର ଅନେକ ନାମୀଦାମୀ ବ୍ୟକ୍ତି ବିଶେଷ ବିଭିନ୍ନ ପ୍ରକାର ୪ ଚକିଆ ଗାଡ଼ିରେ ଆସି ବିଳମ୍ବିତ ରାତିରେ ନଦୀବନ୍ଧରେ ଗାଡ଼ି ରଖି ସିଦ୍ଧେଶ୍ୱର ମନ୍ଦିର ପରିସରରେ ଯାଇ ଜୁଆଖେଳ ଖେଳୁଥିବା ନିକଟସ୍ଥ ଗ୍ରାମବାସୀମାନେ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ କିଛି ଜନସାଧାରଣ ଆପତ୍ତି କରିବାରେ ଧମକ ଚମକ ମିଳିଥିବା ମଧ୍ୟ ପୋଲିସକୁ ଜଣାଇ ଦିଆଯାଇଛି । ଜିଲ୍ଲା ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରାଯିବାରୁ ସ୍ଥାନୀୟ ପୋଲିସ ଭ୍ୟାନ୍ ଆସି ଜୁଆ ଖେଳୁଥିବା ଲୋକଙ୍କ ସହ ହସଖୁସି କରି ପଳାଇ ଥିବା ନେଇ ଗ୍ରାମବାସୀମାନେ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲା ଏସ୍‌ପିଙ୍କୁ ଅବଗତ କରିଛନ୍ତି।

# ୬ ଦଫା ଦାବିରେ ଡ୍ରାଇଭରମାନଙ୍କ ଆଜିଠାରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ



**ଚାରିଛକ,୭।୭(ନିପ୍ର):** ରାଜ୍ୟ ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି (ଅଜୁଭାଇ)ଙ୍କ ଆହ୍ୱାନକ୍ରମେ ୮ ତାରିଖ ମଙ୍ଗଳବାରଠାରୁ ସାରା ରାଜ୍ୟରେ ଡ୍ରାଇଭରମାନେ ଷ୍ଟିଅରିଂ ଛାଡି ଆନ୍ଦୋଳନକୁ ଓହ୍ଲାଇବେ । ଡ୍ରାଇଭରମାନଙ୍କ ୬ଟି ଦାବି ପୂରଣ ପାଇଁ ମହାସଂଘ ତରଫରୁ ବାରମ୍ବାର ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିବା ବେଳେ ରାଜ୍ୟ ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି । ତେଣୁ ମହାଂଘର ଡାକରାରେ ମଙ୍ଗଳବାରଠାରୁ ସାରା ରାଜ୍ୟରେ ଷ୍ଟିଅରିଂ ଛାଡ ଆନ୍ଦୋଳନ ଡାକରା ଦିଆଯାଇଛି । ସୋମବାର ନିମାପଡା ଡ୍ରାଇଭର ମହାସଂଘର ସଭାପତି ଶୁକଦେବ ବେହେରା ନିମାପଡା,ବଳଙ୍ଗା ଓ ଚାରିଛକ ଅଂଚଳରେ ଥିବା ସମସ୍ତ ଡ୍ରାଇଭର ଭାଇମାନଙ୍କୁ ଆସନ୍ତାକାଲି ରାଜ୍ୟ ସଭାପତି ଦେଇଥିବା ବନ୍ଦ ଡାକରାକୁ ସମର୍ଥନ ଜଣାଇ ସମସ୍ତେ ଷ୍ଟିଅରିଂ ଛାଡ କରିବାକୁ ନିବେଦନ କରିଛନ୍ତି। ମୁଖ୍ୟ ଦାବି ଗୁଡିକ ମଧ୍ୟରେ (୧) ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଓ ୱାର୍କର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରାଯାଉ, (୨) ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନର ବ୍ୟବସ୍ଥା କରାଯାଉ। (୩)ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ। (୪)ଗାଡିଗୁଡିକ ପାର୍କିଂ ଓ ଚାଳକମାନଙ୍କ ବିଶ୍ରାମ ନେବାପାଇଁ ଗାଡି ପାର୍କିଂ ସହିତ ବିଶ୍ରାମଗାର ଓ ଶୌଚାଳୟ ପ୍ରତି ୧୦୦କିମି ବ୍ୟବଧାନରେ କରାଯାଉ। (୫)ଓଡିଶାରେ ଥିବା ପ୍ରତ୍ୟେକ ଖଣି ଖାଦନ ଏବଂ କାରଖାନା ଗୁଡିକରେ ଶତକଡା ୭୦ ପ୍ରତିଶତ ଓଡିଶାର ଡ୍ରାଇଭର ଭାଇମାନଙ୍କୁ କାମ କରିବାକୁ ଅଗ୍ରାଧିକାର ଦିଆଯାଉ। (୬) ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୁପେ ଘୋଷଣା କରାଯାଉ । ଆଜିର ଏହି ପ୍ରସ୍ତୁତି ବୈଠକରେ ବ୍ଲକ ସଂଯୋଜକ ମାନସ କୁମାର ବାରିକ, ଉପ-ସଭାପତି ପାଣ୍ଡବ ମଲ୍ଲିକ(ବାପି), ସଂପାଦକ ଅଜୟ ବେହେରା,ସହ-ସଂପାଦକ ପ୍ରଶାନ୍ତ କୁମାର ସାହୁ, ସୁଶେନ ଖୁଂଟିଆ, ଓମ ପ୍ରକାଶ ନାୟକ,ଚାରିଛକ ଜୋନ ସଂଯୋଜକ ସେକ୍ ମୁସ୍ତାକ ଅଲ୍ଲି,ସଂଜୟ ମହାନ୍ତିଙ୍କ ସମେତ ସମସ୍ତ ଡ୍ରାଇଭର ଭାଇମାନେ ଉପସ୍ଥିତଥିଲେ ।

## ବିଦ୍ୟୁତ୍ କରେଣ୍ଟ ଲାଗି ଗଲା ଜୀବନ

**କଣିହା, ୭/୭(ନିପ୍ର):** ବିଦ୍ୟୁତ୍ କରେଣ୍ଟ ଲାଗି ମହିଳା ମୃତ । ମୃତକ ଜଣକ ହେଲେ ବନବାସୀ ମହାକୁଳ । ସୂଚନା ମୁତାବକ ପାଲଲହଡା ଉପଖଣ୍ଡ ଖମାର ଥାନା ଅନ୍ତର୍ଗତ ସୁଲିଆ ଗାଁର ବନବାସୀ ନିଜ ପୋଷା ଛେଳି ଗୁଡ଼ିକୁ ଚିକିତ୍ସା କରିବା ପାଇଁ ନିକଟବର୍ତ୍ତୀ ପଶୁ ଡ଼ାକ୍ତରଖାନାକୁ ଆଣିଥିଲେ । ଚିକିତ୍ସା ପରେ ଘରକୁ ଫେରିବା ସମୟରେ ନୂତନ ଭାବେ ନିର୍ମାଣ ହେଉଥିବା ପଶୁ ଡାକ୍ତରଖାନାରେ ହୋଇଥିବା ଆର୍ଥୀଙ୍ଗ କରେଣ୍ଟ ଲାଗି ମୃତୁ ହୋଇଥିବା ଜଣା ପଡ଼ିଛି । କିନ୍ତୁ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି । ହେଲେ ଆର୍ଥୀଙ୍ଗ ପଏଣ୍ଟରେ ମହିଳା ଲାଗି ରହିଥିବା ଦେଖିବାକୁ ମିଳିଛି । ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୋଟିଏ ସାପ ମରିବା ଓ ଚିକିତ୍ସା ପାଇଁ ଆସିଥିବା ଛେଳିଟି ବିଦ୍ୟୁତ୍ ଲାଗି ଠିକ୍ ସେ ଚାଲି ପାରୁନଥିବାକୁ ସନ୍ଦେହ କରାଯାଉଛି । ତେବେ ପରିବାର ଲୋକ ଓ ସ୍ଥାନୀୟ ଲୋକେ ମୃତ ଦେହକୁ ମେଡିକାଲରେ ରଖି କ୍ଷତିପୂରଣ ଦାବି କରିଛନ୍ତି ।

## ନବରଙ୍ଗପୁରରେ ଆରମ୍ଭ ହେଲା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା



**ନବରଙ୍ଗପୁର, ୭/୭(ନିପ୍ର):** ନବରଙ୍ଗପୁର ଜିଲ୍ଲାରେ ସୋମବାରଠାରୁ ପୁଣି ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା । ସ୍ୱାସ୍ଥ୍ୟ ଶିବିରରେ ଓଡ଼ିଶାର ବିଭିନ୍ନ ବିଭାଗର ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସେବା ଯୋଗାଇ ଦିଆଯାଇଛି । ଶିବିରରେ ବଡ଼ବଡ଼ ଜଟିଳ ରୋଗର ଚିକିତ୍ସା କରିବେ ବଡ଼ ଡାକ୍ତର । ଦେଢ଼ ବର୍ଷର ବ୍ୟବଧାନ ପରେ ନବରଙ୍ଗପୁର ଜିଲ୍ଲାରେ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା । ହାତ ପାଆନ୍ତାରେ ବଡ଼ ବଡ଼ ରୋଗର ଚିକିତ୍ସା ସେବା ପାଇବେ ଜିଲ୍ଲାବାସୀ । ଶିବିରରେ ୟୁରୋଲୋଜି, କିଡନୀଜନିତ ରୋଗ, ହୃଦରୋଗ, ପେଟ ଜନିତ ଜଟିଳ ରୋଗ, ଗଳଗଣ୍ଡ ରୋଗ, ମଧୁମେହ, ଜଟିଳ ଅନ୍ତନଳୀ ରୋଗ, ସ୍ନାୟୁଜନିତ ରୋଗ ଚିକିତ୍ସା କରାଯିବ । ରାଜ୍ୟର ବଡ଼ ଡାକ୍ତରଖାନା କଟକ ବଡ଼ ମେଡିକାଲ ସମେତ ବିଭିନ୍ନ ମେଡିକାଲର ସୁପର ସ୍ପେସିଆଲିଷ୍ଟ ଡକ୍ଟର ଆସି ଚିକିତ୍ସା ସେବା ଯୋଗାଉଛନ୍ତି । ଶିବିରରେ ରୋଗ ନିରୂପଣ କରି ଆବଶ୍ୟକ ଅସ୍ତ୍ରୋପଚାର କରାଯିବ । ଏନେଇ ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କୁ ପରାମର୍ଶ କରି ରୋଗୀମାନେ ନାମ ପଞ୍ଜୀକରଣ କରିଛନ୍ତି । କେବଳ ପଞ୍ଜୀକୃତ ରୋଗୀଙ୍କୁ ସମସ୍ତ ଚିକିତ୍ସା ସୁବିଧା ବିନା ମୂଲ୍ୟରେ ଯୋଗାଇ ଦିଆଯିବ । ସରକାର ପରିବର୍ତ୍ତନ ପରେ ପ୍ରଥମ ଥର ପାଇଁ ଏହି ବାୟୁ ସ୍ୱାସ୍ଥ୍ୟ ସେବା ଆରମ୍ଭ ହୋଇଛି । ଶିବିରର ପ୍ରଥମ ଦିନରେ ସ୍ପେସିଆଲିଷ୍ଟ ଡକ୍ଟର ରୋଗୀଙ୍କ ସ୍କ୍ରିନିଂ କରିବା ସହ ପ୍ରାଥମିକ ଚିକିତ୍ସା କରି ବିଭିନ୍ନ ପରୀକ୍ଷା କରିଛନ୍ତି । ଆସନ୍ତାକାଲି ଆଉ ସୁପର ସ୍ପେସିଆଲିଷ୍ଟ ଡକ୍ଟର ପହଞ୍ଚିବା ପରେ ରୋଗୀଙ୍କୁ ଅଧିକ ଚିକିତ୍ସା କରାଯିବ ।

CAD-1010

ODISHA COOPERATIVE TASAR & SILK FEDERATION (SERIFED) LTD.
Sahid Nagar, Janpath, Bhubaneswar-751 007, Tel : 2545586/2545852,
email- serifedodisha@gmail.com, website- www.serifedodisha.in

INVITATION FOR BIDS (e-Procurement)
Bid identification no:- VI-05(02)/SERIFED/2025-26/840

The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE. only, from the registered contractors for the work 01 (One) no of work in Jajpur district. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in. during the period dt.08.07.2025 to 17.00 hours up to dt. 31.07.2025. Online bids shall be received till 17.00 hours dt. 31.07.2025 & shall be opened at 11.30 AM on Dt. 07.08.2025. Any addendum / corrigendum / cancellation of tender can also be seen in the said website.

OIPR-39036/11/0060/2526




Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED**, Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ